
ହରଷ-36

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ

# ଚରମ

❋ ସପ୍ତମ ପୁଷ୍ପ ❋ ପଞ୍ଚମ ପାଖୁଡ଼ା ❋ ଷଟ୍‌ତ୍ରିଂଶତମ ସଂଖ୍ୟା ❋

ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ,
ସାଧାରଣ ସମ୍ପାଦକ,
ସ୍ୱର୍ଣ୍ଣକ୍ଷେତ୍ର, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❋

କେଶବାବ୍ଦ : ପଞ୍ଚଚତ୍ୱାରିଂଶଦ୍ ❋ ସ୍ନାନ ମାସ ❋ ଦେବସ୍ନାନ ପୂର୍ଣ୍ଣିମା

# ପ୍ରବେଶ ପରିଚିତି

ସପ୍ତମ ପୁଷ୍ପ
ପଞ୍ଚମ ପାଖୁଡ଼ା
ଷଟ୍‌ତ୍ରିଂଶତମ ସଂଖ୍ୟା

**ବୈଦିକ ପ୍ରାର୍ଥନା**

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ-
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ

ପୁନଃମୁଦ୍ରଣ : ଆବିର୍ଭାବ ମାସ, ଅପ୍ରେଲ ୨୦୧୫


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳା ଚରଣ | ୧ |
| ବନ୍ଦନା : ଶ୍ରୀପଦ ପାଦୁକା ସ୍ତୁତି | ୧ |
| **ସିଂହଦ୍ୱାର** | |
| ଚରମ ପୁରୁଷ ପାଦେ ନିଅ ଶରଣ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ପ୍ରେମରହସ୍ୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୬ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୭ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : 'ମୋହ' | ୯ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୪ |
| ବାଲ୍ୟକାରୁ ଧର୍ମଧନ ସଞ୍ଚ୍ଵି : | ୧୭ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୦ |
| ଜିଜ୍ଞାସା : ଜିଜ୍ଞାସୁ : | ୨୩ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୬ |
| କଲ୍ୟାଣ ଦେଲି ତୋତେ | ୨୯ |
| କେଶବ କୈବଲ୍ୟ କଣିକା | ୩୧ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୩ |
| ବିପରୀତ ରହସ୍ୟ ଭାବର ସରଳ ବ୍ୟାଖ୍ୟା | ୩୫ |
| ଉତ୍ସବ ପରିଚିତି : ଚରମ ହୀରା ସ୍ମରଣେ | ୩୮ |
| ଆଶ୍ରମ ସନ୍ଦେଶ | ୪୩ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



## ମଙ୍ଗଳାଚରଣ

ହେ ତାତ ତାସ୍ମଦ୍ ଖିଳ ଶିଷ୍ୟ ସଂଘାନ୍
ତ୍ୱମେବ ତ୍ରାତାଽଖିଳ ମୂଢ ସଂଘାନ୍
ଅମିତ ଶକ୍ତେ ! ହର ମେ ତୁ ଜାଡ୍ୟମ୍
ନିରାଶ୍ରୟ ମାଂ ତ୍ରାହି କେଶବେଶ !!

## ଶ୍ରୀପଦ ପାଦୁକା ସ୍ତୁତି

ଜୟ ଜୟ ପାଦୁକା ଗୋ ସୁକାନ୍ତି ତନୟ ।
ପାଦ ପାଇଁ ଝୁରେ ମନ ହୃଦୟ ଅଥୟ ॥
ଜୟ ଜୟ ପାଦୁକା ଗୋ ହେ ଯଦୁନନ୍ଦନ ।
ତୁମ ନାମ ଗୁଣ ଗାଇ ବିତି ଯାଉ ଦିନ ॥
ଜୟ ଜୟ ପାଦୁକା ଗୋ ଶରଣ ରକ୍ଷଣ ।
ପାଦ ତଳେ ସ୍ଥାନ ଦିଅ ନେଉଛି ଶରଣ ॥
ଜୟ ଜୟ ପାଦୁକା ଗୋ ଅନାଥର ନାଥ ।
ଚିର ଦିନ ପାଦ ତଳେ ନତ ମୋର ମାଥ ॥
ଜୟ ଜୟ ପାଦୁକା ଗୋ ବ୍ରହ୍ମାଣ୍ଡ କରତା ।
ନିଖିଳ ବିଶ୍ୱର ତୁମେ ଏକାହିଁ ବିଧାତା ॥
ଜୟ ଜୟ ପାଦୁକା ଗୋ ହୃଦୟ ଶଙ୍ଖାଳି ।
ବେଳ ଜାଣି ଏ ପୃଥ୍ୱୀରୁ ତଡ଼ି ଦେବୁ କଳି ॥
ଜୟ ଜୟ ପାଦୁକା ଗୋ କୃପା କରିଥିବୁ ।
କୃପା ଯୋଗ୍ୟ ପାତ୍ର କରି କୃପା ଭିକ୍ଷା ଦେବୁ ॥
ଦୀନ ହୀନ ଅକିଞ୍ଚନ ପାଦେ କରେ ଅଳି ।
ତୋ'ର ଭାବ ରସ ଦେଇ କରୁଥିବୁ କେଳି ॥
ଭୁଲିଲେ ତୋ ପାଦପଦ୍ମ ଦେବୁଗୋ ଯାତନା ।
ତୋ ମାୟାରେ ବାନ୍ଧି ପୁଣି ଦେବୁଗୋ ସାନ୍ତ୍ୱନା ॥
ତୋ ପାଦ ପାଦୁକା ତଳେ କୋଟି ପ୍ରଣିପାତ ।
ଶରଣଦ ବରଦା ଗୋ ବିନାଶ ସଂଘାତ ॥




## ଚରମ ପୁରୁଷ ପାଦେ ନିଅ ଶରଣ

ଚରମ ପରମ ଗାଥା କର ଭଜନ
ଅନାହୂତେ ତୁଟିଯିବ ଭବ ବନ୍ଧନ ।। ଘୋଷା ।।

ଚରମ ପରମ ଜ୍ଞାନ          ମହାଶୂନ୍ୟେ ଶୂନ୍ୟ ସ୍ଥାନ
ଆସିଛି ମରତେ ଝରି ଭାବେ ଦର୍ଶନ
ନିଷ୍କାମ କର୍ମରେ ଯାଇ          ମଣ୍ଡଳକୁ ଥାଅ ଚାହିଁ
ଡୋଳା ଓଲଟାଇ ବାନ୍ଧ କାଳ ଶମନ ।
ଚରମ ପରମ ଗାଥା.............।।୧।।
ଅବାଡ଼କୁ ବାଡ଼ ଦେଇ          ସଜାଡ଼ ଆପଣା ଦେହୀ
ପଞ୍ଚ ବୃକ୍ଷେ ଯାଅ ଛନ୍ଦି କାଳ ଦମନ
ଭକତିରେ ଭାବଦେଇ          ଅଭ୍ୟାସ ଧାରାରେ ରହି
ଜ୍ୟୋତିରେ ଜ୍ୟୋତି ମିଶାଇ ଧର ଯବନ ।
ଚରମ ପରମ ଗାଥା...............।।୨।।
ନିତ୍ୟରେ ଅରୂପାନନ୍ଦ          ସ୍ଥୂଳଶୂନ୍ୟ ପ୍ରେମାନନ୍ଦ
ଆନନ୍ଦ କନ୍ଦ ମୁକୁନ୍ଦ ମହୁରା ଜହ୍ନ
ଅନ୍ତିମ ବେଳ କରମ          କରଣେ ଜଞ୍ଜାଳୀ ପ୍ରାଣ
ଚରମ ପୁରୁଷ ପାଦେ ନିଅ ଶରଣ ।
ଚରମ ପରମ ଗାଥା .................।।୩।।

# ମୁଖଶାଳା

## ସଂପାଦକୀୟ

ବ୍ରହ୍ମଜ୍ଞ ଋଷି ଉଦ୍ଦାଳକ ଶ୍ୱେତକେତୁଙ୍କୁ ବ୍ରହ୍ମ ବିଷୟକ ଉପଦେଶ ଦେଇ କହିଥିଲେ - ଏକ ଅଦ୍ୱିତୀୟ ସଦ୍‌ବ୍ରହ୍ମ ହିଁ ସୃଷ୍ଟି ପୂର୍ବରୁ ବର୍ତ୍ତମାନ ଥିଲେ । ତାଙ୍କର ଇଚ୍ଛା ହେଲା - ଆମେ ପ୍ରଜାରୂପରେ ବହୁରେ ପରିଣତ ହେବୁ । 'ଏକୋଽହମ୍ ବହୁସ୍ୟାମ୍ ପ୍ରାଜାୟେୟ ।' (ପାଣ୍ଡୁଲିପି) ଇଚ୍ଛା ପ୍ରକାଶ କରିବା ମାତ୍ରେ ହିଁ ତେଜ ସୃଷ୍ଟି ହେଲା । ପରମାତ୍ମା ସୃଷ୍ଟି ବିଧାନ ପାଇଁ: ଯୋଗ ଅବଲମ୍ବନ କରି ନିଜକୁ ଦୁଇ ଭାଗରେ ବିଭକ୍ତ କଲେ । ତାଙ୍କର ଦକ୍ଷିଣାଙ୍ଗ ପୁରୁଷ ଏବଂ ବାମାଙ୍ଗ ହେଲେ ପ୍ରକୃତି । ଏହି ପ୍ରକୃତି ମଧ୍ୟ ବ୍ରହ୍ମଙ୍କ ପରି ନିତ୍ୟା, ସନାତନୀ ଏବଂ ମହାମାୟା ସ୍ୱରୂପା । ଯେପରି ଅଗ୍ନି ଓ ଅଗ୍ନିର ଦାହିକା ଶକ୍ତି ଏକତ୍ର ଅବସ୍ଥାନ କରେ, ସେହିପରି ପ୍ରକୃତି-ପୁରୁଷଠାରୁ ଭିନ୍ନ ନୁହେଁ । ପ୍ରଜା ସୃଷ୍ଟିର ମାନସିକତା ହେତୁ ପରମାତ୍ମା ଅନ୍ତର୍ଗର୍ଭ ହୋଇ ପରାପ୍ରକୃତି ପ୍ରତି ଦୃଷ୍ଟି ନିକ୍ଷେପ କଲେ । ତତ୍‌କ୍ଷଣାତ୍ ଗୋଟିଏ ତେଜମୟ ଅଣ୍ଡ ଉତ୍ପନ୍ନ ହେଲା । ଏହାର ଦୁଇ ଅଂଶ ସେଲାର ମଧ୍ୟଭାଗ ଦୁଇ ଅଂଶ ଯୋଡ଼ି ହେଲା ପରି ପରସ୍ପର ସଂଲଗ୍ନ । ଏହିପରି ଭାବରେ ପରମାତ୍ମା ଓ ତାଙ୍କର ଚିତ୍‌ଶକ୍ତି ଏକ ଏବଂ ଅଭିନ୍ନ । ଉକ୍ତ ଜ୍ୟୋତିର୍ମୟ ଅଣ୍ଡ ସଶବ୍ଦେ ଦୁଇଖଣ୍ଡରେ ବିଭକ୍ତ ହେଲା । ସେଥିରୁ ବିନ୍ଦୁ ଓ ନାଦ ଉତ୍ପନ୍ନ ହେଲା । ବିନ୍ଦୁ ଏବଂ ନାଦ ଶିବ ଓ ଶକ୍ତି ସ୍ୱରୂପ । ଏହି ବିନ୍ଦୁରୁ ସତ୍ତ୍ୱ, ରଜ ଓ ତମ - ଏହି ତିନି ଗୁଣର ସୃଷ୍ଟି ହେଲା । ସେଥିରୁ ଯଥାକ୍ରମେ ସତ୍ତ୍ୱ ଗୁଣର ବିଷ୍ଣୁ, ରଜଗୁଣରୁ  ବ୍ରହ୍ମା ଏବଂ ତମ ଗୁଣରୁ ମହେଶ୍ୱର ଉତ୍ପତ୍ତି ହେଲେ । ସେହିପରି ନାଦରୁ ଇଚ୍ଛା, କ୍ରିୟା ଓ ଜ୍ଞାନ - ଏହି ତିନି ଶକ୍ତି ଏବଂ ଏହି ତିନି ଶକ୍ତିରୁ ଲକ୍ଷ୍ମୀ, ବ୍ରାହ୍ମୀ ଏବଂ ଗୌରୀ - ଏହି ତ୍ରିଶକ୍ତି (ତ୍ରିଦେବୀ) ପ୍ରାଦୁର୍ଭୂତା ହେଲେ ।

ସାଂଖ୍ୟ କହେ - ସଂସାର ଦୁଃଖମୟ, ଜୀବ ତ୍ରିବିଧ ତାପ (ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ)ରେ ତାପିତ, ସନ୍ତାପିତ । ଏହି ତ୍ରିବିଧ ଦୁଃଖ ନିବୃତ୍ତି ହିଁ ପରମ ପୁରୁଷାର୍ଥ । ଏହି ଦୁଃଖ ନିବୃତ୍ତିର ଉପାୟ ଜ୍ଞାନ । କେଉଁ ଜ୍ଞାନ ? ପଚିଶ ତତ୍ତ୍ୱ ସମ୍ବନ୍ଧୀୟ ଜ୍ଞାନ  । ପ୍ରକୃତି ଓ ପୁରୁଷର ପାର୍ଥକ୍ୟ ଜ୍ଞାନ । ସୃଷ୍ଟି ପ୍ରପଞ୍ଚ ସହିତ ଆତ୍ମାର ସମ୍ବନ୍ଧ ସଂପର୍କରେ ଜ୍ଞାନ । ତେଇଶ ଗୋଟି ବିକାର ସହିତ **ମୂଳା ପ୍ରକୃତି** ଓ ପୁରୁଷ ବା ଅଷ୍ଟ ପ୍ରକୃତି, ଷୋଳ ବିକାର ଏବଂ ଏକ ପୁରୁଷ - ଏହି ପଞ୍ଚବିଂଶତି ତତ୍ତ୍ୱଜ୍ଞାନ । ପ୍ରକୃତିରେ ସତ୍ତ୍ୱ, ରଜ ଓ ତମ - ଏହି ତିନିଗୁଣ ସାମ୍ୟ ଅବସ୍ଥାରେ ଥାଏ । ପ୍ରକୃତି ହିଁ ଜଗତର ମୂଳ ଉପାଦାନ । ପ୍ରକୃତିର ଗୁଣତ୍ରୟରେ ସାମ୍ୟ ଭଙ୍ଗ ହେଲେ, ପ୍ରକୃତିର ବିକାର ସ୍ୱରୂପ ପ୍ରଥମ ପରିଣାମ ହେଉଛି ମହତତ୍ତ୍ୱ । 'ତା'ପରେ ଏହି ମହତତ୍ତ୍ୱର ବିକାରରୁ ଅହଂକାର, ପୁଣି ଅହଂକାରର ବିକାରରୁ ପଞ୍ଚ ତନ୍ମାତ୍ରା ଓ ଏକାଦଶ ଇନ୍ଦ୍ରିୟର ସୃଷ୍ଟି । ପଞ୍ଚ ତନ୍ମାତ୍ରାର ବିକାରରୁ ପଞ୍ଚମହାଭୂତ ଏବଂ ସର୍ବୋପରି ପୁରୁଷର ଉଦ୍ଭବ । ଏହିପରି ସର୍ବମୋଟ ପଞ୍ଚବିଂଶତି ତତ୍ତ୍ୱ । ପ୍ରକୃତିରୁ ଜଗଦ୍‌ପ୍ରପଞ୍ଚର ଉତ୍ପତ୍ତି ।

ମହତତ୍ତ୍ୱାଦି ସପ୍ତ ପଦାର୍ଥ (ମହତତ୍ତ୍ୱ, ଅହଂକାର ଓ ପଞ୍ଚ ତନ୍ମାତ୍ରା) ପରସ୍ପରଠାରୁ ଭିନ୍ନ ହୋଇ ଉତ୍ପନ୍ନ ହୋଇ ଅଛନ୍ତି । ତେଣୁ ଏହି ସପ୍ତ ପଦାର୍ଥ ଜଡ଼ ପିଣ୍ଡ ସୃଷ୍ଟି କରିବା ପାଇଁ ସମର୍ଥ ନୁହଁନ୍ତି । ସ୍ୱର୍ଣ୍ଣ ସହିତ ଖାଦ ନ ମିଶାଇଲେ ଯେପରି ଅଳଂକାର ନିର୍ମାଣ ସମ୍ଭବ ହୁଏ ନାହିଁ, ସେହିପରି ସେହି ସପ୍ତ ପଦାର୍ଥ ପରସ୍ପର ସହିତ ମିଳିତ ହୋଇ ହସ୍ତପଦାଦି ବିଶିଷ୍ଟ ସ୍ଥୂଳ ଶରୀରରେ ପରିଣତ ହୁଅନ୍ତି । ଏହାକୁ ସୃଷ୍ଟି ତତ୍ତ୍ୱ ବିଜ୍ଞାନରେ ପଞ୍ଚୀକରଣ କୁହାଯାଏ ।

ପଞ୍ଚ ଜ୍ଞାନେନ୍ଦ୍ରିୟ (ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍), ପଞ୍ଚ କର୍ମେନ୍ଦ୍ରିୟ (ହସ୍ତ, ପଦ, ବାକ୍, ପାୟୁ ଓ ଉପସ୍ଥ) ଓ ପଞ୍ଚ ତତ୍ତ୍ୱର ସବୁ ତନ୍ମାତ୍ରା ମିଳିତ ହୋଇ ଉଭୟ ଜ୍ଞାନ ଓ କର୍ମେନ୍ଦ୍ରିୟ, ଅନ୍ତଃକରଣ ଓ ପଞ୍ଚତନ୍ମାତ୍ରା - ମୋଟରେ ଏହି ଷୋଳ ଗୋଟି ପଦାର୍ଥ ଦ୍ୱାରା ବିରଚିତ ଏହି ଲିଙ୍ଗ ଶରୀର ନିଜର ଅଦୃଷ୍ଟ (ଭାଗ୍ୟ) ସହିତ ସ୍ଥୂଳ ଶରୀର ମଧ୍ୟରେ ପ୍ରବେଶ କରେ । ଏହାପରେ ସର୍ବଭୂତର ଆଦି କର୍ତ୍ତା 'ମାୟା'କୁ ଆଶ୍ରୟ କରି ସେହି ଲିଙ୍ଗ ଶରୀରରେ ପ୍ରବେଶ କରନ୍ତି । ଦେବୀ ଭାଗବତରେ ଭଗବତୀ ଦେବତାଗଣଙ୍କୁ ବ୍ରହ୍ମବିଦ୍ୟା ଉପଦେଶ ଦେଇ କହିଛନ୍ତି :

**'ସାହଂ ସର୍ବଂ ଜଗଦ୍ ସୃଷ୍ଟ୍ୱା ତଦନ୍ତଃ ପ୍ରବିଶାମ୍ୟହମ୍ । ମାୟା କର୍ମାଦି ସହିତା ଗିରେ ପ୍ରାଣ ପୁରଃ ସା ।।'**

**ଅଳମତି ବିସ୍ତରେଣ ! ଶ୍ରୀକେଶବ ସମର୍ପଣମସ୍ତୁ ! ଓମିତି ନମସ୍କାରାନ୍ତେ -**

ବିନୀତ,
ସଂପାଦକ 'ଚରମ' ।

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ :

## : ପ୍ରେମ ରହସ୍ୟ :

'ଚରମ' : ସପ୍ତମପୁଷ୍ପ : ଚତୁର୍ଥ ପାଖୁଡ଼ା : ପଞ୍ଚତ୍ରିଂଶତମ (୩୫ଶ) ସଂଖ୍ୟାର ଅନୁଶ୍ରୁତିରୁ :

ପ୍ରେମ ପ୍ରତି ମୁହୂର୍ତ୍ତରେ କ୍ରମଶଃ ବଢ଼ି ବଢ଼ି ଯାଏ । ଯେଉଁଠି ପ୍ରେମ ପ୍ରତିକ୍ଷଣ ବଢ଼ି ନଯାଇ ଛିଡ଼ିବାକୁ ଆରମ୍ଭ କରେ, ସେଇଠି ପ୍ରେମର ପରିସମାପ୍ତି ଘଟେ, ପ୍ରେମର ସ୍ଥାନ ଜୋର୍‌ଜବରଦସ୍ତ କାମ ହିଁ ଅକ୍ତିୟାର କରି ନିଏ । ଯେତେବେଳେ ପ୍ରେମୀ ଭକ୍ତ ଓ ପ୍ରେମମୟ ଠାକୁରଙ୍କର ପରସ୍ପର ମିଳନ ଘଟେ, ସେତେବେଳେ ପୂର୍ବର ବିଚ୍ଛେଦ୍ ବିଯୋଗ ଜନିତ ବିରହ ମନକୋଣରେ ଉଦ୍ରେକ ହୋଇଥାଏ ଓ ଏହି ଭାବକୁ ସମ୍ବଳ କରି ମନପ୍ରାଣହୃଦୟ ବିଶେଷ ଭାବରେ ପ୍ରିୟତମ ଠାକୁରଙ୍କ ପ୍ରତି ଆକୃଷ୍ଟ ହୋଇଯାଏ । ଏହି ଭାବରେ ସ୍ଥିର ରହିଲେ, ପ୍ରତିକ୍ଷଣ ପ୍ରେମ ବଢ଼ି ବଢ଼ି ଯାଉଥାଏ । ଯୋଗ ଓ ବିଯୋଗ, ମିଳନ ଓ ବିଚ୍ଛେଦ ଫଳରେ ପ୍ରେମରସର ବୃଦ୍ଧି ଘଟେ । ଯଦି ସବୁବେଳେ ଯୋଗ ବା ମିଳନ ଘଟେ ଏବଂ କଦାପି ବିଯୋଗ ବା ବିଚ୍ଛେଦ ହୁଏ ନାହିଁ, ତେବେ ପ୍ରେମରସର ବୃଦ୍ଧି ଘଟେ ନାହିଁ । ଏହା ବରଂ ଅଖଣ୍ଡ ଓ ଏକରସ ହୋଇଯାଏ । ତେଣୁ ଅଦ୍ଭୁତ ଲୀଳାମୟ ଠାକୁରେ ପ୍ରେମୀଭକ୍ତର ହୃଦୟରେ ଭଗବଦ୍ ପ୍ରେମରସର ସତତ ଅଭିବୃଦ୍ଧି ନିମନ୍ତେ ଭକ୍ତଠାରୁ ଦୂରେଇ ରହି ଅନ୍ତର୍ହିତ ହୋଇଯାଆନ୍ତି ।

ପ୍ରେମର ଚାରି ପ୍ରକାର ରସ ବା ରତି ଥାଏ । ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଏବଂ ମାଧୁର୍ଯ୍ୟ । ଏହା ନବଧା ଭକ୍ତିର ଅନ୍ତର୍ଭୁକ୍ତ । ଏହି ଚାରିଗୋଟି ରତି ମଧ୍ୟରୁ ଦାସ୍ୟ ଅପେକ୍ଷା ସଖ୍ୟ ଭଲ, ସଖ୍ୟ ଅପେକ୍ଷା ବାତ୍ସଲ୍ୟ ଭଲ ଓ ବାତ୍ସଲ୍ୟ ଅପେକ୍ଷା ମାଧୁର୍ଯ୍ୟ ଆହୁରି ଭଲ ଅଟେ । ପ୍ରେମରସର ଏହି ଚାରିଗୋଟି ସୋପାନ ଆରୋହଣ କରି କ୍ରମଶଃ ଉପରକୁ ଉପରକୁ ଉଠିବା ଦ୍ୱାରା ପ୍ରେମୀ ଭକ୍ତ ଭଗବାନ ଠାକୁରଙ୍କର ଐଶ୍ୱର୍ଯ୍ୟର ବିଭୂତି ଅଧିକରୁ ଅଧିକ ଭାବରେ ଅନୁଭବ କରିବାକୁ ସମର୍ଥ ହୁଏ । ଠାକୁରେ ସ୍ୱୟଂ ପ୍ରେମ ପରିପୂର୍ଣ୍ଣ । ସେହିପରି ଭକ୍ତ ତାଙ୍କର ସନାତନ ଅଂଶ ହୋଇଥିବାରୁ, ସେ ମଧ୍ୟ ପୂର୍ଣ୍ଣ । ଭକ୍ତ ଯେତେ ବେଶି ସଂସାର ସହିତ ସମ୍ବନ୍ଧିତ ହୁଏ, ସେତେ ଅଧିକ ମାତ୍ରାରେ ଅପୂର୍ଣ୍ଣ ରହେ । ସଂସାର ସମ୍ବନ୍ଧ ଶିଥିଳ କରି ଠାକୁରଙ୍କ ସହିତ ସମ୍ବନ୍ଧ ଦୃଢ଼ତର ହେଲେ, ପରିପୂର୍ଣ୍ଣତା ଆପେ ଆପେ ଆସିଯାଏ । ଏହାହିଁ ପ୍ରେମମୟ ଲୀଳାରସିକ ଠାକୁରଙ୍କର ଅପୂର୍ବ ଦିବ୍ୟ ଲୀଳା ।

ପ୍ରଥମ ଅବସ୍ଥାରେ ଭକ୍ତ ନିଜକୁ ଦାସ ଓ ଠାକୁରଙ୍କୁ ପ୍ରଭୁ ମନେକରି ସାଧନ ଭଜନାଦି ସହିତ ସେବା ପରାୟଣ ହୋଇ ରହେ । ସେତେବେଳେ ସେ ପ୍ରତି-ମୁହୂର୍ତ୍ତରେ ଠାକୁରଙ୍କ କରୁଣା ଓ କଲ୍ୟାଣ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା ଜଣାଉଥାଏ । ଦ୍ୱିତୀୟ ଅବସ୍ଥାରେ ଭକ୍ତ ଠାକୁରଙ୍କୁ ସଖା ଜ୍ଞାନ କରେ । ସେତେବେଳେ ସଖ୍ୟ ପ୍ରେମରେ ସେ ଭଗବାନ ଠାକୁରଙ୍କ କଥା ମାନି ଚଳେ ଓ ଠାକୁରଙ୍କୁ ନିଜ କଥା ମାନିବା ପାଇଁ ବାଧ୍ୟ କରେ । ଭକ୍ତ ଓ ଠାକୁରେ ପରସ୍ପର ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତ କରନ୍ତି ।

ତୃତୀୟ ସୋପାନରେ ଭକ୍ତ ଠାକୁରଙ୍କର ଅଭିଭାବକ ବୋଲି ନିଜକୁ ଜ୍ଞାନ କରି ଠାକୁରଙ୍କର ଦାୟିତ୍ୱ ବହନ କରେ । ତାଙ୍କର ସୁବିଧା ଅସୁବିଧା, ଭଲମନ୍ଦ, ହାନିଲାଭ ପ୍ରତି ସତର୍କ ଦୃଷ୍ଟିଦିଏ । ସମୟ ସମୟରେ ପ୍ରେମୀଭକ୍ତ ପ୍ରେମମୟ ଠାକୁରଙ୍କୁ ଶାସନ ମଧ୍ୟ କରିଥାଏ । ଚତୁର୍ଥସ୍ତରରେ ମାଧୁର୍ଯ୍ୟ ପ୍ରେମରସରେ ନିମଗ୍ନ ଭକ୍ତ ଠାକୁରଙ୍କର ସକଳ ଐଶ୍ୱର୍ଯ୍ୟକୁ ପାଶୋରି ଦିଏ । ସେତେବେଳେ ପ୍ରେମିକଭକ୍ତ ପ୍ରେମମୟ ଠାକୁରଙ୍କ ସହିତ ମାଧୁର୍ଯ୍ୟ ପ୍ରେମରସରେ ଘନିଷ୍ଠ ଆତ୍ମୀୟତା ପ୍ରତିଷ୍ଠା କରେ । ଭକ୍ତ ସେତେବେଳେ ଠାକୁରଙ୍କ ପାଇଁ ସୁଖକର ସକଳ ସାମଗ୍ରୀ ଯୋଗାଇବା, ତାଙ୍କୁ ବିଶ୍ରାମ ଓ ଆରାମ ଦେବା, ତାଙ୍କୁ କୌଣସି ପ୍ରକାର ଅସୁବିଧା ବା କଷ୍ଟରେ ନ ପକାଇବା ପାଇଁ ସର୍ବଦା ଚିନ୍ତିତ ଓ ବ୍ୟସ୍ତ ରହେ ଓ ତଦନୁଯାୟୀ ସାଧ୍ୟମତେ ବ୍ୟବସ୍ଥାମାନ କରିବାକୁ ତତ୍ପର ହଏ ।

ଅନେକ ମାଧୁର୍ଯ୍ୟ ଭାବକୁ ସ୍ତ୍ରୀ-ପୁରୁଷ (ସ୍ୱାମୀ-ସ୍ତ୍ରୀ)ର ପ୍ରେମଭାବ ବୋଲି ଭ୍ରାନ୍ତଧାରଣା କରିଥାଆନ୍ତି । ସଂସାରରେ ଏଭଳି ଧାରଣା ସତ୍ୟ । ସେହିପରି ଭକ୍ତ ଓ ଭଗବାନଙ୍କ ସହିତ ଏକାତ୍ମ (ଅଭିନ୍ନ) ଭାବ ସ୍ଥାପନ କରିବା ଦ୍ୱାରା ମଧ ଆଧ୍ୟାତ୍ମିକ ଜଗତରେ ପ୍ରିୟତା ମଧୁରତା ବା ମାଧୁର୍ଯ୍ୟ ପ୍ରେମରସ ସୃଷ୍ଟି ହୋଇଥାଏ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅଭିନ୍ନତା ଯେତେ ଅଧିକ ହୁଏ ମାଧୁର୍ଯ୍ୟ ପ୍ରେମରସ ମଧ ସେତେ ବଢ଼େ । ତେଣୁ ଦାସ୍ୟ, ସଖ୍ୟ ବା ବାତ୍ସଲ୍ୟ - ଏହି ତିନି ପର୍ଯ୍ୟାୟର ଭାବ ମଧ୍ୟରୁ ଯେ କୌଣସି ଗୋଟିକରେ ପୂର୍ଣ୍ଣତା ମିଳିଗଲେ, ମାଧୁର୍ଯ୍ୟ ପ୍ରେମରସରେ ତିଳେମାତ୍ର ନ୍ୟୁନତା (କମ୍‌ତି) ରହେ ନାହିଁ । ଭକ୍ତ ଓ ଭଗବାନ ଦୁଇ ଶରୀର ହୋଇଥିଲେ ମଧ ଭାବ ଏକ ଓ ଅଭେଦ ହେଲେ, ଦ୍ୱୈତ ଭାବ ରହେ ନାହିଁ, ଅଭିନ୍ନତା ଆସିଯାଏ । ଏହି ଅଭିନ୍ନତା ଯେତେ ପ୍ରଗାଢ଼ ହୁଏ, ମାଧୁର୍ଯ୍ୟ ପ୍ରେମରସ ସେତେ ପରିମାଣରେ ବଢୁଥାଏ । ଏହା ପ୍ରେମତତ୍ତ୍ୱର ଏକ ରହସ୍ୟମୟ ଅଧ୍ୟାୟ । ଏହି ମାଧୁର୍ଯ୍ୟ ପ୍ରେମରସ ଆସ୍ୱାଦନ ପାଇଁ ଭଗବାନ ଠାକୁରେ ଏକରୁ ଅନେକ ରୂପରେ ନିଜକୁ ପ୍ରକଟ କରି ଲୀଳା ଆରମ୍ଭ କରିଅଛନ୍ତି । ତେଣୁ ବୃହଦାରଣ୍ୟକ ଉପନିଷଦ୍‌ରେ ଉଲ୍ଲିଖିତ ଅଛି - 'ଏକାକୀ ନ ରମତେ ।'

ପ୍ରେମତତ୍ତ୍ୱ ରହସ୍ୟ ଦିବ୍ୟ ଅଲୌକିକ ଏବଂ ଚିନ୍ମୟ । ପ୍ରେମରସର ଆସ୍ୱାଦନ ଏକମାତ୍ର ଠାକୁରେ ହିଁ କରନ୍ତି । ତେଣୁ, ସେ ସଦା ସର୍ବଦା ପ୍ରେମମୟ । ତାଙ୍କ ସଂସ୍ପର୍ଶରେ ପ୍ରେମିକ ଭକ୍ତ ମଧ ପ୍ରେମରସ ଆସ୍ୱାଦନର ସୌଭାଗ୍ୟ ଲାଭ କରେ । ଏହି ପ୍ରକାର ଚିନ୍ମୟ ପ୍ରେମରେ ପ୍ରେମିକ ଭକ୍ତ ଓ ପ୍ରେମମୟ ଠାକୁରେ - ଉଭୟ ଚିନ୍ମୟତତ୍ତ୍ୱ ହୋଇଯାଆନ୍ତି । ଏଭଳି ଘଟଣା ମଧ ଘଟିଯାଏ ଯେତେବେଳେ ଭକ୍ତ ହୋଇଯାଏ ଭଗବାନ ଏବଂ ଭଗବାନ ହୋଇଯାଆନ୍ତି ଭକ୍ତ । ଅଲୌକିକ ଲୀଳା ପର୍ଯ୍ୟାୟରେ ଏପରି ଘଟଣା ବହୁବାର ଘଟେ, ଘଟୁଅଛି । ସେତେବେଳେ ଏକ ଚିନ୍ମୟ ତତ୍ତ୍ୱ ହିଁ ମାଧୁର୍ଯ୍ୟ ପ୍ରେମରସ ଆସ୍ୱାଦନ ପାଇଁ ଦୁଇଗୋଟି ରୂପରେ ପ୍ରକଟିତ ହୋଇଥାଆନ୍ତି ।

ଭକ୍ତ ଯେତେବେଳେ ଅନ୍ତଃକରଣରେ ସକଳ ବନ୍ଧନରୁ ମୁକ୍ତ ହୋଇ ଠାକୁରଙ୍କ ସହିତ ସର୍ବତୋଭାବେ ଯୁକ୍ତ ହୋଇଯାଏ, ସେତେବେଳେ ତାହାର ଜୀବନ୍ମୁକ୍ତ ଅବସ୍ଥା ଉପୁଜିଥାଏ । ସେହି ପର୍ଯ୍ୟାୟରେ ହିଁ ସେ ମାଧୁର୍ଯ୍ୟ ପ୍ରେମରସ ଉପଭୋଗ କରିବାକୁ ସମର୍ଥ ହୁଏ । ସେହି ପ୍ରେମରେ ଭକ୍ତ ପ୍ରେମମୟ ଠାକୁରଙ୍କୁ ସକଳ ସୁଖ ପ୍ରଦାନ କରିବା ତଥା ସେବା ପରାୟଣ ହେବାର ବିଚାର ରଖିଥାଏ । ଏହି ପ୍ରେମ ସ୍ଥୂଳ ଦୃଷ୍ଟିରେ ଶରୀରରେ ଦେଖାଗଲେ ମଧ ତାହା ଚିନ୍ମୟ ତତ୍ତ୍ୱରେ ସମ୍ପନ୍ନ ହୁଏ । ପ୍ରେମରେ ମାୟା, ମୋହ, ଆସକ୍ତିର ଲବ ମାତ୍ର ନ ଥାଏ । ପ୍ରେମରେ ଭୁକ୍ତି ଓ ମୁକ୍ତି ଅପେକ୍ଷା ଉର୍ଦ୍ଧ୍ୱତର ବିଲକ୍ଷଣ ଆନନ୍ଦ ଅନୁଭୂତ ହୁଏ । ପ୍ରେମରେ ଚେତନାସ୍ୱରୂପ ଚିନ୍ମୟତା ବିଶେଷ ଭାବରେ ପରିଲକ୍ଷିତ ହୁଏ । ପ୍ରେମରେ ଲେଶମାତ୍ର ପରତନ୍ତ୍ରତା ବା ପରାଧୀନତା ନଥାଏ, ବରଂ ପୂର୍ଣ୍ଣମାତ୍ରାରେ ସ୍ୱାଧୀନତା ଓ ସ୍ୱତନ୍ତ୍ରତା ଥାଏ । ପ୍ରେମରେ ନିହିତ ଥାଏ ଜଗତକଲ୍ୟାଣ । ତେଣୁ ପ୍ରେମିକ ଭକ୍ତ ସବୁବେଳେ, ସବୁସ୍ଥାନରେ, ସବୁଅବସ୍ଥାରେ ନିଜକୁ ଠାକୁରଙ୍କ ଇଚ୍ଛାନୁସାରେ କାର୍ଯ୍ୟରେ ନିଯୁକ୍ତ ରଖି ଜଗତର ହିତସାଧନରେ ବ୍ରତୀ ହୋଇଥାଏ । ଏପରି ମାଧୁର୍ଯ୍ୟ ପ୍ରେମରେ ସ୍ୱୟଂ ଠାକୁରେ ପ୍ରେମିକ ଭକ୍ତର ହିଁ ଦାସ ହୋଇ ଯାଆନ୍ତି । ପ୍ରେମରସ ପ୍ରତିଟି ମୁହୂର୍ତ୍ତରେ ଆନନ୍ଦ ସ୍ୱରୂପରେ ବର୍ଦ୍ଧିତ ହେବାକୁ ଲାଗିଥାଏ । ଏହି ପ୍ରେମରସ ଠାକୁରଙ୍କର ପରମ ପ୍ରସନ୍ନତାରୁ ହିଁ ପ୍ରକଟିତ ହୁଏ । ପ୍ରେମିକଭକ୍ତ ତେଣୁ ପ୍ରେମମୟ ଠାକୁରଙ୍କର ପ୍ରସନ୍ନତା ରକ୍ଷା ଓ ବୃଦ୍ଧିକୁ ଦୃଷ୍ଟିରେ ରଖି ସକଳ କାର୍ଯ୍ୟ ନିର୍ବାହ କରେ ଓ ତହିଁରେ ସାମାନ୍ୟତମ ବାଧା ଉପୁଜିଲେ କ୍ରୋଧରେ ଅଗ୍ନିତୁଲ୍ୟ ଜ୍ୱଳମାନ ହୋଇଉଠେ । କାରଣ ପ୍ରେମିକଭକ୍ତର ଉଦ୍ଦେଶ୍ୟ ହେଉଛି ପ୍ରେମମୟ ଠାକୁରଙ୍କର ପ୍ରସନ୍ନତା ଉଦ୍ରେକ କରିବା । ପ୍ରେମତତ୍ତ୍ୱ ଏକ ସାଧନା ସାପେକ୍ଷ ଭାବ । ଏହା ଭକ୍ତକୁ ଠାକୁରଙ୍କର ନିବିଡ଼ତମ କରିଦେଇ । ଏହା ଫଳରେ ଭକ୍ତ ଓ ଭଗବାନଙ୍କର ଅଭିନ୍ନତା ପ୍ରଗାଢ଼ ହୁଏ, କଦାପି ତିଳେ ମାତ୍ର ହ୍ରାସ ହୁଏ ନାହିଁ । ପ୍ରେମ ତ୍ୟାଗର ପଥ ପ୍ରଶସ୍ତ ଓ ଉନ୍ମୁକ୍ତ କରିଦିଏ । ପ୍ରେମ ସତ୍, ଚିତ୍, ଆନନ୍ଦ ଉପଭୋଗ ପାଇଁ ସକଳ ସୁବ୍ୟବସ୍ଥା ସ୍ୱତଃ କରିଦିଏ । ଭଗବତ୍ ପ୍ରେମର ଜୟ ହେଉ !!

❀❀❀


# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

**ଅଚ୍ୟୁତଙ୍କ ଲେଖନୀରୁ :** **ବାଇମନ ହୋ ବସି ହଂସକୁ ଖେଳା :**

ବାଇମନ ହୋ
ବସି ହଂସକୁ ଖେଳା ।
ହଂସ ଉଡ଼ିଗଲେ ବୁଡ଼ିବ ଭେଳା ॥୦॥
ପୋଖରୀ ଗୋଟିକ ଚାରି ଚୌରସ
ଡିମ୍ବ ପାରିଅଛି ଅଣ୍ଡିରା ହଂସ ॥୧॥
ଶୁଖିଲା ପୋଖରୀ ମାରେ ଲହଡ଼ି
ଡିମ୍ବ ଅଛି ଛୁଆ ଗଲାଣି ଉଡ଼ି ॥୨॥
ଡିମ୍ବ ଗୋଟିକେ ତିନି ତିନି ଛୁଆ
ସୁଗ୍ୟାନୀ ହୋଇଲେ ଜାଣିବେ ଏହା ॥୩॥
ସର୍ପକୁ ମଣ୍ଡୁକୀ କରୁଛି ଗେଲ
ଯୁଇ ବୃକ୍ଷେ ଅଛି ମନ୍ଦାର ଫୁଲ ॥୪॥
ଏକ ଦେଉଳରେ ଦଶ କବାଟ
କେଉଁଠାରେ ଅଛି କଳପ ବଟ ॥୫॥
ଶୂନ୍ୟରେ କାହିଁ ବାଜୁଅଛି ବୀଣା
କେଉଁଠାରେ ଅଛି ଗୋପପାଟଣା ॥୬॥
ଗୀତ ଛଡ଼ପଦ ଅର୍ଥ ବହୁତ ।
ଭାବରେ ଭଣିଲେ ଦାସ ଅଚ୍ୟୁତ ॥

❀❀❀




## ଗଳ୍ପାଂଶ

### କାମଦେବ ଜନ୍ମ

ପ୍ରଜାପତି ଆନନ୍ଦ ମନରେ ରାଜା ସୁରଥଙ୍କୁ କହିଲେ - ସୃଷ୍ଟି ସ୍ଥାପନ ବୃତ୍ତାନ୍ତ ଶୁଣି ନାରାୟଣ ପରମ ସନ୍ତୋଷ ପ୍ରକାଶ କରି ଆନନ୍ଦ ମନରେ ପ୍ରମୋଦିତ ଚିତ୍ତରେ ନିଜ ଅଙ୍ଗରୁ ପୁତ୍ର ସନ୍ତାନଟିଏ ଜାତ କଲେ । ସେ ପୁତ୍ର ଅତ୍ୟନ୍ତ ସୁଲଳିତ ଓ ସୁକୁମାର ଅଙ୍ଗ, ଶରୀରର କାନ୍ତି ନୀଳବର୍ଣ୍ଣ, ବଦନ ସଦାପ୍ରସନ୍ନ ଏବଂ ଅଧର ସୁରଙ୍ଗ ଅଟେ । ମସ୍ତକରେ କୁଞ୍ଚିତ କୁନ୍ତଳ ଓ ନୀଳ କବରୀ ଶୋଭାବନ ଦିଶୁଥାଏ । ଚୂଳରେ ବିବିଧ ପୁଷ୍ପର ଗଭା ଜନମନ ହରଣ କରେ । ମୁଖମଣ୍ଡଳରେ ସୁସଞ୍ଚ ନାସିକା ଓ ସୁନ୍ଦର ନୀଳ ଲୋଚନ ସମସ୍ତଙ୍କର ମନ ମୋହୁଥାଏ । ବେନି କର୍ଣ୍ଣରେ କୁଣ୍ଡଳ ଢଳ ଢଳ କରୁଥାଏ ଓ ଗଳାରେ ଦିବ୍ୟବନମାଳ ଶୋଭା ପାଉଥାଏ । ପ୍ରଶସ୍ତ ବକ୍ଷ ସ୍ଥଳରେ ବିବିଧ ପଦକ ଓ ରତ୍ନମାଳା ବିସ୍ତୃତ ହୋଇଥାଏ । ଭୁଜ ଦୁଇଟି ଆଜାନୁଲମ୍ବିତ, ବାହୁରେ ବାହୁଟି ଓ କଟିରେ ରତ୍ନ ଅଳଂକାର ସହିତ ଆଙ୍ଗୁଳିରେ ମୁଦ୍ରିକା ଶୋଭା ପାଉଥାଏ । ସେ ନୀଳବର୍ଣ୍ଣର ବସନ ପରିଧାନ କରିଥାଆନ୍ତି ଓ ତାଙ୍କର ବାମ ସ୍କନ୍ଧରେ ଧନୁ ଓ ଦକ୍ଷିଣ ସ୍କନ୍ଧରେ ପୁଷ୍ପର ଶୋଭା ପାଉଥାଏ । ତାଙ୍କର ଜାନୁ ଓ ଚରଣ ଅତ୍ୟନ୍ତ ସୁସଞ୍ଚ ଓ ସୁନ୍ଦର । ପାଦରେ କନକ ନୁପୂର ଅତ୍ୟନ୍ତ ମନଲୋଭା ହୋଇଥାଏ । ଭଗବାନ ନାରାୟଣଙ୍କ ଅଙ୍ଗରୁ ଏହିପରି ଦିବ୍ୟ ନଟବର ବେଶରେ ଅଭିନବ ଅଙ୍ଗଶୋଭା ଧାରଣ କରି ପୁତ୍ରଟି ସୁରଙ୍ଗ ଅଧରରେ ସ୍ମିତ ହାସ୍ୟରେଖା ଖେଳାଇ କଥା କହିଲେ, ଅମୃତ ବୃଷ୍ଟି ହେଲାପରି ଜଣାଯାଉଥାଏ । ପୁତ୍ରର ଏପରି ଅପୂର୍ବ କଳା ନିଧି ରୂପଠାଣି ଦେଖି ପ୍ରଭୁ ତାହାର ନାମ ଦେଲେ କନ୍ଦର୍ପ ।

ପ୍ରଭୁ କହିଲେ - ଏ ପୁତ୍ର ସଂସାର ପାଳନ କରିବ ଓ ଏହା ହେତୁ ପ୍ରାଣୀଗଣ ଜାତ ହେବେ । ଏ ପୁତ୍ର ବିଷ୍ଣୁଙ୍କର ମନରୁ ଜାତ ହୋଇଥିବାରୁ ଏହାର ନାମ ମନ୍ମଥ ହେଲା । ଦକ୍ଷଙ୍କ ପ୍ରସ୍ତାବ ଅନୁସାରେ ଏହାର ନାମ ହେଲା ମନସିଜ । ନାରଦଙ୍କ ମତାନୁସାରେ ଏହାର ନାମ ହେଲା ଚନ୍ଦ୍ରକେତୁ । ଏ ପୁତ୍ର ଜଗତରେ ସକଳ ଜୀବଜନ୍ତୁ ସୃଷ୍ଟିର ମୂଳ କାରଣ ହେବ । ଈଶ୍ୱର ସେ ପୁତ୍ର ମନସିଜର ମୁଖକୁ ଚାହିଁବା ମାତ୍ରେ ତାଙ୍କୁ କାମପୀଡ଼ା ହେଲା । ମଦନ ଈଶ୍ୱରଙ୍କୁ ଅଳ୍ପ ବକ୍ର ଦୃଷ୍ଟିରେ ଚାହିଁବା ମାତ୍ରେ ଈଶ୍ୱରଙ୍କର ପଞ୍ଚମନ ବନ୍ଦି ହୋଇ ରହିଲା । କାମଦେବ ନିଜର ପୁଷ୍ପଧନୁରେ ଶର ବସାଇ ଆମନ୍ତ୍ରନ କରନ୍ତେ ଈଶ୍ୱର ସଂପୂର୍ଣ୍ଣ ଢଳିଗଲେ । କାମଦେବଙ୍କର କୃତିତ୍ୱରୁ ପୁରୁଷର ରୂପରେ ପୁରୁଷ ମଧ ମୋହିତ ହୋଇଯାଇପାରେ । ସେହି କାମଦେବଙ୍କର କଟାକ୍ଷପାତରେ ସ୍ୱୟଂ ଈଶ୍ୱର ମୋହିତ ହେଲେ । ଏହି କାମଦେବ ଈଶ୍ୱରଙ୍କୁ କାମପୀଡ଼ା ଦେଇଥିବା ହେତୁ ଏହାର ଅନ୍ୟନାମ ହେଲା ହରରିପୁ । ଯୋଗୀଶ୍ୱର ମହାଦେବଙ୍କ ପରି

ଅକାମୀ ପୁରୁଷର ଧୈର୍ଯ୍ୟ ଭଙ୍ଗ କରିଥିବା କାରଣରୁ କାମଦେବଙ୍କର ଅନ୍ୟନାମ ହେଲା ଅନଙ୍ଗ । ଅନାଦି ଈଶ୍ୱର ଅନାଦିରୂପ ଧରି କାମପୀଡ଼ାରେ ଜର୍ଜରିତ ହୋଇ ମାତାଙ୍କୁ ସ୍ମରଣ କରି ଡକିଗଲେ । ସେ ସମୟରେ ମାତା ଅନ୍ନପୂର୍ଣ୍ଣା ଅଲେଖ ମନ୍ଦିରରେ ଥିଲେ । ସେ ଧ୍ୟାନ ବଳରେ ଈଶ୍ୱରଙ୍କର ମନୋ ବେଦନା ଜାଣିବାକୁ ପାଇଲେ । ଦେବୀ ତତ୍‌କ୍ଷଣାତ୍ ଶୂନ୍ୟପୁରରୁ ଆସି ଦିବ୍ୟତନୁ ଧରି ଈଶ୍ୱରଙ୍କୁ ଚାହିଁଦେଇ ଯଥାଶୀଘ୍ର ସୁଧର୍ମା ସଭାରେ ଉପସ୍ଥିତ ହେଲେ । ମାତାଙ୍କୁ ଦେଖି ବ୍ରହ୍ମା ନିଜର ଆସନ ପରିତ୍ୟାଗ କରି ଛିଡ଼ା ହୋଇଗଲେ । ବ୍ରହ୍ମା, ବିଷ୍ଣୁ, ଦକ୍ଷ ପ୍ରଜାପତି, ଅନଙ୍ଗ, ନାରଦ ଇତ୍ୟାଦି ସକଳ ଦେବ ମାତା ଅନ୍ନପୂର୍ଣ୍ଣାଙ୍କ ପାଦତଳେ ପ୍ରଣମିତ ହେଲେ । ଏକମାତ୍ର ଈଶ୍ୱର କାମମୋହଗ୍ରସ୍ତ ହୋଇ ରହିଥିଲେ । ଦେବୀ ଯାଇ ଈଶ୍ୱରଙ୍କୁ କୋଳରେ ଧରି ଆଶ୍ୱାସନା ଦେଇ ଶରୀର ସମାର୍ଜନ କରିବା ଉତ୍ତାରୁ ଦେବଦେବ ମହାଦେବ ମୋହ ତ୍ୟାଗ କରି ଉଠିଲେ ॥

ସ୍ତ୍ରୀର ସୁକୋମଳ ଅଙ୍ଗ ସ୍ପର୍ଶ ପାଇବା ମାତ୍ରେ ମହାଦେବଙ୍କର କାମଜ୍ୱାଳାରେ ଶରୀର ଅଧିର ହେଲା ଓ ସେ ଜ୍ଞାନ ହରାଇ ବସିଲେ । ଆଦିନାରୀ ମାତା ଅନ୍ନପୂର୍ଣ୍ଣାଙ୍କର ଭୁବନ ମୋହିନୀ ରୂପ ଶୋଭା ଦର୍ଶନ କରିବାରୁ ସଦାନନ୍ଦ ସଦାଶିବ ଲଜ୍ଜା ଦୂର କରି ରତିରସ ପ୍ରତି ମନ ବଳାଇ ଦୁଃଖିତ ହେଲେ । ସଦାନନ୍ଦ ସଦାଶିବ ଆଦିମାତାଙ୍କୁ କୋଳ କରି ଧରିବାର ଦେଖି ସେ ସ୍ଥାନରୁ ବ୍ରହ୍ମାଦି ଦେବଗଣ ଅନ୍ତର ହୋଇ ଦୂରେଇ ଗଲେ । ମାତା ଓ ପୁତ୍ରଙ୍କର ଅପୂର୍ବ ରତିଭାବାପନ୍ନ କ୍ରୀଡ଼ା ଦେଖି ବ୍ରହ୍ମା, ବିଷ୍ଣୁ ଆଦି ଦେବଗଣ ବିସ୍ମିତ ହୋଇଗଲେ । ବ୍ରହ୍ମା ଓ ବିଷ୍ଣୁଙ୍କର ମନକଥା ଜାଣିପାରି ମହାଦେବ ଅଭିଶାପ ଦେଲେ - ''ବ୍ରହ୍ମା, ତୁମେ ନାରୀ ରୂପ ହୁଅ । ବିଷ୍ଣୁ, ତୁମେ ଜନ୍ମମୃତ୍ୟୁ ଚକ୍ରରେ ଆବଦ୍ଧ ହୁଅ ।''

ପ୍ରଭୁ ନିରାକାର ପରଂବ୍ରହ୍ମ ଏହା ଜାଣି ଅନାଦି ଶକ୍ତିଙ୍କୁ ଗୋରୁ ଅବତାର କଲେ । ଅନାଦି ଈଶ୍ୱରୀ ଗୋମାତା ରୂପଧରି ଜ୍ଞାନଧ୍ୟାନ କରି ରହିଲେ । ତ୍ରିଲୋଚନ ଅନାଦିର ଅପକୀର୍ତ୍ତି ଦେଖି ବାତୁଳ ଭାବକୁ ଧରି ଅନୁକ୍ଷଣ ଚିନ୍ତାଗ୍ରସ୍ତ ହୋଇ ରହିଲେ । ବ୍ରହ୍ମା, ବିଷ୍ଣୁ ଓ ଈଶ୍ୱରଙ୍କୁ ଅନେକ ଉପଦେଶ ଦେଇ ଆଦିନାରୀ ଧୈର୍ଯ୍ୟହରା ନହୋଇ ସ୍ଥିର ହୋଇ ରହିଲେ । ଦକ୍ଷ ପ୍ରଜାପତି ଏସବୁ ଘଟଣା ଦେଖି ଈଶ୍ୱରଙ୍କୁ ବିନୀତ ଭାବରେ କହିଲେ - ହେ ଈଶ୍ୱର, ତୁମେ ମନରୁ ସକଳ ଚିନ୍ତା ଦୂର କର । ତୁମେ ଆଦିମାତାଙ୍କୁ ଦୂଷିତ କରି ଜ୍ଞାନହୀନତାର ଯଥେଷ୍ଟ ପରିଚୟ ଦେଇ ସାରିଲଣି । ଏପରି ଅନୁଚିତ କାର୍ଯ୍ୟ କରି ତୁମେ ଜଗତରେ ବହୁତ ଅପକୀର୍ତ୍ତି ଅର୍ଜନ କରିଲଣି । ଏବେ ତୁମେ ମାତାଙ୍କ ଠାରୁ ପ୍ରୀତି ତ୍ୟାଗ କର । ମୁଁ ତୁମକୁ ଏକ ଅପୂର୍ବ କନ୍ୟା ଦେବି ।

ଏହିଠାରେ କାମଦେବଙ୍କର ଜନ୍ମବୃତ୍ତାନ୍ତ ମହାଦେବ ଦାସଙ୍କ କୃତ 'ମାର୍କଣ୍ଡେୟ ପୁରାଣ' ବର୍ଣ୍ଣନାନୁସାରେ ସମାପ୍ତ ହେଲା ।

❋❋❋

ବୃଥାରେ ସନ୍ଦେହ ଆନକୁ କରୁ
ବେଙ୍ଗ ଖୋଜୁ ଖୋଜୁ ବେଙ୍ଗକୁ ଧରୁ ।
ଧରୁନାହୁଁ ଧାରା କରୁନୁ ଜପ
ବାଇ କରିଲାଣି ଅଯଥା ଗପ ॥

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ



*ଜୀବ ସ୍ଥୁଳ ବସ୍ତୁର ଉପଭୋଗରେ ଜଡ଼ିତ ହେଲେ ମୋହ ଜାଗେ । ଏତାଦୃଶ ଜଡ଼ିତ ଭାବରୁ ଆସକ୍ତି ଜନ୍ମେ । ଏହି ଆସକ୍ତିର ଶକ୍ତି ଅତି ପ୍ରଚଣ୍ଡ ଓ ତୀବ୍ର । ତୀବ୍ର ଆସକ୍ତି ହେତୁ ମୋହ ସୃଷ୍ଟିହୁଏ । ବିଭିନ୍ନ ପ୍ରକାରରେ ଏହି ଆସକ୍ତି ସୃଷ୍ଟ  ମୋହ ଆପଣାର ସ୍ଥିତି ଗ୍ରହଣ କରିଥାଏ । ଏହାହିଁ ସଂକ୍ଷେପରେ ମୋହର ସଂଜ୍ଞା ଅଟେ । ମନୁଷ୍ୟ ଆପଣାର ଅଜ୍ଞାନତାରୁ ଅଜ୍ଞାତସାରରେ କ୍ରମପର୍ଯ୍ୟାୟକ୍ରମେ କୌଣସି ନା କୌଣସି ବ୍ୟକ୍ତି, ବସ୍ତୁ, ସ୍ଥାନ ବା ଘଟଣାସହିତ ଜଡ଼ିତ ହୋଇପଡ଼େ । ଏହି ଜଡ଼ିତ ହେବା ଭାବ ପରିପକ୍ୱ ହୋଇ ଆସକ୍ତିରେ ପରିଣତ ହୁଏ । ପରେ ଏହା ସଘନ ହୋଇ ଜୀବକୁ ମୋହଗ୍ରସ୍ତ କରେ । ଅନେକ କ୍ଷେତ୍ରରେ ମୋହ ଅହିତ ସାଧନ କଲେ ମଧ୍ୟ, କେତେକ କ୍ଷେତ୍ରରେ ଏହା ପରମ ହିତ ସାଧନ କରିଥାଏ । ତାହା ମୋହର ପ୍ରକାର ଓ ପ୍ରକରଣ ଭେଦ ଅନୁସାରେ ନିରୂପଣ କରାଯାଇଥାଏ ।*

**'ଚରମ' ସପ୍ତମପୁଷ୍ପ: ଚତୁର୍ଥ ପାଖୁଡ଼ା : ପଞ୍ଚତ୍ରିଂଶତମ (୩୫ଶ) ସଂଖ୍ୟାର ଅନୁସ୍ମୃତିରୁ :**

## ତତ୍ତ୍ୱ ସାତ୍ତ୍ୱିକ ମୋହ

**ଶିଷ୍ୟ ଉବାଚ :**

ପ୍ରଭୁହେ, କରୁଣା ସାଗର । ଦୟା କ୍ଷମାର ଅବତାର ॥
ମନରେ ଗୋଟିଏ ସଂଶୟ । ଏକାଳେ ହେଉଛି ଉଦୟ ॥
ସଂଶୟ ଫେଡ଼ିଣ କହିବ । ମନ ମୋହର ତୋଷ ହେବ ॥
କହିଲ ତତ୍ତ୍ୱ ଯୋଗୀ କଥା । ଭକ୍ତିରେ ନୋଇଁ ଯାଏ ମଥା ॥
ତତ୍ତ୍ୱ ସାତ୍ତ୍ୱିକ ମୋହ ଗୋଟି । ସାଧାରଣରେ ଲାଗିବ ଟି ॥
ଜୀବକୁ ଏ ମୋହ ଗ୍ରାସିଲେ । କିପରି କେଉଁ ଫଳ ଫଳେ ॥
ଫିଟାଇ ଠିକେ ବୁଝାଇବ । ଦାସର ମନ ତୋଷ ହେବ ॥

ଗୁର୍ବାଗଂଜନ ମୋହ ପ୍ରସଙ୍ଗରେ ଆଲୋଚନାକ୍ରମେ ତତ୍ତ୍ୱସାତ୍ତ୍ୱିକ ମୋହ ପ୍ରକରଣ ସମ୍ବନ୍ଧରେ ସର୍ବାନ୍ତର୍ଯ୍ୟାମୀ ତତ୍ତ୍ୱଜ୍ଞାନସାଗର ଚରମ ପୁରୁଷ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କର ଶ୍ରୀମୁଖରୁ ଶୁଣିବା ପରେ ଜିଜ୍ଞାସୁ ଶିଷ୍ୟ ମନରେ ସଂଶୟଟିଏ ଉଦୟ ହୋଇଛି । ସେହି ସନ୍ଦେହ ମୋଚନ ନିମନ୍ତେ ଶିଷ୍ୟ ଶ୍ରୀଗୁରୁସ୍ୱାମୀଙ୍କୁ ପ୍ରାର୍ଥନା କରି ନିବେଦନ କରୁଅଛି 'ହେ ପ୍ରଭୁ, ଆପଣ ଏହି ମୋହ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିଥିଲେ ଯେ, ଏହି ତତ୍ତ୍ୱ ସାତ୍ତ୍ୱିକ ମୋହ ଧରାଧାମରେ ସର୍ବସାଧାରଣ ସମସ୍ତ ପ୍ରାଣୀଙ୍କୁ ଘାରେ ନାହିଁ । କେବଳ ଯୋଗ ମାର୍ଗରେ ଗତିକରି ଯୋଗୀଗୁରୁ, ତତ୍ତ୍ୱଗୁରୁ, ଜ୍ଞାନୀଗୁରୁମାନଙ୍କୁ ହିଁ ଏହି ମୋହ ଘାରି ପାରେ । ମାତ୍ର ମୋ ମନରେ ସନ୍ଦେହ ହେଉଛି କି, ଯେଉଁ ବ୍ୟକ୍ତି

ଗୁରୁବରଣ କରି ସାଧନ ଭଜନାଦି କ୍ରିୟାରେ ଲିପ୍ତ ରହେ; ତା'କୁ ଏ ମୋହ ଘାରିଲେ, ତା'ଠାରେ କି ପ୍ରକାର ଫଳ ଦେଖାଯାଏ ? ଆପଣ ଦୟାକରି ମୋର ଏହି ସନ୍ଦେହ ମୋଚନ କରନ୍ତୁ ।'

ଜିଜ୍ଞାସୁ ଶିଷ୍ୟର ଏପ୍ରକାର କାକୁତି ମିନତିରେ ଶ୍ରୀଗୁରୁସ୍ୱାମୀ ପରମ ସନ୍ତୋଷ ପ୍ରକାଶ କରି ଅଧର ପଲ୍ଲବରେ ସ୍ମିତହାସ୍ୟର ରେଖାଟିଏ ଉକୁଟାଇ କୋମଳ କଣ୍ଠରେ ସୁଲଳିତ ଭାଷାରେ ଆଶା ଆଶ୍ୱାସନା ଦେଇ ସନ୍ଦେହ ମୋଚନ ନିମନ୍ତେ ବିହିତ ପ୍ରତିକାର କରିବାର ନିର୍ଭର ପ୍ରତିଶ୍ରୁତି ଦେଇ କହିବାକୁ ଆରମ୍ଭ କଲେ:

**ଶ୍ରୀଗୁରୁସ୍ୱାମୀ ଉବାଚ :**

ଶୁଣ ହୋ ଶିଷ୍ୟ ଶିରୋମଣି । କହିବା ଏ ତତ୍ତ୍ୱ ବଖାଣି ।।
ଯେ ପ୍ରଶ୍ନ ହୋଇଛି ଉଦୟ । ଫେଡ଼ିଣ ଦେବା ସେ ସଂଶୟ ।।
ହସି କହନ୍ତି ଗୁରୁସ୍ୱାମୀ । ଚରମ ପାଦ ଅନ୍ତର୍ଯ୍ୟାମୀ ।।
ଆଶ୍ୱାସି କହନ୍ତି ସଧିରେ । ମଧୁର ସୁକୋମଳ ଗୀରେ ।।
ତତ୍ତ୍ୱ ସାତ୍ତ୍ୱିକ ଏହି ମୋହ । ସାଧାରଣରେ ଘାରେ କୁହ ।।
ଯେ ବ୍ୟକ୍ତି ଗୁରୁ ବରି ନେଇ । ଉପଦେଶ ମତେ ଚଳଇ ।।
ଗୁରୁଙ୍କ ସ୍ଥୂଳ ବାକ୍ୟ ମାନି । ସାଧନା ପଥର ଚଳନି ।।
ସଲଖେ ନିର୍ଭୁଲ ଧରଇ । ତାହାକୁ ଏ ମୋହ ଘାରଇ ।।
ତାହାର ହିତ ସାଧିଥାଏ । ଯେ ଗୁରୁବାକ୍ୟ ପାଳୁଥାଏ ।।
ଏ ମୋହ ସୂକ୍ଷ୍ମ ବୀଜ ମାନ । ଶିଷ୍ୟ ଅନ୍ତରେ ଅବସ୍ଥାନ ।।
କରି ଶ୍ରୀଗୁରୁ ପରାୟଣ । କରାଏ ସେବା ତ୍ୟାଗ ମାନ ।।
ଏ ମୋହ ସତ୍‌କାର୍ଯ୍ୟ କାରଣ । କରାଇ କରଇ ସାଧନ ।।

ଜିଜ୍ଞାସୁ ଶିଷ୍ୟ ଶିରୋମଣିର ସଂଶୟ ମୋଚନ କରିବାକୁ ଯାଇ ଠାକୁରେ କହିଲେ, 'ଯେଉଁ ବ୍ୟକ୍ତି ଶ୍ରୀଗୁରୁ ବରଣ କରି ଗୁରୁଙ୍କର ସ୍ଥୂଳବାକ୍ୟ, ଉପଦେଶ, ଆଦେଶ, ଆଜ୍ଞା, ଅନୁଜ୍ଞା ଓ ଧର୍ମତତ୍ତ୍ୱ ଜ୍ଞାନ ଆଦି ସର୍ବାନ୍ତକରଣରେ ଗ୍ରହଣ କରି ତଦନୁଯାୟୀ ତାହା ପରିପାଳନ କରି ସତ୍ କାର୍ଯ୍ୟାନୁଷ୍ଠାନ ଗଢ଼େ, ତାହାକୁ ଏହି ତତ୍ତ୍ୱସାତ୍ତ୍ୱିକ ମୋହ ଘାରେ । ତତ୍ତ୍ୱସାତ୍ତ୍ୱିକ ମୋହଗ୍ରସ୍ତ ଶିଷ୍ୟ ନିର୍ଭୁଲ ଭାବରେ ଶ୍ରୀଗୁରୁଙ୍କର ସ୍ଥୂଳ ଆଦେଶ ନିର୍ଦ୍ଦେଶାଦିକୁ ପାଳନ କଲେ, ତାହାର ଅଶେଷ ହିତ ସାଧନ ହୁଏ । ଗୁରୁଙ୍କର ସ୍ଥୂଳ ବାକ୍ୟ ଓ ଉପଦେଶାଦିକୁ କଠୋର ଭାବରେ ପାଳନ କରିବାକୁ ଏହି ମୋହ ଶିଷ୍ୟକୁ ସାହାଯ୍ୟ ସହଯୋଗ ଆଦି ଯୋଗାଇ ଦିଏ । ଏହି ମୋହ ସୂକ୍ଷ୍ମ ବୀଜ ଶିଷ୍ୟର ଅନ୍ତଃକରଣରେ ଥାଏ । ତେଣୁ ଶିଷ୍ୟ ଏହି ତତ୍ତ୍ୱସାତ୍ତ୍ୱିକ ମୋହଗ୍ରସ୍ତ ହୋଇ ସ୍ଥୂଳ ସତ୍‌ସଙ୍ଗ କରିବା ସହିତ ଗୁରୁଙ୍କର ସ୍ଥୂଳ ସେବାରେ ନିଜକୁ ନିୟୋଜିତ କରିପାରନ୍ତି ।'

ସାମାନ୍ୟ ବିରାମ ପରେ ପରମ ଦୟାଳୁ ଠାକୁରେ ପୁଣି ହସି ହସି କହିଲେ, 'ତୁମମାନଙ୍କ ମଧ୍ୟରେ ଏପରି ଭାଇଭଉଣୀମାନେ ମଧ୍ୟ ଅଛନ୍ତି । ତୁମେ ସାମାନ୍ୟ ଲକ୍ଷ୍ୟ କଲେ ସେମାନଙ୍କୁ ସହଜରେ ଚିହ୍ନିନେଇ ପାରିବ । ସେହି ଭାଇଭଉଣୀମାନେ ବରାବର ସତ୍‌ସଙ୍ଗରେ ନିୟମିତ ଯୋଗ ଦେଇ ଆସୁଛନ୍ତି । ଶାଖା ସତ୍‌ସଙ୍ଗ ଠାରୁ ଆରମ୍ଭ କରି କେତନ ସତ୍‌ସଙ୍ଗ ପର୍ଯ୍ୟନ୍ତ ସବୁ ସତ୍‌ସଙ୍ଗରେ ନିଷ୍ଠା, ଭକ୍ତି ଓ ବିଶ୍ୱାସର ସହିତ ସେମାନେ ନିୟମିତ ଯୋଗ ଦିଅନ୍ତି । ସେମାନଙ୍କୁ ଯେଉଁ କାର୍ଯ୍ୟଭାର ଦିଅନା କାହିଁକି, ସେମାନେ ନିଷ୍ଠାର ସହିତ ନିଖୁଣ ଭାବରେ ସେହି କାର୍ଯ୍ୟ ବାହି ନିଅନ୍ତି । କାର୍ଯ୍ୟକରିବା ସମୟରେ କେଉଁଟା ବଡ଼ କାର୍ଯ୍ୟ ବା କେଉଁଟା ଛୋଟ କାର୍ଯ୍ୟ ସେମାନେ ବାଛନ୍ତି ନାହିଁ ।

ଛୋଟ ହେଉ ବା ବଡ଼ ହେଉ, ପ୍ରତ୍ୟେକଟି କାର୍ଯ୍ୟ ଯେ ଗୁରୁଙ୍କର ସ୍ଥୂଳ ସେବାକାର୍ଯ୍ୟ ତାହା ସେମାନେ ବୁଝି ପାରନ୍ତି । ତତ୍ତ୍ୱ ସାତ୍ତ୍ୱିକ ମୋହଗ୍ରସ୍ତ ଶିଷ୍ୟ/ଶିଷ୍ୟା ବାଛି ବାଛି ମନପସନ୍ଦର କାର୍ଯ୍ୟ ହାତକୁ ନିଅନ୍ତି ନାହିଁ । ସେମାନେ ପ୍ରଶଂସା ପାଇଁ ବା ଯଶ ଖ୍ୟାତି ସମ୍ମାନ ପାଇଁ ଗୁରୁଙ୍କର ସେବାକାର୍ଯ୍ୟ କରନ୍ତି ନାହିଁ । ଗୁରୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ସେମାନେ ଯେ କୌଣସି କାର୍ଯ୍ୟକୁ ଗୁରୁଙ୍କର ସେବାକାର୍ଯ୍ୟ ବୋଲି ବିବେଚନା କରିଥାଆନ୍ତି । ତେଣୁ ଗୁରୁ ମଧ୍ୟ ସୂକ୍ଷ୍ମ ସତ୍ତାରେ ସୂକ୍ଷ୍ମ ସୂତ୍ରୀୟ କାର୍ଯ୍ୟଧାରା ମାଧ୍ୟମରେ ସେମାନଙ୍କର ପାଖେ ପାଖେ ରହି ସେମାନଙ୍କୁ ସହାୟ ହୋଇଥାନ୍ତି । ମାତ୍ର ଯେଉଁ ଗୁରୁଭାଇ/ଭଉଣୀମାନେ ନିଜର ମନପସନ୍ଦର କାର୍ଯ୍ୟ ମନକୁମନ ବାଛି ନେଇ କରନ୍ତି ଓ ସେହି କାର୍ଯ୍ୟ ଅନ୍ୟ କେହି କଲେ ସହ୍ୟ କରି ନପାରି ହିଂସା, ଈର୍ଷା ବା କଳହ କରନ୍ତି, ସେମାନେ ପ୍ରକୃତରେ ଗୁରୁଙ୍କର ନିଷ୍ଠାପର ସେବକ/ସେବିକା ନୁହଁନ୍ତି । ସେମାନଙ୍କ ସେବାରେ ଗୁରୁ କଦାପି ସନ୍ତୁଷ୍ଟ ହୁଅନ୍ତି ନାହିଁ ।'

ଜିଜ୍ଞାସୁ ଶିଷ୍ୟ ଠାକୁରଙ୍କର ଆଲୋଚନାରୁ ନିଜ ମନ ମଧ୍ୟରେ ଉଦୟ ହୋଇଥିବା ସଂଶୟର ଯଥାର୍ଥ ସମାଧାନ ପାଇବା ପରେ ସନ୍ତୁଷ୍ଟ ହୋଇ ତତ୍ତ୍ୱସାତ୍ତ୍ୱିକ ମୋହ ସମ୍ବନ୍ଧରେ ଆହୁରି ଅଧିକ ଜାଣିବା ପାଇଁ ବିନୟର ସହିତ ପ୍ରାର୍ଥନା କରି କହିଲେ-

**ଶିଷ୍ୟ ଉବାଚ :**

ଭୋ ଦେବ, ପରମ କାରଣ । କର ମୋ ତୃଷ୍ଣା ନିବାରଣ ।।
ଶ୍ରୀପାଦେ କରୁଛି ବିନତି । ଘେନ ହେ ମୋର ଏ ମିନତି ।।
ଶ୍ରୀ ପାଦପଦ୍ମେ ମଥା ଥୋଇ । ପ୍ରଶ୍ନ ଗୋଟିଏ ପଚାରଇ ।।
ଫେଡ଼ିଣ ଦେବ ହେ ଉତ୍ତର । ଶ୍ରୀ ପାଦେ ପ୍ରାର୍ଥନା ମାତର ।।
ତତ୍ତ୍ୱସାତ୍ତ୍ୱିକ ମୋହ କଥା । ଫିଟାଇ ଫେଡ଼ ମୋର ବ୍ୟଥା ।।
ଏହାର ଅଛି କି ବିଭାଗ । କହିବ ବହି ଅନୁରାଗ ।।
ଦୋଷ ମୋହର ନ ଧରିବ । ପ୍ରଭୁହେ କ୍ଷମା କରିଥିବ ।।
ଅବୋଧ ଅଜ୍ଞାନ ମୁଁ ମୂଢ଼ । ଚେତନ ମଧ୍ୟେ ମୁଁ ଯେ ଜଡ଼ ।।
ମୋର ଜଡ଼ତା ଦୂର କରି । ହେ ପ୍ରଭୁ କୁହ ଦୟାଧରି ।।

ଶିଷ୍ୟଶିରୋମଣିର ଏତାଦୃଶ ବିନୟ ପ୍ରାର୍ଥନାରେ ଦୟାବିଗଳିତ ପରମ କାରୁଣିକ ଠାକୁରେ କୃପାକରି ସହାସ୍ୟ ବଦନରେ ମଧୁର ଭାଷାରେ ସୁକୋମଳ କଣ୍ଠରେ କହିଲେ:

ପୁଛିଲ ପରମ ପ୍ରଶନ । କହୁଛି ହୋଇ ପରସନ ।।
ମନ ମଧ୍ୟରେ ହୋଇ ଗୁଣି । ଶୁଣ ହୋ ଶିଷ୍ୟ ଶିରୋମଣି ।।
ତତ୍ତ୍ୱ ସାତ୍ତ୍ୱିକର ପ୍ରସଙ୍ଗ । ଏହାର ଅଛି ବେନି ଅଙ୍ଗ ।।
ଦୁଇ ଭାଗରେ ଏ ବିଭକ୍ତ । ଫେଡ଼ିବି ହୋଇ ଅନୁରକ୍ତ ।।
ସୂକ୍ଷ୍ମ ସାତ୍ତ୍ୱିକ ମୋହ ପୁଣି । କାରଣ ସାତ୍ତ୍ୱିକ ଯେ ଗୁଣି ।।
ତତ୍ତ୍ୱସାତ୍ତ୍ୱିକର ବିଭାଗ । ଏ ଦୁଇ ବୁଝ ଅନୁରାଗ ।।
ବହି ତୁମର ହୃଦ ଗତେ । ଯେ ପ୍ରଶ୍ନ ପୁଛିଲ ହୋ ମୋତେ ।।

ଭଗବାନ ଠାକୁରେ ଶିଷ୍ୟର ପ୍ରଶ୍ନ ଶୁଣି ପରମ ଅନୁରକ୍ତିର ସହିତ ପ୍ରସନ୍ନ ଚିତ୍ତରେ ଉତ୍ତର ଦେଇ କହିଲେ ଯେ-ତତ୍ତ୍ୱ ସାତ୍ତ୍ୱିକ ମୋହ ଦୁଇଟି ବିଭାଗରେ ବିଭକ୍ତ । ପ୍ରଥମ ବିଭାଗଟି ହେଉଛି ସୂକ୍ଷ୍ମ ସାତ୍ତ୍ୱିକ ମୋହ ଏବଂ ଦ୍ୱିତୀୟ ବିଭାଗଟି ହେଉଛି କାରଣ ସାତ୍ତ୍ୱିକ ମୋହ ।

## ସୂକ୍ଷ୍ମସାତ୍ତ୍ୱିକ ମୋହ

ବ୍ୟକ୍ତିର ମାର୍ଗ ସିଦ୍ଧିପରେ ଯେଉଁ ସ୍ୱତଃପ୍ରବୃତ୍ତ ଜ୍ଞାନ ସିଦ୍ଧସାଧକର ହୃଦୟରେ ଉଦୟ ହୁଏ, ତାହା 'ସୂକ୍ଷ୍ମସାତ୍ତ୍ୱିକ ମୋହ' ଦ୍ୱାରା ହିଁ ହୋଇଥାଏ । ସ୍ରଷ୍ଟା ପୁରୁଷଙ୍କ ଦ୍ୱାରା ଏହି ବୈଚିତ୍ର୍ୟମୟ ସୃଷ୍ଟି ଭିଆଣ ହୋଇଅଛି । ସୃଷ୍ଟି ଭିଆଣରେ ସୃଷ୍ଟି ପ୍ରତି ସ୍ରଷ୍ଟାଙ୍କର ଯେଉଁ ତାତ୍ତ୍ୱିକ ମୋହ ରହିଛି, ତାହା ସମଗ୍ର ସୃଷ୍ଟି ଉପରେ ବିଚ୍ଛୁରିତ ହୋଇ ଜୀବକୁଳକୁ ସୂକ୍ଷ୍ମସୂତ୍ରୀୟ ସ୍ନେହ, ମମତା, ମାୟା, ମୋହ, ପ୍ରେମ, ପ୍ରୀତି, ଶ୍ରଦ୍ଧା ଇତ୍ୟାଦି ପ୍ରଦାନ କରୁଅଛି । ଏହି ପ୍ରେମ ଅପରିବର୍ତ୍ତନୀୟ । ଯାହା ପ୍ରାଣକୁ ସ୍ରଷ୍ଟାଙ୍କର ସୂକ୍ଷ୍ମସୂତ୍ରୀୟ ଅପରିବର୍ତ୍ତନୀୟ ଶାଶ୍ୱତ ଦିବ୍ୟ ପ୍ରେମ ଥରେ ମାତ୍ର ସ୍ପର୍ଶ କରିଛି, ସେହି ହିଁ କୃତାର୍ଥ ହୋଇଯାଇଛି । ଏହାକୁ 'ସୂକ୍ଷ୍ମ ସାତ୍ତ୍ୱିକ ମୋହ' କୁହାଯାଏ । ଏହି ମୋହରେ ଗ୍ରସ୍ତ ପ୍ରାଣୀ (ବ୍ୟକ୍ତି) ନିଜର ସ୍ୱଭାବଜନିତ ଜ୍ଞାନପ୍ରାପ୍ତ ହୋଇ ଜୀବନ ଓ ଜନ୍ମକୁ ସାର୍ଥକ, ସଫଳ ଓ ଧନ୍ୟ ମଣନ୍ତି । ସୂକ୍ଷ୍ମ ସାତ୍ତ୍ୱିକ ମୋହରେ ଗ୍ରସ୍ତ ବ୍ୟକ୍ତି ଜଗତରେ ସଚରାଚର ପ୍ରାୟତଃ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖନ୍ତି ଓ ସମସ୍ତଙ୍କୁ ସମାନ ଭାବରେ ବିନା କାରଣରେ ପ୍ରାଣଭରି ଭଲ ପାଇ ପାରନ୍ତି । ଏହି ମୋହଗ୍ରସ୍ତ ଜୀବ ସାଧାରଣତଃ ପ୍ରେମିକ ପର୍ଯ୍ୟାୟର ଅଟନ୍ତି । ଏମାନଙ୍କର ପ୍ରେମସ୍ପର୍ଶ ଦିବ୍ୟ, ସ୍ୱର୍ଗୀୟ, ପୁଣ୍ୟ, ଶାଶ୍ୱତ ଓ ସନାତନ ଅଟେ ।

## କାରଣ-ସାତ୍ତ୍ୱିକ ମୋହ

ତତ୍ତ୍ୱସାତ୍ତ୍ୱିକ ମୋହର ଦ୍ୱିତୀୟ ବିଭାଗ କାରଣ ସାତ୍ତ୍ୱିକ ମୋହ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରି କହିଲେ-ପରମାତ୍ମାଙ୍କ ସହିତ ଜୀବାତ୍ମାର ମିଳନ ବା ସ୍ରଷ୍ଟାପୁରୁଷଙ୍କ ସହିତ ସୃଷ୍ଟିର ମିଳନ ବା ଭଗବାନ ଠାକୁରଙ୍କ ସହିତ ଭକ୍ତର ମିଳନକୁ ଯୋଗାରୂଢ଼ ଯୋଗୀମାନେ ଅନନ୍ତ, ଅବ୍ୟକ୍ତ, ଅସୀମ, ଅଲେଖ, ଅରୂପ, ଅନାହତ, ଅଜର, ଅମର, ନିର୍ବିକାର ବୋଲି କହିଥାଆନ୍ତି । ଏହି କ୍ଷେତ୍ରରେ କାରଣ ସାତ୍ତ୍ୱିକ ମୋହ ହିଁ କାର୍ଯ୍ୟ କରିଥାଏ । ଭଗବାନ ଠାକୁରେ ହିଁ କାରଣ ପୁରୁଷ । ତାଙ୍କ ସୃଷ୍ଟ କାରଣ ସାତ୍ତ୍ୱିକ ମୋହ ଭକ୍ତର ଅନ୍ତଃକରଣରେ କାରଣ ସାତ୍ତ୍ୱିକ ଭାବର ସୂକ୍ଷ୍ମ ବୀଜ ବପନ/ରୋପଣ କରେ । ଏହି ସୂକ୍ଷ୍ମ ବୀଜ ଭକ୍ତର ଭକ୍ତିରସରେ ରସାଣିତ ହୋଇ ଅନନ୍ୟା ଭକ୍ତି (ପ୍ରେମ)ରେ ରୂପାନ୍ତରିତ ହୋଇ ଅଙ୍କୁରୋଦ୍‌ଗମ ହୁଏ । ପ୍ରେମ ଭକ୍ତିଭାବରେ ବିଶୁଦ୍ଧ ଭକ୍ତର ଅନ୍ତରାତ୍ମା ପରମାତ୍ମା ପରାତ୍ପର ପରଂବ୍ରହ୍ମ ଚରମପୁରୁଷଙ୍କର ମହାଭାବ ସହିତ ମିଳିତ ହୋଇ ଏକାକାର ଓ ଅଭିନାତ୍ମା ହେବା ପାଇଁ ବ୍ୟାକୁଳିତ ହୋଇ ଉଠେ । ଅନ୍ତର୍ଯ୍ୟାମୀ ପୁରୁଷ ଠାକୁରେ ଭକ୍ତର ବିଶୁଦ୍ଧ ଅନ୍ତରାତ୍ମାର ଅନ୍ତଃସ୍ୱରରେ ପ୍ରେମ ବିଗଳିତ ହୋଇ ଭକ୍ତ ସହିତ ଏକାନ୍ତ ଭାବରେ ହୃଦୟର ମିଳନ ବେଦୀରେ ମିଳନ ରଚନାର ସୁବ୍ୟବସ୍ଥା କରିଦିଅନ୍ତି । ଭକ୍ତ ଓ ଭଗବାନ ଦୁଇଟି ଶରୀରରେ ଭିନ୍ନ ଭିନ୍ନ କଥିତ ହେଉଥିଲେ ହେଁ ଭାବାତ୍ମାରେ ଏକାକାର ଓ ଅଭିନ୍ନ ହୃଦୟ ହୋଇ ଉଠନ୍ତି । ଭକ୍ତର ତପ୍ତ ପ୍ରାଣ ଶାନ୍ତ ହୁଏ । ଦିବ୍ୟ ପ୍ରଶାନ୍ତିରେ ଭକ୍ତର ହୃଦୟ ଉଦ୍‌ବେଳିତ ହୁଏ । ଆଦ୍ୟ ଆଷାଢ଼ରେ ନବୀନ ମେଘମାଳା ଦେଖି ମୟୂରମୟୂରୀ ନାଚି ଉଠିଲା ଭଳି ଭକ୍ତ ଭଗବାନଙ୍କର ସାନ୍ନିଧ ଲାଭକରି ବିପୁଳ ଆନନ୍ଦରେ ଆତ୍ମହରା ହୁଏ । ଏହି ସକଳ ପ୍ରକ୍ରିୟାର ପ୍ରଚ୍ଛନ୍ନରେ କାରଣ ସାତ୍ତ୍ୱିକ ମୋହ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଶୀର୍ଷତମ ଆଧାତ୍ମିକ ସଫଳତା ଲାଭ ନିମନ୍ତେ ବିଶୁଦ୍ଧାତ୍ମା ଭକ୍ତ ପାଇଁ କାରଣ ସାତ୍ତ୍ୱିକ ମୋହ ଏକାନ୍ତ ଅପରିହାର୍ଯ୍ୟ ଅଟେ ।

କାରଣ-ସାତ୍ତ୍ୱିକ ମୋହ ପ୍ରସଙ୍ଗରେ ପ୍ରାଥମିକ ସଂକ୍ଷିପ୍ତ ଆଲୋଚନା ଶେଷ କରିବାପରେ ପରମ ଦୟାଳୁ ଠାକୁରେ କ୍ଷଣିକ ପାଇଁ ନୀରବ ରହି ପୁଣି କହିଲେ; 'ତତ୍ତ୍ୱ ସାତ୍ତ୍ୱିକ ମୋହ'ର ଦୁଇ ବିଭାଗ ଯଥା- ସୂକ୍ଷ୍ମସାତ୍ତ୍ୱିକ ମୋହ ଓ କାରଣ ସାତ୍ତ୍ୱିକ ମୋହ ସଂପର୍କରେ ମୋଟାମୋଟି ଭାବରେ ଏହାହିଁ ପ୍ରାଥମିକ ସ୍ତରର ତତ୍ତ୍ୱଜ୍ଞାନ, ମାତ୍ର ଏତିକିରେ ଏହି ଉଭୟ ବିଭାଗର ପୂର୍ଣ୍ଣାଙ୍ଗ ଆଲୋଚନା ଶେଷ ହୋଇନାହିଁ । ଯୋଗୀ ଯୋଗମାର୍ଗରେ ଗତିକରି ଅଷ୍ଟାଙ୍ଗ ଯୋଗର ସମାଧିସ୍ତରରେ ଉପନୀତ ହେବା ପରେ କ୍ରମଶଃ ସମାଧି ପର୍ଯ୍ୟାୟରେ ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରିଚାଲେ । ଏହି ପର୍ଯ୍ୟାୟରେ ସମାଧି ଯୋଗୀମାନେ ଆବଶ୍ୟକମତେ ସୂକ୍ଷ୍ମ ସାତ୍ତ୍ୱିକ ମୋହ ଓ/ବା କାରଣ ସାତ୍ତ୍ୱିକ ମୋହ ଦ୍ୱାରା ଗ୍ରସ୍ତ ହୋଇ ଥାଆନ୍ତି । ଭଗବତ୍ ଇଚ୍ଛାରୁ ବିଶ୍ୱ କଲ୍ୟାଣ ନିମନ୍ତେ ସୂକ୍ଷ୍ମ ସାତ୍ତ୍ୱିକ ବା/ଓ କାରଣ ସାତ୍ତ୍ୱିକ ମୋହ ଗ୍ରସ୍ତ ଯୋଗୀ ସେହି ସମାଧି ପର୍ଯ୍ୟାୟକ୍ରମରେ ଯେଉଁ ଯେଉଁ ଫଳଲାଭ କରିଥାଆନ୍ତି ତାହା ଉଦାହରଣ ଦେଇ ଆମେ ତୁମକୁ ପର୍ଯ୍ୟାୟକ୍ରମରେ ସହଜ ସରଳ ବୋଧଗମ୍ୟ ଭାଷାରେ ବୁଝାଇବାକୁ ଅବଶ୍ୟ ଚେଷ୍ଟା କରିବୁ । ଏହା ତୁମର ତତ୍ତ୍ୱଜ୍ଞାନକୁ ପରିପକ୍ୱ କରିବା ସହିତ ତୁମର ସଂଶୟ ମଧ୍ୟ ଅନେକାଂଶରେ ମୋଚନ କରିପାରିବ ।। (କ୍ରମଶଃ)

✻✻✻

ଆଳସ୍ୟରେ କାଳକାଟି
ଦିନ ଗଲା ବିତି ।
କର୍ମଧାରା କରିକରି
ଧରିଛୁ ଏ ରୀତି ।।
ଧାରାଧରି ଏହାକରି
ମରି ସଢ଼ି ଗଲେ ।
ଚରମ ପ୍ରାପତି ଲାଭ
ନ କରିବୁ ଭଲେ ।।

ବିଜୁଳି ପରି କରିବୁ କାମ
ଚଂଚଳ ହେବୁ ବାବୁ ।
ତେବେ ସିନା ଏ ଜୀବନରେ
କାଳ ହୋଇବ କାବୁ ।।

# ଗରୁଡ଼ସ୍ତମ୍ଭ

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ**

## ନାରୀ ହିଁ ପ୍ରକୃତି

କେତେ ମାୟା କେତେ ଅଂଶେ ଖେଳୁ ଅଛି ଜାଣେ ଏକା ମାୟାଧର ।
ବ୍ରହ୍ମରୁ ବ୍ରହ୍ମାଣ୍ଡ ବ୍ରହ୍ମାଣ୍ଡରୁ ପିଣ୍ଡ ସବୁ ତାର ଖେଳ ଘର ।।
କେଉଁଠି ମୋହିନୀ କେବେ ସେ ମୋହନ ତା ବିନା ତାକୁ କେ ଜାଣେ ।
ଅନ୍ଧାରୀ ମୂଳକେ ଜୀବର ବନ୍ଧନ ବ୍ରହ୍ମକୁ ଖୋଜୁଛି ବଣେ ।।

*କଥା ପ୍ରସଂଗରେ, ଆଲୋଚନାରେ, ମାନସ ପଟରେ ପ୍ରାୟ ପ୍ରତ୍ୟେକ ଅବସ୍ଥାରେ ସମସ୍ତେ କହନ୍ତି, ''ସେ ପରା ମାୟାଧର ! ତାଙ୍କ ମାୟାଜାଲ କିଏ ଭେଦ କରିପାରିବ ? କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ ମାୟା ହେଉଛି - ସେ ମାୟାକୁ କିପରି ଧରିଛନ୍ତି ? କାହିଁକି ଧରିଛନ୍ତି ? ମାୟାଜାଲ କେଉଁଠି କିପରି ବିସ୍ତାରିତ ହୋଇଛି/ହେଉଛି ଏବଂ ସର୍ବୋପରି ସେ ''ମାୟା'' କିଭଳି ପଦାର୍ଥ ବା ବସ୍ତୁ, ସେ ସଂପର୍କରେ କେହି କିଛି ଜାଣିନାହାନ୍ତି - ସାମାନ୍ୟତମ ଧାରଣା ମଧ୍ୟ ନାହିଁ । ମାତ୍ର ''ମାୟା'' ଶବ୍ଦର ବହୁଳ ପ୍ରସାର/ପ୍ରଚାର, ଆଖ୍ୟାୟିକା ଉଦାହରଣ ଆଦି ସମାଜରେ ପ୍ରତିଷ୍ଠିତ ହୋଇଚାଲୁଛି । ମହାନାୟକଙ୍କର ଏହାଠାରୁ ଆଉ ଅଧିକ ମାୟାଜାଲ କ'ଣ ହୋଇପାରେ ? ତେଣୁ ଜାଲ ବୁଣିଥିବା ବ୍ୟକ୍ତି ବ୍ୟତୀତ ଜାଲରେ କେତେ ସୂତା, କେତେ ଗଣ୍ଠି - ତା'ର ବର୍ଣ୍ଣନା କିଏ କରିପାରିବ ? ଆଜି ଆମର ପରମ ସୌଭାଗ୍ୟ-ସେହି ଗୋପନ ଚିତ୍ରକର, ବୁଣାକାର ପିଲାଟି ସ୍ୱୟଂ ଧରାପୃଷ୍ଠରେ ନରତନୁରେ ଧରାପଡ଼ିଯାଇଛନ୍ତି । ଜୀବର ବ୍ୟାକୁଳତା ଲକ୍ଷ୍ୟକରି ଅନେକ ପ୍ରାର୍ଥନା ପରେ ସେହି ଅସୀମ ଜାଲଟିର ପ୍ରତ୍ୟେକ ଗ୍ରନ୍ଥିକୁ ଖୋଲି ତାଙ୍କ ଅସଲ ସ୍ୱରୂପର ପରିଚୟ ଦେଇ ଚାଲିଛନ୍ତି ତାଙ୍କର ମାନସ ସନ୍ତାନ 'ଚରମ'ର ଏହି ଧାରାବାହିକ ସ୍ତମ୍ଭରେ -*

'ଚରମ' : ସପ୍ତମ ପୁଷ୍ପ : ଚତୁର୍ଥ ପାଖୁଡ଼ା : ପଞ୍ଚତ୍ରିଂଶତ୍ତମ (୩୫ଶ) ସଂଖ୍ୟାର ଅନୁସୃତରୁ :

**ଭାବାଂଶ**

**(୧) ବୈଷ୍ଣବୀ ମାୟା :** **(୫) ଶକଟକ ମାୟା**

ମୋହିନୀ ମାୟା ବୈଷ୍ଣବୀ ଅଂଶର ପଞ୍ଚମ ପାଖୁଡ଼ା (ଭାବାଂଶ) ହେଉଛି ''ଶକଟକ ମାୟା'' । ଉକ୍ତ ମାୟାପୁଞ୍ଜ ଅତୀବ ମନୋହର, କମନୀୟ ତଥା ଅଲୌକିକ ଅଟେ । ଏହା ବ୍ରହ୍ମମଣ୍ଡଳରୁ ଭୂମଣ୍ଡଳ ପର୍ଯ୍ୟନ୍ତ ବ୍ୟାପି ରହିଅଛି ଏବଂ ସଚରାଚର ବନ୍ଧନ କରି ତା'ର ବିଚ୍ଛୁରିତ ରଶ୍ମୀ ସାହାଯ୍ୟରେ ବ୍ରହ୍ମଙ୍କ ଆଦେଶ କାର୍ଯ୍ୟକାରୀ କରୁଅଛି । ଏହା ମଧ୍ୟ ଅନେକ ଭାଗରେ ବିଭକ୍ତ ହୋଇ ବ୍ରହ୍ମଙ୍କ ଇଚ୍ଛାପୂର୍ଣ୍ଣ କରିଚାଲିଛି । ସେହି ବିଭାଗ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଆଲୋଚନା କରୁଛୁ ''ମମତା'' ।

ଏହି ''ଶକଟକ ମାୟା'' ବ୍ରହ୍ମ ମଣ୍ଡଳରେ ହରିଦ୍ରାବର୍ଣ୍ଣ ଧାରଣ କରି ଅତ୍ୟନ୍ତ ତେଜସ୍ୱୀ ହୋଇ ସୃଷ୍ଟି ହୁଏ । ଏହାଠାରୁ ବ୍ରହ୍ମଙ୍କ ଆଜ୍ଞାକୁ ପ୍ରତ୍ୟେକ ବ୍ରହ୍ମାଣ୍ଡକୁ ପ୍ରଦାନ କରେ । (ବ୍ରହ୍ମାଣ୍ଡର ଉତ୍ପତ୍ତି ଓ ବ୍ରହ୍ମାଣ୍ଡରେ ମାୟାର ବିଚ୍ଛୁରିତ ଭାବାଂଶର କ୍ରିୟା, ପ୍ରକ୍ରିୟା ସଂପର୍କରେ ଏହାର ପୂର୍ବବର୍ତ୍ତୀ ସଂଖ୍ୟାରେ ଭାବାଂଶ (୩) ଉତ୍ତୁଙ୍ଗ ମାୟାରେ ଆଲୋଚନା ହୋଇଅଛି ।) ବ୍ରହ୍ମଙ୍କ ଆଜ୍ଞା, ଆଦେଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରତ୍ୟେକ ବ୍ରହ୍ମାଣ୍ଡକୁ ଆଜ୍ଞା ପ୍ରଦାନ ଉଦ୍ଦେଶ୍ୟରେ ଶକଟକ ବ୍ରହ୍ମ ମାୟା ବିରାଟ ରୂପ ଧାରଣ କରେ । ଏହି ବିଶାଳ **କାୟାର** ଉଚ୍ଚତା ୫୨ଫୁଟ ଓ ବର୍ଣ୍ଣ ହରିଦ୍ରା ହୋଇଥାଏ । ମାତ୍ର ବ୍ରହ୍ମାଣ୍ଡକୁ ଗତି କରିବା ସମୟରେ ମୁହୂର୍ତ୍ତକ ମଧ୍ୟରେ ବର୍ଣ୍ଣ ପରିବର୍ତ୍ତନ କରି ଧୂମ୍ରବର୍ଣ୍ଣ ହୋଇଯାଏ । ମୂଳପିଣ୍ଡ ଧୂମ୍ରବର୍ଣ୍ଣ ଜ୍ୟୋତିର ଆଂଶିକ ରେଣୁ ବିଦ୍ୟୁତର ଝଲକ ପରି ବିଚ୍ଛୁରିତ ହୋଇଯାଏ । ଏହି ବିଚ୍ଛୁରିତ ଅବସ୍ଥା ଖଡ଼ଗର ଧାର ପରି ସୂକ୍ଷ୍ମ, ତେଜସ୍ୱୀ ଓ ଚମକପ୍ରଦ ହୋଇଥାଏ । ଉକ୍ତ ରେଣୁପୁଞ୍ଜ ସମସ୍ତ ବ୍ରହ୍ମାଣ୍ଡକୁ କ୍ଷଣିକ ମଧ୍ୟରେ ଆଚ୍ଛାଦିତ କରିଦିଏ । ରେଣୁ ସ୍ପର୍ଶରେ ବ୍ରହ୍ମାଣ୍ଡ ଗୁଡ଼ିକ ହଠାତ୍ କ୍ରିୟାଶୀଳ ହୋଇଯାଆନ୍ତି ଏବଂ ଶକଟକ ମାୟାର ସୂକ୍ଷ୍ମ ଭାବାଂଶକୁ ଅନୁଭବ କରିବା ପାଇଁ ଅପେକ୍ଷା କରନ୍ତି । ତତ୍କ୍ଷଣାତ୍ ରେଣୁପୁଞ୍ଜିତ ଖଡ଼ଗଧାରରୁ ମାୟାଂଶ ଗୈରିକ ବର୍ଣ୍ଣ ଧାରଣ କରି ଛାଞ୍ଚୁଣିମୁଠାର ଆକୃତି ନେଇ ସପ୍ତଲୋକକୁ ବ୍ୟାପି ଯାଏ । ସପ୍ତଲୋକ ଯଥା : ସତ୍ୟମ୍, ତପଃ, ଜନଃ, ମହଃ, ସ୍ୱଃ, ଭୁବଃ ଓ ଭୂଃ । ଗୈରିକବର୍ଣ୍ଣ ଧାରଣ କରି ଲୋକ ଆଚ୍ଛାଦିତ କରିବା ପରେ ସେଠାରେ ବର୍ଣ୍ଣ ପୁନଃ ପରିବର୍ତ୍ତନ କରି ନୀଳବର୍ଣ୍ଣ ହୋଇଯାଏ । ଉକ୍ତ ନୀଳବର୍ଣ୍ଣ ହେଉଛି ଶକଟକ ମାୟାର ସାତ୍ତ୍ୱିକ ଭାବ ଅବସ୍ଥା । ଏହାରି ମାଧ୍ୟମରେ ପ୍ରତ୍ୟେକ ବ୍ରହ୍ମାଣ୍ଡ/ଲୋକରେ ସୂକ୍ଷ୍ମାତିସୂକ୍ଷ୍ମ ପ୍ରକ୍ରିୟାରେ ବ୍ରହ୍ମଙ୍କ ପ୍ରେମଭାବକୁ ବିଚ୍ଛୁରିତ କରିବା ସଂଗେ ସଂଗେ ଉକ୍ତଭାବର ସ୍ୱୟଂଚାଳିତ ପ୍ରଭାବ ବିସ୍ତାର କରିବାର **ଆଜ୍ଞା** ପ୍ରଦାନ କରିଦିଏ । ଫଳରେ 'ପ୍ରେମର' ସମସ୍ତ ବିଭାଗ ଆପେ ଆପେ ଠୁଳ ହୋଇଯାଏ ଏବଂ ସମୟାନୁକ୍ରମେ ବ୍ରହ୍ମଙ୍କ ଇଚ୍ଛାନୁସାରେ କ୍ରିୟାଶୀଳ ହୋଇ ସ୍ୱତଃ କାର୍ଯ୍ୟ କରି ଚାଲିଥାଏ । ସୁତରାଂ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ଚାଳକର ଆବଶ୍ୟକତା ହୁଏ ନାହିଁ । ଏହି ମାୟାବନ୍ଧନରେ ବନ୍ଦୀ ହୋଇ ଯାଇଥିବାରୁ ଦେବା, ଦେବୀ, ଗ୍ରହ, ନକ୍ଷତ୍ର, ଲୋକପାଳ, ଦିଗପାଳ ଆଦି ସମସ୍ତ ସୂକ୍ଷ୍ମ ଶକ୍ତିଙ୍କ ମନରେ ସ୍ନେହ, ସହାନୁଭୂତି, ଦୟା, ମମତା, ଆସକ୍ତି ଇତ୍ୟାଦି ପ୍ରେମାଂଶ ଅଣୁଗୁଡ଼ିକ ଜମାଟ ବାନ୍ଧି ରହିଯାଆନ୍ତି ଏବଂ ଉପଯୁକ୍ତ ସମୟରେ ବ୍ରହ୍ମାଜ୍ଞାରେ ସକ୍ରିୟ ହୋଇ ଆପେ ଆପେ ବିସ୍ତାରିତ ହୋଇଯାଆନ୍ତି । ଏହି ମାୟାଂଶର ରେଣୁପୁଞ୍ଜ ଦ୍ୱାରା ବଶୀଭୂତ ହୋଇ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ସୂର୍ଯ୍ୟଦେବ ନିର୍ବିକାର ଚିତ୍ତରେ ତାଙ୍କର କିରଣ ଦାନ କରିଚାଲିଛନ୍ତି । ଚନ୍ଦ୍ରାଦି ଗ୍ରହ, ନକ୍ଷତ୍ରମାନେ ଅହରହ ଜୀବ ଜଗତ ପ୍ରତି ସ୍ନେହ ପରବଶ ହୋଇ ବ୍ରହ୍ମାଜ୍ଞା ପାଳନ ପୂର୍ବକ ନାନାଦି ହିତକର୍ମ କରିଚାଲିଛନ୍ତି । ଯୋଗୀ ମୁନି, ଋଷି, ସନ୍ୟାସୀ, ସାଧକମାନଙ୍କର ଏକନିଷ୍ଠ ଭକ୍ତି ଓ ସାଧନାନ୍ତେ, ସାଧନ ସମୟରେ ଏହି ଶକଟକ ମାୟାଂଶ ଦ୍ୱାରା ପ୍ରଭାବିତ ହୋଇ ଦେବାଦେବୀମାନେ ସାଧକମାନଙ୍କ ପ୍ରତି ସ୍ନେହଶୀଳ, ମମତା ପରବଶ ହୋଇ ପ୍ରସନ୍ନ ଭାବକୁ ଚିତ୍ତରେ ଧାରଣ କରନ୍ତି ଓ ସାଧକର ମନସ୍କାମନା ପୂରଣ କରି ବରଦାନ କରନ୍ତି । ବରଦାନର ମୂଳଉତ୍ସ ''ଶକଟକ ମାୟା'' ଭାବାଂଶ ହୋଇଥିବାରୁ ସେହି ଅଂଶର ସୂକ୍ଷ୍ମରେଣୁ ନୀଳବର୍ଣ୍ଣ ଧାରଣ କରି ସିଦ୍ଧି ସହ ସାଧକର ଶରୀରରେ ପ୍ରବେଶ କରିଯାଏ । ତେଣୁ ସିଦ୍ଧିଲାଭ କରିଥିବା ସିଦ୍ଧିସାଧକମାନଙ୍କ ମନରେ ଜୀବ ଜଗତ ପ୍ରତି ଆପେ ଆପେ ସ୍ନେହ, ମମତା, ସହାନୁଭୂତି ଆଦି ଦିବ୍ୟଭାବ ଜାଗ୍ରତ ହୋଇ ରହିଯାଏ ।

ଏହା ପୂର୍ବରୁ ଆଲୋଚିତ ହୋଇଥିବା ଆଭୂମା, ଭୂମା, ଉତ୍ତୁଙ୍ଗ ଓ କୁକୁଞ୍ଜନା ମାୟାଂଶ ମାଧ୍ୟମରେ କିପରି ବ୍ରହ୍ମ ବ୍ରହ୍ମାଣ୍ଡ ଓ ମର୍ତ୍ତ୍ୟଭୂମିର ଜୀବ ଜଗତ ସୃଷ୍ଟି ହୋଇଯାଏ, ତାହାର ସୂଚନା ଦିଆଯାଇ ସରିଛି । ଉପରୋକ୍ତ ମାୟାଂଶଗୁଡ଼ିକ ବ୍ରହ୍ମଙ୍କ ଆଜ୍ଞା ପାଳନ କରି ସ୍ୱ ସ୍ୱ କର୍ମ ନିର୍ବାହ କରିସାରିବା ପରେ ଶକଟକ ମାୟା ସେମାନଙ୍କ ସହ ମିଳିତ ହୋଇଯାଏ । ତେଣୁ ଜୀବଜଗତ ସୃଷ୍ଟି ସଂଗେ ସଂଗେ ଏହି କ୍ରିୟା ଏକ ସ୍ୱୟଂଚାଳିତ ପଦ୍ଧତିରେ ସମାନ୍ତରାଳ ଭାବରେ ସମାହିତ ହୋଇଯାଏ । ଫଳରେ ନଦ, ନଦୀ, ହ୍ରଦ, ପାହାଡ଼, ପର୍ବତ ଇତ୍ୟାଦି ସ୍ଥୂଳ ଚକ୍ଷୁରେ ଭିନ୍ନ ଭାବ ସୃଷ୍ଟି

କରୁଥିଲେ ମଧ୍ୟ ବାସ୍ତବରେ ସେମାନେ ଶକଟକ ମାୟା ପ୍ରଭାବରେ ସ୍ୱୟଂ ସଂପୂର୍ଣ୍ଣ ଓ ସ୍ୱାଧୀନ ହୋଇ ବ୍ରହ୍ମଙ୍କ ଇଚ୍ଛା ସାକାର କରିଥାନ୍ତି । ଏହି ପ୍ରସଂଗରେ ପୌରାଣିକ ଭିତ୍ତିଭୂମିକୁ ଆଧାର କରି ନିରୀକ୍ଷଣ କଲେ ଦେଖାଯିବ ଯେ, ନଦ, ନଦୀ, ହ୍ରଦ ଇତ୍ୟାଦି ସମସ୍ତ ବହମାନ ସ୍ଥିତିର ପୂର୍ବାବସ୍ଥା ନିଶ୍ଚିତ ଭାବରେ କେହି ନା କେହି ଅସାଧାରଣ ବ୍ୟକ୍ତିତ୍ୱ । ସେମାନେ ସମାଧି ସ୍ତରରେ ହେଉ ଅବା ତତ୍‌କାଳୀନ ଘଟଣାପ୍ରବାହର ହଠାତ୍ ଯୋଗରେ ବ୍ରହ୍ମଦର୍ଶନ ସମୟରେ ଏହି ଅବସ୍ଥା ପାଇଁ ବରଭିକ୍ଷା କରିଥାଆନ୍ତି । ଏହା କେବଳ ସମ୍ଭବ ହୁଏ ସେହି ଶକଟକ ମାୟାର ଭାବାଂଶ ପ୍ରଭାବରେ । ଉଦାହରଣ ସ୍ୱରୂପ - ମହାନନ୍ଦ ରାକ୍ଷସ ବ୍ରହ୍ମଙ୍କ ହାତରେ ନିଧନ ହେବା ସମୟରେ ବର ପ୍ରାର୍ଥନା କରିଥିଲା ନଦୀ ଆକାରରେ ବହି ଯାଇ ଜଗତକଲ୍ୟାଣ କାର୍ଯ୍ୟରେ ସର୍ବୋତଭାବେ ଉତ୍ସର୍ଗୀକୃତ ହେବାପାଇଁ । ବ୍ରହ୍ମଙ୍କ ଆଶୀର୍ବାଦ ଲାଭ କରିବା ପରେ ସେ ''ମହାନଦୀ'' ନାମ ଧାରଣ କରି ବହିଯାଉଛି । ଶକଟକ ମାୟା ସଚରାଚର ବ୍ରହ୍ମାଣ୍ଡ ଆଚ୍ଛାଦନ କରିଥିବାରୁ ମହାନନ୍ଦ ରାକ୍ଷସର ବ୍ରହ୍ମଦର୍ଶନ ପ୍ରଭାବରେ ରଜ ଓ ତମ ଗୁଣଗୁଡ଼ିକ ଅସ୍ତମିତ ହୋଇ ସାତ୍ତ୍ୱିକ ଗୁଣର ପ୍ରାଧାନ୍ୟ ସୃଷ୍ଟି ହେଲା ବେଳକୁ ଶକଟକ ବ୍ରହ୍ମାଂଶର ସୂକ୍ଷ୍ମାଣୁ ସୋରିଷଫୁଲର ବର୍ଣ୍ଣ ଧାରଣ କରି ତା'ର ଶରୀର ମଧ୍ୟରେ ପ୍ରବେଶ କରିଗଲା । ଫଳରେ ବ୍ରହ୍ମଦର୍ଶନର ବ୍ୟାପକ ଫଳ ପ୍ରଭାବ ସହିତ ଶକଟକ ମାୟାଂଶ ବ୍ରହ୍ମଙ୍କ ଆଜ୍ଞାରେ ତତ୍‌କ୍ଷଣାତ୍ ତା'ର ମନରେ ମର୍ତ୍ତ୍ୟଭୂମିର ଜୀବମାନଙ୍କ ପ୍ରତି ମମତା ସୃଷ୍ଟି କରାଇ ଦେଲା । ଏହା ମହାନନ୍ଦର ଅଜାଣତରେ ସ୍ୱୟଂଚାଳିତ କ୍ରିୟାରେ ସଂଗଠିତ ହୋଇଗଲା । ତେଣୁ ନିର୍ଯ୍ୟାସରେ ଶକଟକ ମାୟାରେ ମୋହିତ ହୋଇ ମହାନନ୍ଦ ଜୀବଜଗତର କଲ୍ୟାଣ ପାଇଁ ନଦୀ ହୋଇ ବହିଯିବାର ଆକାଂକ୍ଷା ନିବେଦନ କରିଦେଲା । ଏ ସୃଷ୍ଟିର ସମସ୍ତ ବିଭବ ଏହି ପ୍ରକ୍ରିୟାରେ ସଂଗଠିତ ହୋଇ ଆପେ ଆପେ ପରିଚାଳିତ ହୋଇ ଚାଲିଛି । ନଦୀଟିଏ ଯେପରି ଶକଟକ ମାୟା ପ୍ରଭାବରେ ସ୍ୱୟଂ ଚାଳିତ ହୋଇ ନିର୍ବିକାର ହୋଇ ବହିଯାଉଛି, ଜୀବମାନେ ମଧ୍ୟ ଠିକ୍ ସେହି ମାର୍ଗରେ ଶକଟକ ପ୍ରଭାବିତ ହୋଇ ନଦୀ ପ୍ରତି ପବିତ୍ରଭାବ ଶ୍ରଦ୍ଧା ପୋଷଣ କରିଚାଲିଛନ୍ତି । ଏହି ଅଭିନବ, ଅଲୌକିକ ଘଟଣାଗୁଡ଼ିକୁ ଗମ୍ଭୀର ଭାବରେ ଚିନ୍ତାକଲେ ବ୍ରହ୍ମଙ୍କ ବିଚିତ୍ର ଲୀଳା ସଂପର୍କରେ ସମ୍ୟକ୍ ଧାରଣା ଜନ୍ମନେଇ ମନ, ହୃଦୟକୁ ପୁଲକିତ କରିଦିଏ । ଶକଟକ ମାୟାଂଶର ଅନ୍ୟାନ୍ୟ ଚମତ୍‌କାରିତା ପରବର୍ତ୍ତୀ ସଂଖ୍ୟାରେ ପ୍ରତ୍ୟକ୍ଷ ହେବ ॥

(କ୍ରମଶଃ)

❋❋❋

ନାରୀ ସାରି ଦେଲା ନିଃଶେଷ ହୋଇଲା
ପରଠାରେ ଦେଇ ମନ ।
ଶିରୀ ତୁଟିଗଲା କିଏ ସେ କହିଲା
ଗୁଣମଣି ମୋର ଧନ ॥

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

ମତି ଚପଳ ସିନା କଅଁଳ ଚନ୍ଦ୍ରକଳା ଆବୋରି ରହିଅଛି ତୋହର ପିଣ୍ଡ ।
ଧରମ ଧନ ଯଦି ବାନ୍ଧିବୁ ଯତନରେ ଦେଖିବୁ ମନଖୋଲି ଏହି ବ୍ରହ୍ମାଣ୍ଡ ।।
ବ୍ରହ୍ମାଣ୍ଡପତି ନିଜେ କେତେ ଶ୍ରଦ୍ଧାରେ ଖୋଜେ ଥରେ ତୁ ଯାଇ ଲୋଟିଯାଅ ଚରଣେ ।
ଦେଖିବୁ ତା'ର ରୂପ ତୁଟିବ ସବୁପାପ ଅମୃତ ଲଭି ହେବୁ ଜଗତେ ଜଣେ ।।

*ବାଲ୍ୟାବସ୍ଥାରେ ମନ ଅତ୍ୟନ୍ତ କୋମଳ ଅବସ୍ଥାରେ ଥାଏ । କଞ୍ଚାମାଟିର କୁମ୍ଭାର ତା'ର ଇଚ୍ଛାମତେ ମୂର୍ତ୍ତି ଗଢ଼ିବା ପରି ଶିଶୁର ଏହି ଅବସ୍ଥାରେ ତାକୁ ଯେଉଁ ପଥରେ ପରିଚାଳିତ କରାଯିବ, ଭବିଷ୍ୟତର କର୍ମମୟ ଜୀବନ ତା'ର ଠିକ୍ ସେହି ପଥରେ ଅଗ୍ରସର ହେବ । ତେଣୁ ଛୋଟପିଲା କହି ତାକୁ ଅବହେଳା କଲେ ତା'ର କ୍ଷତି ହେବା ସଂଗେ ସଂଗେ ଏ ସମାଜ, ଜାତି, ରାଷ୍ଟ୍ରର ଅପୂରଣୀୟ କ୍ଷତି ହୋଇଯିବ । କାରଣ ଆଜି ଯେ ଚପଳମତି ଶିଶୁ ଆସନ୍ତାକାଲି ସେ ସମସ୍ତଙ୍କର ଭବିଷ୍ୟତ । ସେହି ଲକ୍ଷ୍ୟରେ ପରମକାରୁଣିକ ଠାକୁରେ ଧାରାବାହିକ ଭାବରେ ମହାପୁରୁଷମାନଙ୍କ ଜୀବନୀ ପ୍ରକାଶ କରିବା ଅବସରରେ, ସେମାନଙ୍କର ବାଲ୍ୟଜୀବନକୁ ଅନୁକରଣ କରିବାର ପ୍ରେରଣା ଶିଶୁ, କିଶୋରମାନଙ୍କ ମନରେ ଜାଗ୍ରତ କରିବାର ଆଶିଷ ପ୍ରଦାନ କରି ଚାଲିଛନ୍ତି ।*

''ଚରମ'' : ସପ୍ତମପୁଷ୍ପ : ଚତୁର୍ଥ ପାଖୁଡ଼ା : ପଞ୍ଚତ୍ରିଂଶତ୍ତମ ସଂଖ୍ୟାର ଅନୁସୃତିରୁ :

## ଦେବଶିଶୁ ସୁଧାନନ୍ଦ

ଶୂନ୍ୟବାଣୀକୁ ଗ୍ରହଣ କରି ଗୁରୁ ଅମେଧାନନ୍ଦ ଆଶ୍ରମର ସମସ୍ତ ଦାୟିତ୍ୱ ସୁଧାନନ୍ଦଙ୍କୁ ଅର୍ପଣ କରି ଆଶ୍ରମ ପରିତ୍ୟାଗ କଲେ । ଯିବା ବାଟରେ ବିଶ୍ରାମ ନେବା ସମୟରେ ସାତଜଣ ପରୀ ଆସି ଗୁରୁଦେବଙ୍କୁ ଗୋଟିଏ ଗୋଟିଏ ପ୍ରଶ୍ନ ପଚାରିଲେ । ଗୁରୁବର ଜଣକୁ ଛାଡ଼ି ଅନ୍ୟ ଛଅଜଣ ପରୀଙ୍କ ପ୍ରଶ୍ନର ଉତ୍ତର ଦେଇଦେଲେ । ମାତ୍ର ତୃତୀୟ ପରୀ ପ୍ରଶ୍ନର ଉତ୍ତର ନ ଦେଇ ନୀରବ ରହିଲେ । ସେହି ପରୀଟି ଆଉଥରେ ଆସିବ କହି ଅନ୍ୟମାନଙ୍କ ସହ ବିଦାୟ ନେଇ ଚାଲିଗଲା । ତା'ର ପ୍ରଶ୍ନଥିଲା - ''ସୁଧାନନ୍ଦ କେଉଁ ମଣ୍ଡଳର ଆତ୍ମା ?'' ତା'ପରେ :

ଗୁରୁ ଅମେଧାନନ୍ଦ ଆଉ ଶାନ୍ତିରେ ବିଶ୍ରାମ ନେଇ ପାରିଲେ ନାହିଁ । ତାଙ୍କ ମନରେ ଆପେ ଆପେ ଅନେକ ପ୍ରଶ୍ନ, ଦ୍ୱନ୍ଦ୍ୱ ଉଙ୍କି ମାରିଲା । ସେ ନିଜକୁ ନିଜେ ପ୍ରଶ୍ନ କଲେ । ଆଶ୍ରମ ପରିତ୍ୟାଗ କରିବାକୁ ନିର୍ଦ୍ଦେଶ କାହିଁକି ଦିଆଗଲା ? ସେ ବର୍ତ୍ତମାନ କେଉଁଆଡ଼େ ଯିବେ ? କ'ଣ ତାଙ୍କର ଆଗାମୀ କର୍ମ ଓ କର୍ତ୍ତବ୍ୟ ? ଏହି ପରୀମାନେ କେଉଁ ଉଦ୍ଦେଶ୍ୟରେ ଏପରି ପ୍ରଶ୍ନ ପଚାରିଲେ ? ସୁଧାନନ୍ଦ ସହ ଏମାନଙ୍କର କି ସଂପର୍କ ? ସୁଧାନନ୍ଦ ବିଷୟରେ ଜାଣିବାକୁ ଏମାନେ କାହିଁକି ଆଗ୍ରହୀ ? ଏହିପରି ଅନେକ ପ୍ରଶ୍ନ ତାଙ୍କୁ ବିବ୍ରତ କରି ପକାଇଲା । ଅନେକ ସମୟ ପରେ ପ୍ରକୃସ୍ଥିତ ହୋଇ ସେ ବୃକ୍ଷମୂଳର ଆଶ୍ରୟ ଛାଡ଼ି ଆଗକୁ ଆଗେଇ ଚାଲିଲେ । ଲକ୍ଷ୍ୟହୀନ ଭାବରେ ବହୁତ ଦୂର ଯିବା ପରେ ଏକ ଘଞ୍ଚ ଜଙ୍ଗଲ ନିକଟରେ ପହଞ୍ଚିଲେ । ଅତି ମନୋରମ ସେ ସ୍ଥାନ । ସୁନ୍ଦର ଝରଣାଟିଏ କୁଳୁକୁଳୁ ନାଦକରି ଗୋଟିଏ ଚପଳମତି କିଶୋରୀପ୍ରାୟ ବହିଯାଉଛି । ଅଦୂରରେ ଅନେକ ଗୁମ୍ଫା ବିଶିଷ୍ଟ ଏକ ବିରାଟ ପର୍ବତ

ଆକାଶକୁ ମଥାଟେକି ଠିଆ ହୋଇଛି । ପକ୍ଷୀମାନଙ୍କର ସୁମଧୁର ସ୍ୱନ ଚୈତ୍ର ମାସର ଖରାତେଜକୁ ବହୁ ପରିମାଣରେ ଶାନ୍ତ କରିଦେଇ ମନରେ ଆନନ୍ଦ ଭରି ଦେଉଛି । ବୃକ୍ଷମାନଙ୍କରେ ସୁସ୍ୱାଦୁ ପାଚିଲା ଫଳ ସବୁ ସତେ ଯେପରି ତାଙ୍କୁ ସ୍ୱାଗତ ଜଣାଉଛନ୍ତି । ପ୍ରକୃତିର ଏହି ମନୋରମ ପରିବେଶରେ ଗୁରୁ ଅମେଧାନନ୍ଦ ବିଭୋର ହୋଇଗଲେ। ସେହିଠାରେ କୁଡ଼ିଆ ଖଣ୍ଡେ କରି ବ୍ରହ୍ମ ଆରାଧନାରେ ଜୀବନର ଅବଶିଷ୍ଟାଂଶ କଟାଇ ଦେବାର ନିଷ୍ପତ୍ତି ତାଙ୍କ ମନକୁ ଆସିଲା । ମନ ଭିତରର ଏହି ପ୍ରେରଣା ଆରାଧ୍ୟ ପ୍ରଭୁଙ୍କର ପରୋକ୍ଷ ଇଙ୍ଗିତ ବୋଲି ଚିନ୍ତା କରି ସେହିଠାରେ ହିଁ ସେ ତାଙ୍କର ଆଶ୍ରମ ପ୍ରତିଷ୍ଠା କଲେ । ପ୍ରାକୃତିକ ପରିବେଶରେ ବ୍ରହ୍ମଚିନ୍ତାରେ ନିଜକୁ ହଜାଇ ଦେବାପାଇଁ ସେ ଯେତେ ଚେଷ୍ଟା କଲେ ମଧ୍ୟ ପ୍ରାଣାଧିକ ପ୍ରିୟ ଶିଷ୍ୟ ସୁଧାନନ୍ଦର ସ୍ମୃତି ତାଙ୍କୁ ବାରମ୍ବାର ଅଥୟ କରୁଥିଲା । ତା'ଠାରୁ ଅଧିକ ବିବ୍ରତ କରୁଥିଲା, ତୃତୀୟ ପରୀର ପ୍ରଶ୍ନ - ''ସୁଧାନନ୍ଦର ଆତ୍ମା କେଉଁ ମଣ୍ଡଳରୁ ଆସିଛି ?'' ସୁଧାନନ୍ଦର ଅଲୌକିକ ପ୍ରତିଭା, ଜ୍ଞାନର ଆଭାସ ସିନା ତାଙ୍କ ନିକଟରେ ଅଛି । କିନ୍ତୁ ତା'ର ପିଣ୍ଡପୁରୁଷ ମଣ୍ଡଳ କଥା ସେ ନିଜେ ତ ଜାଣି ନାହାନ୍ତି, ପରୀ ଆସି ପଚାରିଲେ କି ଉତ୍ତର ତା'କୁ ଦେବେ ? ତା'ହେଲେ କ'ଣ ପରୀ ନିକଟରେ ପରାସ୍ତ ସ୍ୱୀକାର କରିବେ ? ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ, ''ହେ ପ୍ରଭୁ !''

ଅନନ୍ତ, ଅସୀମ ତୁମେ ଅବ୍ୟକ୍ତ ପୁରୁଷ । ଧ୍ୟାନଚକ୍ରେ ଯୋଗୀଙ୍କର ବୋଲାଇଛ ଈଶ ॥
ତୁମ ବିନା ଆଉ କେହି ନାହିଁ ତାରିବାକୁ । ମୋର ଆଉ କେହିଁ ନାହିଁ ଦୁଃଖ କହିବାକୁ ॥
ତୁମେ ହିଁ ଚନ୍ଦ୍ରମା ମୋର ମନ ଆକାଶରେ । ତୁମେ ମୋର ପ୍ରଭୁ ଜ୍ଞାନ ତତ୍ତ୍ୱ ଦେଖାରରେ ॥
ସର୍ବ ତତ୍ତ୍ୱ, ସର୍ବଜ୍ଞାନ ତୁମରି ଭିଆଣ । ତୁମେ ହିଁ ବ୍ୟାପି ରହିଛ କୋଣ ଅନୁକୋଣ ॥
ଆଜି ମୋ ଜୀବନ ସନ୍ଧି ହୋଇ ଉପସ୍ଥିତ । ପରାଜୟ ଗ୍ଲାନି ଭରି କରୁଛି ବ୍ୟଥିତ ॥
ପ୍ରାଣାଧିକ ପ୍ରିୟଶିଷ୍ୟ ଯୋଗୀ ସୁଧାନନ୍ଦ । ବହୁଜ୍ଞାନେ ଅଧିକାରୀ ହୋଇ ପ୍ରେମାନନ୍ଦ ॥
ତାହାର ସାଧନସ୍ତର ଅତ୍ୟନ୍ତ ଉର୍ଦ୍ଧ୍ୱରେ । ନ ପାଏ ମୁଁ ଅନ୍ତ କିଛି ରହିଛି ଦ୍ୱନ୍ଦରେ ॥
କିଏ ସେହି ସୁଧାନନ୍ଦ କେଉଁଠୁ ଆସିଛି ? । କେଉଁ ମଣ୍ଡଳରୁ ପିଣ୍ଡ ନିର୍ମାଣ ହୋଇଛି ?? ॥
ପୂର୍ବଜନ୍ମେ ସିନା ସେହି ଶିଷ୍ୟ ମୋର ଥିଲା । ଜାତସ୍ମର ଯୋଗସୂତ୍ରେ ଏଥର ମିଶିଲା ॥
ଅଜ୍ଞାତ ହୋଇଛି ମୋତେ ତା ପିଣ୍ଡପୁରୁଷ । ପରୀ ପ୍ରଶ୍ନେ ଲଜ୍ଜା ପାଇ ରହେ ଅବଶୋଷ ॥
କୃପାକର ଦୀନବନ୍ଧୁ ହୁଅ ମୋତେ ସାହା । କହିଦିଅ କି ଉତ୍ତର ଦେବି ପ୍ରାଣ ନାହା ॥
କେଉଁ ମଣ୍ଡଳର ଆତ୍ମା ଅଟେ ଶିଷ୍ୟ ମୋର । କେଉଁ ଜ୍ଞାନ ଆବୋରିଛି ଶରୀର ତାହାର ॥
କେବେ କେଉଁଠାରେ ଲଭିଥିଲା ସେ ଆଶିଷ । କେଉଁ ସ୍ତର ସାଧନରେ ଅଛି ଅବଶେଷ ॥
ତୁମେ ଯଦି ନ କହିବ ଏ ସନ୍ଧି ରହସ୍ୟ । ତୁମ ନାମେ ଆତ୍ମଦାହ କରିବି ଅବଶ୍ୟ ॥
ସେଥିଲାଗି ଦାୟ ତୁମେ ପ୍ରଭୁ ଏକା ହେବ । ଭକତ ନିଧନ ଅପଯଶ ନିଶ୍ଚେ ନେବ ॥

ଏହିପରି ବାରମ୍ବାର ପରମପିତାଙ୍କ ନିକଟରେ ପ୍ରାର୍ଥନା କରି ଅମେଧାନନ୍ଦ ଭୟ ମିଶ୍ରିତ ଭାବରେ ଦିନ କଟାଇବାକୁ ଲାଗିଲେ । ଧୀରେ ଧୀରେ ଚୈତ୍ରମାସ ଅତିକ୍ରମ କରି ବୈଶାଖର ବୈଶାଖୀ ଝଞ୍ଜା ବହିବାକୁ ଲାଗିଲା । ତଥାପି ସେ ଉତ୍ତର ପାଉ ନାହାନ୍ତି । ସୌଭାଗ୍ୟ ବଶତଃ ପରୀ ମଧ୍ୟ ଆଉ ଆସି ନାହିଁ । ବୈଶାଖ ସରିବାକୁ ବସିଲା । ସେଦିନ ବୈଶାଖ ପୂର୍ଣ୍ଣିମା । ଯୋଗୀବର ନିଜ ନିଷ୍ପତ୍ତିରେ ଦୃଢ଼ ହୋଇଗଲେ । ନିଶ୍ଚୟ କଲେ, ''ଆଜି ନ ହେଲେ ହୁଏତ ଦିନ ନା ଦିନେ ସେହି ପରୀ ନିଶ୍ଚିତ ଆସିବ । ତା ନିକଟରେ ପରାଜୟ ସ୍ୱୀକାର କରିବା ଅପେକ୍ଷା ଏ ଦେହ ତ୍ୟାଗ କରିଯିବା ଅଧିକ ସମ୍ମାନ ଜନକ ହେବ । ପରମେଶ୍ୱରଙ୍କର ବୋଧହୁଏ ତାହାହିଁ ଇଚ୍ଛା । ତା ନ ହୋଇଥିଲେ କରୁଣାସାଗର ମୋର ମିନତି ଗ୍ରହଣ କରି ଦ୍ୱନ୍ଦ୍ୱ ସମାଧାନ କରି ସାରନ୍ତେଣି । ଏହି ନିଷ୍ପତ୍ତି ଗ୍ରହଣ କରି ଯୋଗୀବର

ଆସନ ଗ୍ରହଣ କଲେ । ପ୍ରାଣାୟାମ ସୂତ୍ରରେ ଘଟ ତ୍ୟାଗ କରିବାକୁ ଉଦ୍ୟତ ହେବା ସମୟରେ ହଠାତ୍ ଶୂନ୍ୟବାଣୀ ହେଲା ।

''ଅଥୟ ନୋହି ଯୋଗିବର | । ଶୁଣରେ ଧୀରେ ମୋ ଉତ୍ତର | ।।
ଯାହାର ଲାଗି ଇଚ୍ଛା କରୁ | । 'ସୁଧା'ରେ ସେହୁ ମହାମେରୁ | ।।
ଆନନ୍ଦୁ ଜନମ ତାହାର | । ଆନନ୍ଦେ ହେବ ବାସ ତା'ର | ।।
ତା ସଂଗେ ସରି କେହି ନାହିଁ | । ହୃଦରେ ସଦା ମୁହିଁଥାଇ | ।।
ତା ଆତ୍ମା ଯହୁଁ ଆସିଅଛି | । ସପ୍ତଲୋକକୁ ବଳିଅଛି | ।।
ନାମ ତା ''ଭୃଣ୍ଡିକ ମଣ୍ଡଳ'' | । ଜ୍ଞାନରେ ସଦା ଟଳମଳ | ।।
''ସୌର'' ''ଭୂମିଜ'' ତତ୍ତ୍ୱଜ୍ଞାନ | । ''ସ୍ତୁତି ଲୀଳାର ଗୌରୀଜ୍ଞାନ'' | ।।
''ବ୍ରହ୍ମବିଜ୍ଞାନ'' ''ଉଦ୍ଦୀଇତ'' | । ''ମହାବିଜ୍ଞାନ''ମହତତ୍ତ୍ୱ | ।।
ସପ୍ତଲୋକର ବ୍ରହ୍ମଜ୍ଞାନ | । ଏହାହିଁ ମଣ୍ଡଳ ବିଧାନ | ।।
ସେହି ମଣ୍ଡଳୁ ଆସିଅଛି | । ନର ଶରୀରେ ପ୍ରକାଶିଛି | ।।
ଯେଣୁ ତୁ ଅଟୁ ତା'ର ଗୁରୁ | । ତତ୍ତ୍ୱରେ ହୋଇଅଛୁ ଗରୁ | ।।
ତା ଲାଗି ସ୍ନେହ ତୋ ଅନ୍ତରେ | । ରଖିଛୁ ଭକ୍ତି ବ୍ରହ୍ମଠାରେ | ।।
ହୋଇଛି ତୋର ସର୍ବସିଦ୍ଧି | । ଆନନ୍ଦେ କହୁଛି ମୁଁ ବିଧି | ।।
ଏବେ ମୁଁ ପୁରାଇଲି ଆଶ | । ପରୀ ଆସିବ ତୋର ପାଶ | ।।
ସନ୍ତୋଷେ ତାକୁ ବୁଝାଇବୁ | । ଜ୍ଞାନର ମହିମା କହିବୁ | ।।
ଯେବେ ତୁ ଆଶ୍ରମ ଛାଡ଼ିଲୁ | । ଶୂନ୍ୟରୁ ଆଦେଶ ପାଇଲୁ | ।।
ଭ୍ରମିବୁ ବର୍ଷ ଏକୋଇଶ | । ତା'ପରେ ପୂରିବ ତୋ ଆଶ | ।।
ଏବେ ତୁ ହୋଇଗଲୁ ପୂର୍ଣ୍ଣ | । ଏ ଜନ୍ମେ ନାହିଁ ପ୍ରୟୋଜନ | ।।
ପରୀ ଉତ୍ତର ଦେଇ ସାରି | । ବସିବୁ ଆସନ ବିସ୍ତାରି | ।।
ନେବୁ ତୁ ଅନ୍ତିମ ସମାଧି | । ଦେଲି ମୁଁ ତୋତେ ଜ୍ଞାନ ସିଦ୍ଧି | ।।''

ଶୂନ୍ୟବାଣୀ ଶୁଣି ଗୁରୁ ଅମେଧାନନ୍ଦଙ୍କ ମନ ପ୍ରାଣରେ ଆନନ୍ଦର ଜୁଆର ଖେଳିଗଲା । ସେ ବାରମ୍ବାର ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରି କହୁଥିଲେ :

ଭୋ ନାଥ ! ମୋର ପ୍ରାଣଧନ | । ସକଳ ସୃଷ୍ଟିର ନିଧାନ | ।।
ତୁମେ ତ କରୁଣା ସାଗର | । ଆନନ୍ଦ ଘନ ନିରାକାର | ।।
ଏ ପାପ କର୍ଣ୍ଣରେ ଶୁଣିଲି | । ବ୍ରହ୍ମବାକ୍ୟରେ ନିସ୍ତରିଲି | ।।
ଧନ୍ୟ ସେ ସୁଧାନନ୍ଦ ଯୋଗୀ | । ଧନ୍ୟ ମୁଁ ହେଲି ତାହା ଲାଗି | ।।
ନୋହିଲେ ମୋର ସାଧ କାହିଁ | । ପାଇବି ତୁମକୁ ମୁଁ ଧାଇ | ।।
ତୁମକୁ ସାକ୍ଷୀ ରଖି ମୁହିଁ | । ଶିଷ୍ୟକୁ ଆଶିଷ ଦେବଇଁ | ।।
ମୋହର ଅଛି ଯେତେ ପୁଣ୍ୟ | । ତପ, ତତ୍ତ୍ୱର ସର୍ବଜ୍ଞାନ | ।।
ଦେଉଛି ସୁଧାନନ୍ଦ ପିଣ୍ଡେ | । ପୂଜିତ ହେଉ ସେ ବ୍ରହ୍ମାଣ୍ଡେ | ।। (କ୍ରମଶଃ)

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*''ଶ୍ରୋତା ବକତା ଯେ ପଚାରି । ଏ ତିନିହେଁ ଯା'ନ୍ତି ତରି ।'' ଜଗନ୍ନାଥ ଦାସଙ୍କର ଏହି ଭାଗବତ ବାଣୀର ତାତ୍ପର୍ଯ୍ୟ ଅତ୍ୟନ୍ତ ଗମ୍ଭୀର ଓ ଗଭୀର । ତତ୍ତ୍ୱ କେବଳ ପ୍ରବଚନର ବସ୍ତୁ ନୁହେଁ । ଏହା କେବଳ ଶ୍ରବଣ ସର୍ବସ୍ୱ ମଧ୍ୟ ନୁହେଁ । ବାସ୍ତବ ଜୀବନଚର୍ଯ୍ୟାରେ ଆଧ୍ୟାତ୍ମତତ୍ତ୍ୱର ବାସ୍ତବ ଅନୁଭବ ହିଁ ତାତ୍ପର୍ଯ୍ୟପୂର୍ଣ୍ଣ । ବାସ୍ତବ ତତ୍ତ୍ୱର ଅନୁଭବ ଘଟିଲେ ଭାଗବତ ବାଣୀର ସାର୍ଥକତା ଉପଲବ୍ଧ ହୁଏ - ''ତତ୍ତ୍ୱ ଚିହ୍ନିଲେ ତୁଟେ ଭ୍ରାନ୍ତି । ଭବସାଗରୁ ତରି ଯା'ନ୍ତି ।।'' ଭବସାଗରରୁ ତରିଯିବା ପାଇଁ ତତ୍ତ୍ୱର ଅନୁଭବ ଏକାନ୍ତ ଅପରିହାର୍ଯ୍ୟ । ଏହି ମର୍ମରେ ଯୁବଗୋଷ୍ଠୀ ପାଇଁ ''ଚରମ''ର ଏହି ପାଖୁଡ଼ାରେ ଆମର ନିବେଦନ -*

## ତତ୍ତ୍ୱ ଅନୁଭବ

ବିଶ୍ୱର ସକଳ ବିନାଶଶୀଳ ବସ୍ତୁ ଓ ପ୍ରାଣୀଙ୍କ ମଧ୍ୟରେ ଅବିନାଶୀ ପରମପୁରୁଷ ପରମାତ୍ମାଙ୍କୁ ଯିଏ ସମାନ ରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ହିଁ ଦେଖେ । ଏ ସଂସାର ସତତ ପରିବର୍ତ୍ତନଶୀଳ । ଏପରି ଗୋଟିଏ ବି ମୁହୂର୍ତ୍ତ ନାହିଁ ଯେଉଁ ସମୟରେ ସଂସାରର କିଛି ନା କିଛି ପରିବର୍ତ୍ତନ ନ ହେଉଛି । ତେଣୁ ପରିବର୍ତ୍ତନ ହିଁ ସଂସାରର ପ୍ରକୃତ ଓ ବାସ୍ତବ ସ୍ୱରୂପ ଅଟେ । ସଦା ପରିବର୍ତ୍ତନଶୀଳ ଏହି ସଂସାରରେ ଅପରିବର୍ତ୍ତନୀୟ ଚରମପୁରୁଷ ପରଂବ୍ରହ୍ମଙ୍କୁ ସର୍ବଦା ଓ ସର୍ବଥା ଗୋଟିଏ ସ୍ଥିତିରେ ଦର୍ଶନ କରିବା ହିଁ ନିର୍ଭୁଲ ଦର୍ଶନ ଅଟେ । କାରଣ, ପରଂବ୍ରହ୍ମଙ୍କର ପରିବର୍ତ୍ତନ ହୁଏ ନାହିଁ । ସଂସାରର ସୃଷ୍ଟି, ସ୍ଥିତି, ପାଳନ, ବର୍ଦ୍ଧନ, ଏପରିକି ସଂସାରର ପ୍ରଳୟ ବା ସଂହାର - ଯାହା ଯେତେବେଳେ ଯେପରି ଭାବରେ ହେଉନା କାହିଁକି ଚରମପୁରୁଷ ପୂର୍ଣ୍ଣ ପରଂବ୍ରହ୍ମ ପରମାତ୍ମା ସର୍ବଦା ଯଥାବତ୍ ରହିଥାନ୍ତି, ତାଙ୍କର କୌଣସି ପ୍ରକାରର ବ୍ୟତିକ୍ରମ ଲେଶମାତ୍ର ଦୃଷ୍ଟିଗୋଚର ହୁଏ ନାହିଁ । କାଳ ସ୍ଥିର, ମାତ୍ର ସଂସାର ସଦା ଚଳମାନ । ସଂସାର କ୍ଷଣମାତ୍ର ତିଷ୍ଠି ରହେ ନାହିଁ । ସେହିପରି ପରମାତ୍ମା ତତ୍ତ୍ୱ କ୍ଷଣମାତ୍ର ବିନାଶ ହୁଏ ନାହିଁ । ତେଣୁ କୁହାଯାଇଛି - ଯେଉଁ ବ୍ୟକ୍ତି ପରିବର୍ତ୍ତନଶୀଳ ସଦାଚଳମାନ ନାଶବାନ୍ ସଂସାରକୁ ନ ଦେଖି ଶାଶ୍ୱତ, ଅବିନାଶୀ, ସନାତନ, ନିତ୍ୟନୂତନ, ସତ୍ୟ ଚରମ ପୁରୁଷ ପୂର୍ଣ୍ଣ ପରଂବ୍ରହ୍ମ ପରମାତ୍ମାଙ୍କୁ ଦର୍ଶନ କରେ, ତା'ର ଦର୍ଶନ ନିର୍ଭୁଲ ଅଟେ । ମାତ୍ର ଯେଉଁ ବ୍ୟକ୍ତି ଚରମପୁରୁଷଙ୍କୁ ଦେଖି ନ ପାରି ଏହି କ୍ଷଣଭଙ୍ଗୁର ସତତ ପରିବର୍ତ୍ତନଶୀଳ ସଂସାର ଓ ସଂସାରର ଯାବତୀୟ ଜଡ଼ ଓ ଚେତନଶୀଳ, ବସ୍ତୁ ଓ ପ୍ରାଣୀଙ୍କୁ ଦେଖେ, ତା'ର ଦର୍ଶନ ଭ୍ରାନ୍ତ, ଭୁଲ ଓ କେବେ ମଧ୍ୟ ସେ ଠିକ୍ ଦେଖି ପାରେନାହିଁ ।

ଆମେ-ଆମ ଶରୀରକୁ ବା ଜଗତର ସକଳ ଶରୀରକୁ ବିନାଶଶୀଳ ଜ୍ଞାନ କରି ଏବଂ ତନ୍ମଧ୍ୟରେ ସ୍ଥିତ ଆତ୍ମାକୁ ଚିହ୍ନି ନ ପାରି ନିଜକୁ ଶରୀର ମନେ କରି ଆତ୍ମାକୁ ମଧ୍ୟ ବିନାଶୀ ଶରୀର ବୋଲି ମନେ କରୁ, ଏହାଦ୍ୱାରା ଆମେ ଆତ୍ମଘାତୀ ଚୋରରେ ପରିଣତ ହେବା ସହିତ ସବୁ ପ୍ରକାର ପାପରେ ଲିପ୍ତ ହୋଇଥାଉ । ଆମେ ମୁଖ୍ୟତଃ ଆମ ଶରୀରର ବାହ୍ୟ ପରିବର୍ତ୍ତନ ଲକ୍ଷ୍ୟ କରୁ ମାତ୍ର ଆମ ନିଜର ବା ଆତ୍ମାର ପରିବର୍ତ୍ତନ ଅନୁଭବ କରିବାକୁ ସମର୍ଥ ନୋହୁଁ । ଏହାହିଁ ଆମଠାରେ ମାୟାର ମୁଖ୍ୟ ଖେଳ ହୋଇ ରହିଯାଏ । ଏହି ଖେଳକୁ ଭାଙ୍ଗିବା ପାଇଁ ଆମର ସାଧନା କିମ୍ବା ଯୋଗ୍ୟତା ମଧ୍ୟ ନାହିଁ । ଏହାଠାରୁ ଅଧିକ ପରିତାପର ବିଷୟ ଆମ ପାଇଁ ଆଉ କ'ଣ ହୋଇପାରେ ? ଜନ୍ମଠାରୁ ଶୈଶବ, ବାଲ୍ୟ, ପୌଗଣ୍ଡ, କୈଶୋର, ଯୌବନାଦି ଅବସ୍ଥାରୁ ଆଜି ପର୍ଯ୍ୟନ୍ତ ଆମ ଶରୀରରେ କେତେ କ'ଣ ପରିବର୍ତ୍ତନ ହୋଇ ନ ଯାଇଛି/ହୋଇ ନ ଯାଉଛି; ଏସବୁ ସତ୍ତ୍ୱେ ମୋର (ଆତ୍ମାର) କ'ଣ ପରିବର୍ତ୍ତନ

ହୋଇଛି ନ ହୋଇଛ/ହେଉଛି ନ ହୋଉଛି, ସେଥିପ୍ରତି କେତେ ଜଣଙ୍କର ସୂକ୍ଷ୍ମ ଦୃଷ୍ଟି ରହିଛି ? ଏକଥା ସତ୍ୟସିଦ୍ଧ ଯେ ପରମାତ୍ମାଙ୍କ ପରି ତାଙ୍କରି ଅଂଶ ବିଶେଷ ଆତ୍ମାର କୌଣସି ସ୍ଥିତିଗତ ପରିବର୍ତ୍ତନ ହୁଏ ନାହିଁ, ମାତ୍ର ଆତ୍ମିକ ପରିବର୍ତ୍ତନ ଓ ଆତ୍ମୋନ୍ନୟନ ଅବଶ୍ୟ ସଂଘଟିତ ହୁଏ । ଏହା ସୂକ୍ଷ୍ମତଃ ଲକ୍ଷ୍ୟ ଓ ଅନୁଭବର ବିଷୟ ଅଟେ ।

ଦେଖିବାକୁ ଗଲେ ବାସ୍ତବରୂପରେ ବସ୍ତୁଭେଦ, ବ୍ୟକ୍ତିଭେଦ ଓ କ୍ରିୟା ଭେଦ ସଂସାରରେ ସଚରାଚର ପରିଦୃଷ୍ଟ ହେଲେ ମଧ୍ୟ ତତ୍ତ୍ୱରେ ଭେଦ ନ ଥାଏ । ଆମ ପ୍ରତ୍ୟେକଙ୍କର ଦୃଷ୍ଟି ସେହି ପରମାତ୍ମତତ୍ତ୍ୱ ପ୍ରତି ସ୍ଥିର ରହିବା ବାଞ୍ଛନୀୟ । ଏଠାରେ ଉଦାହରଣଟିଏ ଦେଲେ ଏହା ସରଳ, ସହଜ ଓ ବୋଧଗମ୍ୟ ହେବ । ମନେକର ଜଣେ ମାଛ ବେପାର କରୁଛି । ମାଛ ବେପାରୀ ମାଛ ବେପାର କରୁଥିଲେ ମଧ୍ୟ ତା'ର ତୀକ୍ଷ୍ଣ ଦୃଷ୍ଟି ଥାଏ ଟଙ୍କା ପଇସା ଉପରେ । କିଛି ଦିନ ପରେ ସେ ମାଛ ବେପାର ଛାଡ଼ି ଚନ୍ଦନ କାଠ ବେପାର ଆରମ୍ଭ କଲା । ଚନ୍ଦନକାଠ ବେପାର କଲେ ମଧ୍ୟ ତା'ର ସତର୍କ ଓ ସଜାଗ ଦୃଷ୍ଟି କିନ୍ତୁ ରହିଲା ପୂର୍ବପରି ସେହି ଟଙ୍କା ପଇସା ଉପରେ । ନୁହେଁ କି ? ସେହିପରି ଆମ ପ୍ରତ୍ୟେକଙ୍କର ଜାଗତିକ ଧର୍ମ, କର୍ମ, ରୁଚି, ଅଭ୍ୟାସ, ଆଚାର, ଆଚରଣ ସବୁକିଛି ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଦୃଷ୍ଟି କିନ୍ତୁ ଏକ ଓ ଅଭିନ୍ନ, ସ୍ଥିର ଓ ଅବିଚଳ, ତୀକ୍ଷ୍ଣ ଓ ସଜାଗ ରହିବା ଏକାନ୍ତ ଆବଶ୍ୟକ । ସକଳ ପ୍ରକାର ବିଷମ ବ୍ୟବହାର ମଧ୍ୟରେ ଦୃଷ୍ଟି ଆମର ଚରମପୁରୁଷ ପୂର୍ଣ୍ଣ ପରଂବ୍ରହ୍ମ ପରମାତ୍ମାଙ୍କ ଆଡ଼କୁ ରହିବା ଏକାନ୍ତ ବାଞ୍ଛନୀୟ ।

ଖାଦ୍ୟ, ଖାଦକ; କଷାୟ, ମଧୁର; ଜଡ଼, ଚେତନ; ସଜୀବ, ନିର୍ଜୀବ; ସ୍ଥାବର, ଜଙ୍ଗମ ଇତ୍ୟାଦି ସବୁ ହିଁ ସେ । ତାଙ୍କ ବ୍ୟତୀତ ଏ ଜଗତରେ ଅନ୍ୟ କିଛି ହିଁ ନାହିଁ । ପରମାତ୍ମାହିଁ ସବୁ କିଛି । ସତ୍ ହେଉ ବା ଅସତ୍ ହେଉ - ସବୁ ହିଁ ତ ସେ ଅଟନ୍ତି । ମନ, ବାକ୍ୟ, ଦୃଷ୍ଟି, କର୍ମ, ଅନୁଭବାଦି ଯାବତୀୟ - ଯାହାସବୁ ସକଳ ଇନ୍ଦ୍ରିୟ ଦ୍ୱାରା ଗୃହିତ ହେଉଅଛି, ସେ ସବୁ ତ ସେ ହିଁ । ତାଙ୍କ ବ୍ୟତୀତ କିଛି ହିଁ ନାହିଁ - ଏହା ସତ୍ୟ ସିଦ୍ଧାନ୍ତ । ଏହାକୁ ନିଃସନ୍ଦେହରେ ନିରପେକ୍ଷ ଭାବରେ ସର୍ବଦା ଓ ସର୍ବଥା ଅନୁଭବ କରିବା ଓ ଅନ୍ତଃକରଣରେ ସ୍ୱୀକାର କରିବାକୁ ହିଁ କୁହାଯାଏ ତତ୍ତ୍ୱଦର୍ଶନ । ଏହା ପୂର୍ଣ୍ଣମାତ୍ରାରେ ହେଲେ, ତତ୍ତ୍ୱ ଚିହ୍ନିବା ହୁଏ । ଭ୍ରାନ୍ତି ତୁଟିଯାଏ । ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତ ହୁଏ । ଏହି ଅବସ୍ଥାରେ ଦ୍ୱୈତ, ଅଦ୍ୱୈତ, ଦ୍ୱୈତାଦ୍ୱୈତ ବା ବିଶିଷ୍ଟାଦ୍ୱୈତ ଆଦି ମତପାର୍ଥକ୍ୟର କୌଣସି ମୂଲ୍ୟହିଁ ନ ଥାଏ । କାରଣ ବ୍ରାହ୍ମୀସ୍ଥିତିରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି, ଅନ୍ୟ କେହି ଦୃଷ୍ଟି ଗୋଚର ହିଁ ହୁଅନ୍ତି ନାହିଁ । ସେହି ପର୍ଯ୍ୟାୟ ବୁଦ୍ଧିର ବିଚାର ଆବଶ୍ୟକ ପଡ଼େ ନାହିଁ ।

ଦେଖ, ତୁମେ ରସଗୋଲାଟିଏ ଖାଉଛ । ତୁମକୁ ରସଗୋଲା ମିଠା ଲାଗୁଛି । କିନ୍ତୁ ରସଗୋଲାରେ ଉପସ୍ଥିତ ଥିବା ମିଠା ଦେଖି ପାରୁନାହିଁ । ଖାଇବା ମାତ୍ରେ କେବଳ ଅନୁଭବ ହିଁ କରି ପାରୁଛ, ନୁହେଁକି ? ରସଗୋଲା ଛେନାରେ ତିଆରି । ଛେନାରେ କିନ୍ତୁ ରସଗୋଲାର ମଧୁରତା ନ ଥାଏ । ରସଗୋଲା ଚିନି ରସରେ ଉତୁଟୁତୁ ହୋଇ ମଧୁରତାକୁ ଧରି ରଖିଥାଏ । ସେହିପରି ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶରେ ଏ ଜଗତ ତିଆରି । ରସଗୋଲା ଚିନିରସକୁ ଧରି ତୁମକୁ ମଧୁରତା ଆସ୍ୱାଦନର ସୁଯୋଗ ଦେଲା ପରି ଏହି ପଞ୍ଚଭୂତରେ ତିଆରି ସଂସାରର ସକଳ ବସ୍ତୁ ଓ ପ୍ରାଣୀ ପରଂବ୍ରହ୍ମ ଚରମପୁରୁଷଙ୍କୁ ନିଜନିଜ ମଧ୍ୟରେ ଧରି ରଖି ତୁମକୁ ଅନୁଭବର ସୁଯୋଗ ମାତ୍ର ଦେଉଛନ୍ତି । ରସଗୋଲାରେ ଚିନି ଦେଖା ଯାଉ ନଥିବା ପରି ସକଳ ବସ୍ତୁ ଓ ପ୍ରାଣୀ ମଧ୍ୟରେ ପରମାତ୍ମା ଠାକୁରେ ଦେଖାଯାଉ ନାହାନ୍ତି । ରସଗୋଲାରେ ଚିନି ଦେଖା ଯାଉ ନଥିବା ପରି ସକଳ ବସ୍ତୁ ଓ ପ୍ରାଣୀ ମଧ୍ୟରେ ପରମାତ୍ମା ଠାକୁରେ ଦେଖାଯାଉ ନାହାନ୍ତି । ତାଙ୍କୁ କେବଳ ଅନୁଭବ କରାଯାଏ, ଉପଲବ୍ଧ କରାଯାଏ । ଏହାହିଁ ବ୍ରହ୍ମୋପଲବ୍ଧି, ଈଶ୍ୱରୋପଲବ୍ଧି ଆତ୍ମୋପଲବ୍ଧି । ଏହାହିଁ ନିର୍ଭୁଲ ତତ୍ତ୍ୱଦର୍ଶନ ।

ଖିଅଟିଏ ଯୋଡ଼ି ଦିଅ । ପରା ପ୍ରକୃତି ଅପରିବର୍ତ୍ତନୀୟ । ଅପରା ପ୍ରକୃତି ପରିବର୍ତ୍ତନଶୀଳ । ଅପରା ପ୍ରକୃତି ଆଠଗୋଟି - କ୍ଷିତି, ଆପ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର । ଉଭୟ ପରା ଓ ଅପରା ପ୍ରକୃତି

ପରମପିତା ପରଂବ୍ରହ୍ମ ପରମାତ୍ମା ଚରମପୁରୁଷଙ୍କ ସ୍ୱଭାବ, ତେଣୁ ତାଙ୍କ ଠାରୁ ମଧ୍ୟ ଅଭିନ୍ନ । ତାଙ୍କ ବ୍ୟତୀତ ଏ ଦୁଇ ପ୍ରକୃତିର ସ୍ୱତନ୍ତ୍ର ସତ୍ତା ସୁଦ୍ଧା ନାହିଁ । ଆମ ଶରୀରର ଅପରା ପ୍ରକୃତି ସହିତ ପରାପ୍ରକୃତିର ଏକତ୍ୱ ଓ ସମତ୍ୱ ରହିଛି । ପାର୍ଥକ୍ୟ କିଛି ହିଁ ନାହିଁ । ପରା, ଅପରା ଓ ବାସୁଦେବ ପୁଣି କ୍ଷର, ଅକ୍ଷର ଓ ପୁରୁଷୋତ୍ତମ - ଯାହା ଇଚ୍ଛା, ତାହା କୁହ-କ୍ଷତି ନାହିଁ । କିନ୍ତୁ ଏସବୁ ମଧ୍ୟରେ ପାର୍ଥକ୍ୟ, ଭେଦ ଓ ଭିନ୍ନତା ଦେଖନାହିଁ । ସେପରି ଦେଖିଲେ, ତତ୍ତ୍ୱଦର୍ଶନ ନିର୍ଭୁଲ ହେବ ନାହିଁ । ପରଂବ୍ରହ୍ମଙ୍କୁ ଛାଡ଼ି ଜଗତର ସ୍ୱତନ୍ତ୍ର ସତ୍ତା ନ ଥିଲେ ମଧ୍ୟ ତିନିଗୁଣ ରୂପକ ଭାବ ଦ୍ୱାରା ମୋହିତ ଜୀବ ଏହି ସମଗ୍ର ଜଗତକୁ ସୁଖଭୋଗ ବୁଦ୍ଧି ପାଇଁ ସ୍ୱତନ୍ତ୍ର ସତ୍ତା ଦେଇ ଗୁଣାତୀତ ଅବିନାଶୀ ଶାଶ୍ୱତ ସନାତନ ପୁରୁଷଙ୍କୁ ଚିହ୍ନି ପାରୁ ନାହିଁ ।

କଥିତ ଅଛି - ପରମାତ୍ମା ତତ୍ତ୍ୱ ଅନୁଭବର ପ୍ରଧାନ ପ୍ରତିବନ୍ଧ ହିଁ ଏହି ସୁଖଭୋଗ ବୁଦ୍ଧି । ଏହାକୁ ନଷ୍ଟ କରିବାର ତିନୋଟି ମୁଖ୍ୟ ସାଧନା ମାର୍ଗ ହେଉଛି - କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ । ଯେଉଁ ସାଧକ ଯୋଗୀ ନିଜ ଶରୀର ତୁଳନାରେ ନିଜକୁ ସର୍ବତ୍ର ସମାନ ଦେଖେ ଏବଂ ସୁଖ ବା ଦୁଃଖକୁ ମଧ୍ୟ ସମାନ ଜ୍ଞାନ କରେ, ସେ ହିଁ ପରମଯୋଗୀ । ଦେଖ, ତୁମ ଶରୀରରେ ଅନେକ ଅଙ୍ଗ ପ୍ରତ୍ୟଙ୍ଗ ରହିଛି । ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ତୁମେ ଭିନ୍ନ ଭିନ୍ନ କର୍ମ ସଂପାଦନ କରୁଥିଲେ ମଧ୍ୟ ସକଳ ଅଙ୍ଗପ୍ରତ୍ୟଙ୍ଗର ସମାନ ଯତ୍ନ ନେଇ ସୁଖ ଓ ହିତ ଚାହୁଁଛ । କୌଣସି ଅଙ୍ଗପ୍ରତ୍ୟଙ୍ଗର ଅସୁଖ ବା ଅହିତ ଚାହୁଁନାହିଁ । ନୁହଁ ? ସେହିପରି ଜଗତର ସମସ୍ତ ବ୍ୟକ୍ତି/ପ୍ରାଣୀ/ଜୀବଙ୍କ ସହିତ ଭିନ୍ନ ଭିନ୍ନ ବ୍ୟବହାର କରୁଥିଲେ ମଧ୍ୟ ସମସ୍ତଙ୍କର ସମାନ ସୁଖ ଓ ହିତ କାମନା କର । ଏହି ଭାବନାରେ ସ୍ଥିର ରୁହ । କାହାରି ଅସୁଖ ବା ଦୁଃଖ, ଅହିତ, ଅମଙ୍ଗଳ ଭାବନା ମନରେ ଲବ ମାତ୍ର ରଖନାହିଁ । ମା'କୁ ଦେଖ । ସେ ନିଜର ସୁଖ ବା ହିତ ଭାବନା ତ୍ୟାଗ କରି ପୁଅ ବା ଝିଅର ଦୁଃଖ ଦୂର କରି ସୁଖ ଦେବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥାଏ । ତୁମେ ସେହିପରି ଅନ୍ତଃସ୍ଥଳରେ ଅନ୍ୟମାନଙ୍କର ସକଳ ଦୁଃଖ ଯାତନା ଦୂର କରିବା ପାଇଁ ଭାବନା ଦୃଢ଼ ରଖ । ଏହା ହେଲେ, ତୁମର ସୁଖଭୋଗ ବୁଦ୍ଧି ଆପେ ଆପେ ନଷ୍ଟ ହୋଇଯିବ । ତୁମ ସାଧନା ସଫଳ ହେବ ॥

ରିପୁଗଣଙ୍କୁ ଚିହ୍ନି ରଖ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟାଦି ତୁମକୁ ଅଶେଷ ଦୁଃଖ ଦେଉଛନ୍ତି ଓ ସାଂସାରିକ ସୁଖ ଭୋଗ ବୁଦ୍ଧି ଯୋଗାଉଛନ୍ତି । ଏ ସଂସାର ତୁମକୁ ଦୁଃଖ ଦେଉଛି ? ନୁହେଁ । ଜଳ ତ ତୁମକୁ ଦୁଃଖ ଦିଏ ନାହିଁ । ଦୁଃଖ ଦିଏ ତୃଷ୍ଣା । ସେହିପରି ସଂସାର ପ୍ରତି ତୁମର ଭୋଗ ଆସକ୍ତି ହିଁ ତୁମକୁ ଦୁଃଖ ଦେଉଛି । ସଂସାର ଦୁଃଖ ଦେବ କାହିଁକି ? ଏହି ବିବେକ ପୂର୍ଣ୍ଣ ବିଚାରକୁ ହିଁ ଜ୍ଞାନଯୋଗ କୁହାଯାଏ । ଜ୍ଞାନଯୋଗର ଅର୍ଥ ନୁହେଁ ଗୁଡ଼ାଏ ଶାସ୍ତ୍ର ପଢ଼ି ମୁଖସ୍ଥ କରି ଅନ୍ୟ ଆଗରେ ନିଜର ପାଣ୍ଡିତ୍ୟ ଦେଖାଇ ସୂକ୍ଷ୍ମତଃ ନିଜର ଅହଂକାରକୁ ମୋଟା କରି ଅଶେଷ ଦୁଃଖ ଯାତନା ଭୋଗିବା । ଜ୍ଞାନ ଯୋଗରେ ବିବେକପୂର୍ବକ ତତ୍ତ୍ୱ ବିଚାର କରି ସୁଖଭୋଗ ବୁଦ୍ଧିକୁ ନଷ୍ଟ କରାଯାଏ, ସୁଖ ଭୋଗ ବୁଦ୍ଧିକୁ ପୁଷ୍ଟ କରି ଦୁଃଖ ଭୋଗ କରାଯାଏ ନାହିଁ ॥

ବିକ୍ଷିପ୍ତ ନୁହଁ, ସଂକ୍ଷିପ୍ତ ଭାବରେ କହିବାକୁ ଗଲେ, ଭକ୍ତ ସକଳ ଦୃଢ଼ତାର ସହିତ 'ସବୁକିଛି ହିଁ ଠାକୁରେ' ବୋଲି ସ୍ୱୀକାର କରେ । ଏହି ସ୍ୱୀକୃତି ଭକ୍ତର ଅନ୍ତଃକରଣରେ ଅନୁଭବ ହୁଏ । ଅନୁଭବ ନ ହେଲେ, ଭକ୍ତ ଅସହ୍ୟ ଦୁଃଖଯନ୍ତ୍ରଣା ପାଏ । ଏହି ଦୁଃଖଯନ୍ତ୍ରଣା ତୀବ୍ର ହେଲେ, ଶୀଘ୍ର ଅନୁଭବ ହୁଏ । ମା' ଅଛି ହେଲେ ମୋତେ କୋଳକୁ ନେଉ ନାହିଁ କି ବୋକ ଦେଉ ନାହିଁ । ପ୍ରଭୁ ଅଛନ୍ତି, ମୋତେ ପାଖକୁ ନେଉ ନାହାନ୍ତି, ସ୍ନେହବନ୍ଧନରେ ବାନ୍ଧି ନେଉ ନାହାନ୍ତି । ଏପରି ଅନୁଭବ ଭକ୍ତର ତୀବ୍ରତର ହେଲେ, ଅସ୍ଥିର ଭକ୍ତର ସୁଖଭୋଗ ଭକ୍ତି ଅଚିରେ ନଷ୍ଟ ହୋଇ ପରମାତ୍ମ ତତ୍ତ୍ୱ ଯଥାଶୀଘ୍ର ଅନୁଭବ ହୁଏ ।

❋❋❋

ଧାରାରେ ରହି ଅନୀତି କଲୁ ଗଲା ଧରମ ବଳ ।
ଅଧରମ ତ ହେଲା ପ୍ରବଳ ସାର କପଟ ଛଳ ॥

# ଜିଜ୍ଞାସା : ଜିଜ୍ଞାସୁ

**ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ ଆଲୋଚନାର ଧାରା ବିବରଣୀ**
**'ଚରମ' ପଞ୍ଚତ୍ରିଂଶତମ (୩୫ଶ) ସଂଖ୍ୟାର ଅନୁସୃତିରୁ :**

ଜିଜ୍ଞାସୁ - ନାଁ ଆଜ୍ଞା ।

ଠାକୁର - ଏହିପରି ସମସ୍ତ ନିତ୍ୟ ନୈମିତ୍ତିକ କର୍ମ ହେଉ କି ବୃତ୍ତିଗତ ପେଷାଦାର କର୍ମ ହେଉ କି ଆଧ୍ୟାତ୍ମିକ କର୍ମ ହେଉ ସମସ୍ତ କର୍ମକୁ ଯଥାଯଥ ସମୟରେ କର ।

ଜିଜ୍ଞାସୁ - ପ୍ରଭୁ ଭାଗବତରେ ଗୋଟିଏ ପଦ ଅଛି, ''ତୁ ଯେବେ ଏକ ଭାବେ ଭାବୁ । ଏ ଘୋର ସଂସାରୁ ତରିବୁ ।'' ଏହାର ଅର୍ଥ କିପରି ଆମ୍ଭେ ବୁଝିବୁ ।

ଠାକୁର - ଏହି ପଦରେ ଯେଉଁ ଏକ ଭାବ କଥା ଉଲ୍ଲେଖ ଅଛି, ଏହି ଭାବ ବିଷୟରେ କଣ ଜାଣିଛ ?

ଜିଜ୍ଞାସୁ - ଆମ୍ଭେ ମନେ ମନେ ଯାହା ଭାବୁଛୁ, ଯାହା ଚିନ୍ତା କରୁଛୁ ତାହାକୁ ଭାବ ବୋଲି କହୁଛୁ । ଯାହା ସବୁ ସମୟରେ ଆମ୍ଭ ଭିତରେ ସୃଷ୍ଟି ହୋଇ ଲାଗି ରହୁଛି ।

ଠାକୁର - ପ୍ରତ୍ୟେକ ବିଷୟର ମୂଳ କାରଣକୁ ଖୋଜି ପାଇଗଲେ ସେହି ବିଷୟର ପୂର୍ଣ୍ଣ ଜାଣିବା ହୋଇଥାଏ । ଖାଲି ଉପରେ ଉପରେ ଭାସିଗଲେ ମୂଳ ତତ୍ତ୍ୱଟି ଲୁଚି ଯାଇଥାଏ ।

ଜିଜ୍ଞାସୁ - ବିଷୟର ମୂଳ କାରଣ ଯାହା କହିଲେ, ତାହା କ'ଣ ?

ଠାକୁର - ସମସ୍ତ ବିଷୟ ନିଶ୍ଚିତ ଏକ ମୂଳ କାରଣରୁ ଉତ୍ପତ୍ତି ହୋଇଥାଏ ଏବଂ ଏହା ପର୍ଯ୍ୟାୟକ୍ରମରେ ନିଜର ମୂଳ ସ୍ୱରୂପ ବଦଳାଇ ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ବିକଶିତ ହୋଇଥାଏ । ଏହା ହେଉଛି ପ୍ରତ୍ୟେକ ବିଷୟର ଉତ୍ପତ୍ତିର ଧର୍ମ । ଏଣୁ ଯେଉଁ ଭାବର କଥା ପଚାରୁଛ ତାହାର ମଧ୍ୟ ଏକ ନିର୍ଦ୍ଦିଷ୍ଟ ମୂଳ କାରଣ ଅଛି । ଏହା ସେହି ମୂଳ କାରଣରୁ ଉତ୍ପତ୍ତି ହୋଇ ଆଗକୁ ଆଗକୁ ଗତି କରି ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ ଫଳପ୍ରସୂ ହୁଏ ଓ ପୁନଶ୍ଚ ବିଲୟ ହୋଇଯାଏ ।

ଜିଜ୍ଞାସୁ - ପ୍ରଭୁ ଏହି ଭାବର ମୂଳ କାରଣଟି କେଉଁଠାରୁ ଉତ୍ପତ୍ତି ହୋଇଥାଏ । ଏହାର ଜନନୀ କିଏ ?

ଠାକୁର - ଭାବର ଜନନୀ ହେଉଛି ବୁଦ୍ଧି । ବୁଦ୍ଧି ହେଉଛି ଅନ୍ତଃପ୍ରକୃତିର ଏକ ଅଂଶ । ଯେପରି ଅଗ୍ନିର ଦହନ କ୍ରିୟାରୁ ଧୂଆଁ ଓ ତାପ ସୃଷ୍ଟି ହୋଇଥାଏ, ଠିକ୍ ସେହିପରି ବୁଦ୍ଧିର ମନ୍ଥନ କ୍ରିୟାରୁ ଭାବର ଉତ୍ପତ୍ତି ହୋଇଥାଏ । ଏହା ପୁଣି ମୁହୂର୍ତ୍ତକୁ ମୁହୂର୍ତ୍ତ ନୂଆ ନୂଆ ବିଚାର ଧାରାରେ ପରିବର୍ତ୍ତିତ ହୋଇ ଆଗକୁ ଆଗକୁ ଗତି କରିଥାଏ ।

ଜିଜ୍ଞାସୁ - ଭାବ କାହିଁକି ନୂଆ ନୂଆ ରୂପରେ ପରିବର୍ତ୍ତନ ହୁଏ ?

ଠାକୁର - ବାଣ ଫୁଟାଇଥିବ, ବାଣ ଫୁଟାଇଲାବେଳେ ଲକ୍ଷ୍ୟ କରିଥିବ, ଯେତେବେଳେ ଅଗ୍ନି ସଂଯୋଗରେ ବାଣ ଫୁଟେ, ସେତେବେଳେ ବାରୁଦରୁ ବହଳ ଧୂଆଁ ବାହାରେ ଏବଂ କିଛି ସମୟ ପରେ ସେହି ବହଳଧୂଆଁ ପବନର ସ୍ପର୍ଶରେ ବିସ୍ତାରିତ ଭାବେ ପତଳାରୁ ପତଳା ହୋଇ ଆକାଶରେ ମିଳାଇଯାଏ । ଧୂଆଁର ଅସ୍ତିତ୍ୱକୁ ଅନୁଭବ କରିହୁଏ ନାହିଁ । ସେହିପରି ଚେତନାର ପ୍ରଭାବରେ ବୁଦ୍ଧିର ମନ୍ଥନ କ୍ରିୟାରୁ ପ୍ରଥମେ ବହଳିଆ ଭାବ ସୃଷ୍ଟି ହୋଇ ପରେ ପତଳା ହୋଇ ମହାଶୂନ୍ୟରେ ମିଳାଇ ଯାଇଥାଏ । ହଁ ପଚାରିଛ ପରା ଭାବ କାହିଁକି ଆନ ଆନ ହୁଏ ? ପ୍ରଥମେ ବୁଦ୍ଧିର ମନ୍ଥନ କ୍ରିୟାରୁ ବହଳିଆ ଭାବ ସୃଷ୍ଟି ହୋଇ ପରେ ବିଚାର ଧାରାର ପ୍ରଭାବରେ ଧିରେ ଧିରେ ରୂପାନ୍ତରିତ ଭାବେ ପତଳା ହୋଇଯାଏ । ଏହି ରୂପାନ୍ତରିତ କ୍ରିୟା ସମୟରେ ଭାବ ଏକ ଏକ ଅବସ୍ଥାରେ ଏକ ଏକ ସ୍ଥିତି ଗଢ଼ି ନିଜର ସ୍ୱରୂପକୁ ବଦଳାଇ ନୂଆ ନୂଆ ବିଚାରଧାରା ସୃଷ୍ଟି କରେ, ଶେଷରେ ଭାବ ସୂକ୍ଷ୍ମରୁ ଅତି ସୂକ୍ଷ୍ମ ହୋଇ ମହାଶୂନ୍ୟରେ ନିଜର ଅସ୍ତିତ୍ୱ ହରାଇଥାଏ ।

ଜିଜ୍ଞାସୁ - ତାହାହେଲେ ଆମ୍ଭେ କ'ଣ ବୁଝିବୁ ଯେ, ଭାବ ପ୍ରତି ମୁହୂର୍ତ୍ତରେ ବୁଦ୍ଧିରୁ ଉଦୟ ହୋଇ ମହାଶୂନ୍ୟରେ ଲୀନ ହେଉଅଛି ।

ଠାକୁର - ନିଜ ଭିତରକୁ ଲକ୍ଷ୍ୟ କର । ତୁମ ଭିତରୁ ଯେତେ ଭାବ ଉଦୟ ହେଉଛି ସବୁ ତୁମ ଭିତରେ କ'ଣ ରହୁଛି ନା ଅପସରି ଯାଉଛି ।

ଜିଜ୍ଞାସୁ - ଯେତିକିର ଦରକାର ଅଛି ସେତିକି ଭାବ ଆମ ଭିତରେ ବାନ୍ଧି ହେଉଛି । ଆଉ ଯେଉଁ ଭାବର ଦରକାର ନାହିଁ ତାହା ମନକୁ ଆସିଲେ ମଧ୍ୟ ଅପସରି ଯାଉଛି । ତାହାହେଲେ ପ୍ରଭୁ କୁହନ୍ତୁ ଆମର ଏଥିରେ ଲାଭ କ୍ଷତି କ'ଣ ହେଉଛି ?

ଠାକୁର - ଏତ ସୃଷ୍ଟିର ତତ୍ତ୍ୱର ନିୟମରେ ହେଉଛି । ଲାଭ କ୍ଷତି କ'ଣ ? କିନ୍ତୁ ଫଳ ଅଲଗା ଅଲଗା ଅଛି ।

ଜିଜ୍ଞାସୁ - ଏହାର ଫଳ କିପରି ଅଲଗା ଅଲଗା କୁହନ୍ତୁ ।

ଠାକୁର - ବୁଦ୍ଧିରୁ ଭାବ ପ୍ରକାଶ ହୋଇ ବିକଶିତ ଦିଗରେ ଗତି କରିବାରୁ ଶରୀରରେ ଏହାଦ୍ୱାରା ଏକ ପ୍ରକାର ଉତ୍ତେଜନାର ଶିହରଣ ଅନୁଭବ ହୋଇଥାଏ । ଏହି ଶିହରଣରେ ମନ ଉଦ୍‌ବେଳିତ ହୋଇ ବିହ୍ୱଳ ହୋଇଥାଏ ଓ କିଛିକାଳ ଅନୁଭୂତ ହେବା ପରେ ଭାବଜନିତ ଉତ୍ତେଜନା ଧିରେ ଧିରେ ପତଳା ହୋଇ ହ୍ରାସ ପାଇବାରୁ ବିହ୍ୱଳରୁ ପାଗଳାମି ସୃଷ୍ଟି ହୁଏ । ଏହି ପାଗଳାମିରେ ନିଜର ସ୍ଥିତିକୁ ହରାଇବାରୁ ବାତାଳ ରୂପ ନେଇଥାଏ । ଏହା ଗୋଟିଏ ପକ୍ଷର ବିଚାର ।

ଅପର ପକ୍ଷରେ ବୁଦ୍ଧି ଜାତ ଭାବ ଯଦି ବନ୍ଧନ ହୋଇଯାଏ ତାହା ହେଲେ ଭାବ, ଭକ୍ତିରେ ରୂପାନ୍ତରିତ ହୋଇଥାଏ । ଭକ୍ତିର ଗାଢ଼ତ୍ୱ ହେଲେ ଜ୍ଞାନର ପ୍ରକାଶ ହୁଏ । ଜ୍ଞାନର ପରିପକ୍ୱତାରେ ଆତ୍ମବୋଧର ଜନ୍ମ ହୁଏ, ପରେ ଆତ୍ମବୋଧରୁ ଅହିଂସା, ଅହିଂସାରୁ ପ୍ରେମ ଶେଷରେ ତୃଷ୍ଣାର ଚରମ ହୋଇଥାଏ ।

ଜିଜ୍ଞାସୁ - ଭାବର ଧର୍ମ କ'ଣ ରୂପାନ୍ତରିତ ହେବା ?

ଠାକୁର - ହଁ, ଭାବ ରୂପାନ୍ତରିତରେ ଉତ୍ତେଜନା, ବିହ୍ୱଳ ଓ ପାଗଳାମୀ ସୃଷ୍ଟି ହେଉଛି ତ ଅପରପକ୍ଷରେ ଭକ୍ତି, ଜ୍ଞାନ, ଆତ୍ମବୋଧ ଓ ଶାନ୍ତି ପ୍ରଦାନ କରୁଛି । ଏହି ଭାବ ବନ୍ଧନ ହେଲେ ଅବସ୍ଥା ବଦଳାଉଛି ଅର୍ଥାତ୍ ରୂପାନ୍ତରିତ ହେଉଛି ।

ଜିଜ୍ଞାସୁ - ଏହି ଭାବ ତ ସର୍ବଦା ପରିବର୍ତ୍ତନୀୟ ଏହାକୁ ବାନ୍ଧିବା କିପରି ?

ଠାକୁର - ଭାବ ବାନ୍ଧିବାର ସୂତ୍ର ଧରିଲେ ସିନା ଭାବ ବାନ୍ଧି ହୋଇଯିବ ।

ଜିଜ୍ଞାସୁ - ତେବେ ଏହି ସୂତ୍ରକୁ ଦୟା କରି ଖୋଲି କୁହନ୍ତୁ ।

ଠାକୁର - ତୁମ୍ଭେମାନେ ଜାଣିଥିବ, ପ୍ରତ୍ୟେକ ଦୁଃସାଧ୍ୟ କାର୍ଯ୍ୟ ସୂତ୍ରାର୍ଥେ କଲେ ସହଜ ଓ ବୋଧଗମ୍ୟ ହୋଇଥାଏ । ଏଣୁ ପ୍ରତ୍ୟେକ ବିଷୟର ଭାବକୁ ଧରିବାର ସୂତ୍ର ହେଉଛି ଧାରା । ଏହି ଧାରା ରୂପକ ସୂତ୍ର ଦ୍ୱାରା ଭାବକୁ ବାନ୍ଧି ହେବ ।

ଜିଜ୍ଞାସୁ - ବିଶଦ୍ ଭାବରେ ବୁଝାଇ କୁହନ୍ତୁ ।

ଠାକୁର - ଧାରା ହେଉଛି ଏକ ଦଉଡ଼ି ପରି । ଯେପରି କାହାରିକୁ ବାନ୍ଧିବାକୁ ହେଲେ ଦଉଡ଼ିର ଆବଶ୍ୟକ ହୁଏ, ଠିକ୍ ସେହିଭଳି ସାଧନ ରୂପକ ଦଉଡ଼ି ଦ୍ୱାରା ଭାବ ବାନ୍ଧି ହୋଇ ଏକ ଭାବରେ ରୁହେ ।

ମଣିଷ ପ୍ରଥମେ ଲଙ୍ଗଳା ଥାଏ, ପରେ ଶରୀରରେ ଲୁଗା ପିନ୍ଧାଇ ତାହାକୁ ଶୃଙ୍ଖଳ କରାଯାଏ । ଠିକ୍ ସେହିଭଳି ତୁମର ଅନ୍ତଃକରଣ, ଅନ୍ତଃପ୍ରକୃତି, ରିପୁଗଣ ସର୍ବଦା ଉନ୍ମୁକ୍ତ ଓ ବିଶୃଙ୍ଖଳ । ସାଧନ ଦ୍ୱାରା ଏହି ବିଶୃଙ୍ଖଳିତ ଅନ୍ତଃକରଣକୁ ଶୃଙ୍ଖଳ କରାଯାଉଥାଏ । ଏହି ସାଧନ ହେଉଛି 'ଧାରା' ।

ଜିଜ୍ଞାସୁ - ସାଧନ ନଥାଇ କ'ଣ ଭାବକୁ ବନ୍ଧନ କରିହେବ ନାହିଁ ।

ଠାକୁର - ନାଁ, ସାଧନ ନ ଥାଇ ଭାବକୁ ବନ୍ଧନ କରିବା ସର୍ବଦା ଅସମ୍ଭବ । ନଦୀରେ ବନ୍ଧ ନ ପକାଇ ପାଣି ଉଜାଣି ଉଠି ହେବ କି ?

ଜିଜ୍ଞାସୁ - ଅନେକ କହନ୍ତି ଭାବରେ ଭଗବାନ ମିଳନ୍ତି । ସାଧନ କ'ଣ ଦରକାର ।

ଠାକୁର - ଯେଉଁମାନେ ଏପରି ମତ ଦିଅନ୍ତି ସେମାନଙ୍କ ଚରିତ୍ରକୁ ଲକ୍ଷ୍ୟ କଲେ ଜାଣି ପାରିବ । ସେମାନଙ୍କ ଭିତରେ ପରକୁ ଈର୍ଷା, ହିଂସା, ପରଶ୍ରୀକାତରତା, ଘୃଣା, ମାନ, ଗର୍ବ, ଅହଂକାର, ଅନ୍ୟକୁ ଦୁଃଖ ଦେବା, ନିଜକୁ ଜ୍ଞାନୀ ମନେ

କରିବା ଇତ୍ୟାଦି ଭାବର କ୍ରିୟା ତାଙ୍କର ଚରିତ୍ରରେ ଫୁଟି ବାହାରୁଥିବ । ଆହୁରି ମଧ୍ୟ ଲକ୍ଷ୍ୟ କରିବ ଈଶ୍ୱରଙ୍କ ଗୁଣ କୀର୍ତ୍ତନରେ, ପ୍ରଭୁଙ୍କ ଲୀଳା ଶ୍ରବଣରେ ମୁହୂର୍ତ୍ତକ ପାଇଁ ଭାବ ଗଦ୍‌ଗଦ୍ ହୋଇ ସମସ୍ତ ଈଶ୍ୱରଙ୍କୁ ସମର୍ପଣ ବାକ୍ୟରେ କରୁଥିବେ ଓ ସାମୟିକ ଭାବରେ ଉଠିଥିବା କ୍ଷଣିକ ଉତ୍ତେଜନା ପ୍ରଶମିତ ହୋଇଗଲେ ପୁଣି ନିଜର ପୂର୍ବ କୁଟକପଟ ସ୍ଥିତିକୁ ଫେରି ଆସୁଥିବେ ।

ଜିଜ୍ଞାସୁ - ପ୍ରଭୁ ଏପରି କାହିଁକି ହୁଏ ?

ଠାକୁର - ଆମ୍ଭେ ତ କହିଲୁ ଧାରା ବ୍ୟତିରେକେ ଭାବକୁ ବନ୍ଧନ କରିବା ଅସମ୍ଭବ । ସଦ୍‌ଭାବ, ସତ୍‌ଚିନ୍ତା ସମସ୍ତଙ୍କ ଭିତରେ ଅଛି । କାରଣ ଉପସ୍ଥିତ ହେଲେ ତାହା ଜାଗ୍ରତ ହୋଇ ଉଠେ ଓ କିଛି ସମୟ ଅତିକ୍ରାନ୍ତ କରି ଗଲେ ଭାବ କମିଯାଏ, କ୍ଷଣିକ ଉତ୍ତେଜନା ମଧ୍ୟ ପ୍ରଶମିତ ହୋଇପଡ଼େ । ଭାବ ଅପସରି ଯିବାର ଦ୍ୱାର ତୁମ୍ଭ ଭିତରେ ଖୋଲା ଅଛି ଉଦାହରଣ ଶୁଣ ! ଏକ ପବିତ୍ର ସାଧୁଙ୍କୁ ଦେଖିଲେ ତୁମ୍ଭ ଭିତରେ ତାଙ୍କ ଭିତରେ ଥିବା ଦିବ୍ୟଗୁଣ, ତାଙ୍କର ସାଧୁତ୍ୱ, ବ୍ୟବହାର ପ୍ରତି ତୁମ୍ଭ ଅନ୍ତରରେ ସଦ୍‌ଭାବ ଜାଗ୍ରତ ହେବ । ତା'ପରେ ସେହି ଦିବ୍ୟଭାବରେ ଭାବାୟିତ ହୋଇ ସାଧୁ ମହାତ୍ମାଙ୍କର ଗୁଣଗାନ କଲ, ତାଙ୍କ ଐଶ୍ୱର୍ଯ୍ୟ, ମହତ୍ୱର ଗଳ୍ପ କଲ, କିଛି ସମୟ ପରେ ସେହି ଦିବ୍ୟଭାବ ତୁମ୍ଭ ଭିତରୁ ଧିରେ ଧିରେ ଅପସରି ଗଲା । ପୁନଶ୍ଚ ନୂତନ କାରଣର ଉପସ୍ଥିତିରେ ନୂତନ ଭାବର ଉଦୟ ହେଲା । ଏହିପରି କ୍ଷଣିକ ପାଇଁ ଦିବ୍ୟ ଭାବ ସୃଷ୍ଟି ହୋଇ ଉଭେଇ ଗଲା । ଏହିପରି ସଦାସର୍ବଦା ତୁମ୍ଭର ମୁଣ୍ଡରେ ବିଭିନ୍ନ କାରଣରେ ବିଭିନ୍ନ ଭାବ ସୃଷ୍ଟି ହେଉଛି । କୌଣସି ଏକ ଭାବ ଭିତରେ ଲଗାତର ଭାବେ ଲାଗି ରହୁ ନାହିଁ । ଯଦି ସଦ୍‌ଭାବ ତୁମ୍ଭ ଭିତରେ ଲାଗି ରହନ୍ତା ତେବେ ଅସଦ୍‌ଭାବ ପ୍ରକାଶ ହୁଅନ୍ତା ନାହିଁ । ଯଦି ବା ପ୍ରକାଶ ହୁଅନ୍ତା କିନ୍ତୁ କ୍ରିୟା କରିପାରନ୍ତା ନାହିଁ । କାରଣ ସଦ୍‌ଭାବ ବଳବତ୍ତର ହୋଇ ଆସ୍ଥାନ ମାଡ଼ି ବସେ ଯାହା ଫଳରେ ଅସଦ୍‌ଭାବ ସ୍ଥାନ ନ ପାଇ ଚାପି ହୋଇଯାଏ ।

ଜିଜ୍ଞାସୁ - ଭାବ ସ୍ଥାନ ମାଡ଼ି ବସେ ଏହାର ଅର୍ଥ କ'ଣ ?

ଠାକୁର - କାରଖାନାରୁ ଜିନିଷ ତିଆରି ହୋଇ ବାହାରି ଆସିଲା ପରେ ବିକ୍ରି ପାଇଁ ଦୋକାନରେ ରଖାଯାଏ । ଠିକ୍ ସେହିପରି ଭାବ ବୁଦ୍ଧି ରୂପକ କାରଖାନାରୁ ବାହାରି ମନରୂପକ ଦୋକାନରେ ଆସ୍ଥାନ ଜମାଏ । ଭାବର ସୋରୁମ୍ ବା ଦୋକାନ ହେଉଛି ମନ ଏବଂ ମନ ଦ୍ୱାରା ପରିଚାଳିତ ଇନ୍ଦ୍ରିୟଗଣ ହେଉଛନ୍ତି ସିଂହାସନ । ଯାହା ଉପରେ ଭାବ ରାଜତ୍ୱ କରିଥାଏ ।

ଜିଜ୍ଞାସୁ - ଭାବ ଓ ମନ ଏଦୁହିଁଙ୍କର ସଂପର୍କ କ'ଣ ?

ଠାକୁର - ଜଣେ ଖାଦ୍ୟ ହେଲେ ଆଉ ଜଣେ ଖାଦକ ଅଟେ । ଜଣେ ଅଗ୍ନି ହେଲେ ଆଉ ଜଣେ ଇନ୍ଧନ । ଯେଭଳି ଇନ୍ଧନ ବିନା ଅଗ୍ନି ମୂଲ୍ୟହୀନ ସେହିଭଳି ଭାବ ବିନା ମନ ମୂଲ୍ୟହୀନ । ଇନ୍ଧନ ଦ୍ୱାରା ଯେପରି ଅଗ୍ନିର ଅସ୍ତିତ୍ୱକୁ ଅନୁଭବ କରିହୁଏ ସେହିପରି ଭାବ ଦ୍ୱାରା ମନର ସ୍ଥିତିକୁ ଅନୁଭବକୁ ଆଣିହୁଏ । ଭାବ ଓ ମନ ଭିତରେ ସଂପର୍କ ନିବିଡ଼ । ଜଣକୁ ହରାଇଲେ ଆଉ ଜଣଙ୍କର ସ୍ଥିତି ଅସମ୍ଭବ ।

ଜିଜ୍ଞାସୁ - ଭାବ ସହିତ ଧର୍ମଧାରାର ସଂପର୍କ କ'ଣ ?

ଠାକୁର - ଭାବ ଓ ଧାରା ଏହା ପୃଥକ୍ ପୃଥକ୍ ଶବ୍ଦ । ତୁମ୍ଭେ ଭାବଧାରା କହିଦିଅ । କିନ୍ତୁ ଏହା ଗୋଟିଏ ଶବ୍ଦ ନୁହେଁ । ତୁମ୍ଭେ ଯେଉଁ ଭାବ ଆଉ ଧାରାର ସଂପର୍କ କଥା ପଚାରୁଛ ତାହା ପରସ୍ପର ବିରୋଧି । କଅଁଳା ବାଛୁରୀ ବେକରେ ପଘା ଲଗାଇଲେ ସେ ଯେପରି ଛାଟିପିଟି ହୁଏ । ସେହିପରି ବହିର୍ମୁଖୀ ଭାବକୁ ଧାରା ଦ୍ୱାରା ବନ୍ଧନ କଲେ କଅଁଳା ବାଛୁରୀ ପରି ଛଟପଟ ହେବାକୁ ହୁଏ । କିଛିଦିନ ଅତିକ୍ରାନ୍ତ ପରେ ଯେପରି ବାଛୁରୀ ପଘାର ବନ୍ଧନକୁ ଆଦରି ନେଇ ଶୃଙ୍ଖଳିତ ହୋଇଥାଏ, ସେହିପରି ଭାବକୁ ଧାରା ରୂପକ ଶୃଙ୍ଖଳରେ ବନ୍ଧନ କଲେ ବ୍ୟାକୁଳତା ଆସିଥାଏ । ପରେ ଏହି ବ୍ୟାକୁଳତା ଭକ୍ତିରେ ପରିଣତ ହୋଇ ଜ୍ଞାନପ୍ରସୁ ହୋଇଥାଏ । ଧର୍ମଧାରା ଭାବର ଉଗ୍ରତାକୁ ଚାପି ଦେଇ ବହିର୍ମୁଖରେ ଗତି କରିବାକୁ ବାଧା ଦିଏ ଓ ଭାବକୁ ଅନ୍ତର୍ମୁଖୀ କରାଇଥାଏ । ବହିର୍ମୁଖୀ ଭାବ ତତ୍‌କ୍ଷଣାତ୍ ଫଳ ଦିଏ ଓ ଅନ୍ତର୍ମୁଖୀ ଭାବ କିଛି କାଳ ପରେ ଫଳ ଦିଏ । (କ୍ରମଶଃ)

# ସମ୍ଭବାମି ଯୁଗେ ଯୁଗେ
# ରତ୍ନବେଦୀ



ଚରମ ପୁରୁଷ ! ଚରମ ପୃଷ୍ଠାରେ ଚରମ ତତ୍ତ୍ୱଜ୍ଞାନ
ବିତରଣ କରି କରୁଛ ଉଦ୍ଧାର ଜଗତର ଅଜ୍ଞାନ ।
ଅନ୍ଧାର ନାଶି ଦେଉଛ ଆଲୋକ ଦିବ୍ୟପ୍ରଭା ପ୍ରକାଶି
ପରଶେ ଯାହାର କୋଟିଏ ପ୍ରାଣରେ କମଳ ଉଠୁଛି ହସି ॥

*ଧରା ପୃଷ୍ଠରେ କେତେ ପ୍ରକାରର ଅଦ୍ଭୁତ କ୍ରିୟାକଳାପ ଘଟିଯାଉଛି ସତେ ! ପ୍ରତ୍ୟେକର ପ୍ରଚ୍ଛନ୍ନରେ ନିହିତ କାର୍ଯ୍ୟକାରଣ ନିର୍ଦ୍ଧାରଣ କରିବା ସମସ୍ତଙ୍କ ପକ୍ଷରେ ସବୁବେଳେ ସମ୍ଭବ ମଧ ହେଉନାହିଁ । ସୃଷ୍ଟି ତତ୍ତ୍ୱ ଅତ୍ୟନ୍ତ ଗହନ, ଅତୀବ ନିଗୁଢ଼ ଓ ନିଗମ । ଏହି ରହସ୍ୟ ଉଦ୍‌ଘାଟନ କରି ଭେଦ କରିବା ମନୁଷ୍ୟ ପକ୍ଷରେ କାହିଁକି ଯୋଗୀ ଋଷି ମୁନିମାନଙ୍କ ପକ୍ଷରେ ମଧ ସର୍ବାଦୌ ଅସମ୍ଭବ । ସକଳ ଅସମ୍ଭବକୁ ସମ୍ଭବ କରି ଅନୁଦ୍‌ଘାଟିତ ରହସ୍ୟର ଜାଲ ସକଳ ଛିନ୍ନଭିନ୍ନ କରି ନିଗୁଢ଼, ନିଗମ, ଗହନ ସୃଷ୍ଟି ତତ୍ତ୍ୱକୁ ସରଳ ସାବଲୀଳ ବୋଧଗମ୍ୟ କରି ତୋଳନ୍ତି ଚରମପୁରୁଷ ପୂର୍ଣ୍ଣ ପରଂବ୍ରହ୍ମ ଜୀବନଦେବତା ଠାକୁରେ । 'ସମ୍ଭବାମି ଯୁଗେଯୁଗେ' ସ୍ତମ୍ଭରେ ଧାରାବାହିକ ଭାବରେ 'ଚରମ' ପୃଷ୍ଠାରେ ତାହା ବିଶ୍ୱଜନର କଲ୍ୟାଣ ନିମନ୍ତେ ନିୟମିତ ପରିବେଷିତ ହୋଇ ଆସୁଅଛି ।*

**'ଚରମ' : ସପ୍ତମ ପୁଷ୍ପ : ଚତୁର୍ଥ ପାଖୁଡ଼ା : ପଞ୍ଚତ୍ରିଂଶତ୍ତମ ସଂଖ୍ୟାର ଅନୁସୃତିରୁ :**

## (୪୧) ଚକ୍ରଘୂର୍ଣ୍ଣାରୀ କୋଷ :

ଜୀବର ବୁଦ୍ଧି, ବିବେକ, ବିଚାର ଶକ୍ତି ଅଛି । ସ୍ରଷ୍ଟାପୁରୁଷ ଜୀବକୁ ଏହି ଶକ୍ତି ପ୍ରଦାନ କରି ସ୍ୱାଧୀନ ଭାବରେ ଏହା ପ୍ରୟୋଗ କରି କର୍ମ କରିବାର ଅଧିକାର ଦେଇଅଛନ୍ତି । ଏଥିରେ ସେ ଆଦୌ ହସ୍ତକ୍ଷେପ କରନ୍ତି ନାହିଁ କିମ୍ବା ଅନଧିକାର ଚର୍ଚ୍ଚା ମଧ କରନ୍ତି ନାହିଁ । କିନ୍ତୁ ଜୀବ ଏହି ସ୍ୱାଧୀନତା ପାଇ ନିଜେ ସ୍ୱାଧୀନ ଭାବରେ ଯାହା ବିଚାର କରେ, ତାହା ତାହାରି ନିଜସ୍ୱ ବୁଦ୍ଧି ବିବେକର ପରିସୀମା ମଧ୍ୟରେ ହିଁ କରିଥାଏ ଓ ତାହାର ନିଜ ବିଚାର ଠିକ୍ କି ଭୁଲ୍ ତାହା ମଧ ନିଜେ ଜାଣି ପାରେ ନାହିଁ, ଜାଣିବାର ଉପାୟ ମଧ ତାହାର ନ ଥାଏ । କାରଣ ନିଜେ ନିଜର ଭୁଲ୍ ଧରି ପାରିବା ବା ବାରି ପାରିବାର କ୍ଷମତା ଜୀବର ନ ଥାଏ । ଜୀବ ନିଜ ବୁଦ୍ଧି ବିବେକର ପ୍ରୟୋଗ କରି ବିଚାର ଅନୁସାରେ ଭୁଲ୍ ହେଉ ବା ଠିକ୍ ହେଉ, ତାହା ନିର୍ଭୁଲ ମଣି କାର୍ଯ୍ୟ କରି ଚାଲିଥାଏ । ତେଣୁ ପରଂବ୍ରହ୍ମ ଜୀବର ସ୍ୱାଧୀନ ବିଚାରଧାରାର କାର୍ଯ୍ୟ ସକଳର ସମସ୍ତ ଫଳ ଜୀବର ଭୋଗ ପାଇଁ ଗଚ୍ଛିତ କରି ରଖି ଥୋଇ ଥାଆନ୍ତି । ଜୀବ ପିଣ୍ଡ ମଧ୍ୟରେ ଅବସ୍ଥିତ ପିଣ୍ଡପୁରୁଷ ଜୀବର ସୁ ଓ କୁ କାର୍ଯ୍ୟର ସୁ ଓ କୁ ଫଳସକଳ ବିଚାର କରି ଜୀବଭୋଗ୍ୟ କରି ଥୋଇଦିଅନ୍ତି । ଏହି କାରଣରୁ ଜୀବର ମୃତ୍ୟୁ, ଜନ୍ମ ଓ ପୁଣି ମୃତ୍ୟୁ ଆଦି ଚକ୍ରାନୁସାରେ ଘୂର୍ଣ୍ଣୟମାନ ହୋଇ ଯଥାବିଧି ଚାଲିଥାଏ । ଏଥିପାଇଁ ଜନ୍ମମୃତ୍ୟୁ ଚକ୍ରରେ ଜୀବର ଘୂର୍ଣ୍ଣନ କାର୍ଯ୍ୟ ହୋଇଥାଏ । ଜୀବ ଯଦି ଭାବର ଅନୁକୂଳ ସ୍ରୋତରେ ଭାସି ଚାଲି ଉଚିତ ବିଚାର କରିବ, ତେବେ ତାହା ସୁବୁଦ୍ଧି ସମ୍ପନ୍ନ ସୁକର୍ମ ଦ୍ୱାରା ଜ୍ଞାତ ଅବସ୍ଥାକୁ ଚାଲିଆସିବ । ସେତେବେଳେ ଜୀବ ଉଚିତ ଅନୁଚିତ, ଯଥାର୍ଥ ଅର୍ଥହୀନ, କୁ ଓ ସୁ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ରୂପେ ବାରି ପାରିବ, ଧରି ପାରିବ ଓ ଭୁଲ୍ ପଥ ପରିତ୍ୟାଗ କରି ନିର୍ଭୁଲ ପଥରେ ଅଗ୍ରସର ହୋଇ ପାରିବ । ଜୀବର ଏହି ଅବସ୍ଥା ବା ପର୍ଯ୍ୟାୟକୁ ସକ୍ରିୟ ଆତ୍ମା ଜନନୀର ଜଠରସ୍ଥ ଜରାୟୁରେ ଥିବା ଅବସ୍ଥାରେ ପୂର୍ବାନୁଭୂତିକୁ ସ୍ମରଣ କରି

ଲାଭ କରିଥାଏ । ମାତ୍ର ଧରାପୃଷ୍ଠରେ ଭୂମିଷ୍ଠ ହେବା ପରେ କ୍ରମଶଃ ମାୟା ଓ ମୋହର ପ୍ରଭାବରୁ ଜୀବ ତାହା ପାଶୋରି ଯାଏ, ଜୀବର ବିସ୍ମରଣ ଘଟେ ଓ ସେହି ଶକ୍ତି ଶୂନ୍ୟ ହୋଇଯାଏ ।

କେତେକ ଆତ୍ମା ଜାତସ୍ମର ହୋଇ ଭୂମିଷ୍ଠ ହୋଇ ଥାଆନ୍ତି । ସେମାନେ ତାଙ୍କର ପୂର୍ବ ଜନ୍ମର ଅନୁଭୂତି ଓ ସ୍ମୃତିକୁ ବିସ୍ମରଣ କରି ନ ଥାନ୍ତି । ମାୟା ମୋହର କବଳରେ ତାଙ୍କର ସ୍ମୃତି କବଳିତ ହୋଇ ବିସ୍ମୃତ ହୋଇ ଯାଇ ନ ଥାଏ । ସେମାନଙ୍କର ପୂର୍ବାନୁଭୂତି ସ୍ପଷ୍ଟଭାବରେ ସ୍ମରଣକୁ ଆସିଯାଏ । ଏହା ଅନ୍ୟମାନଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । କାରଣ ସେମାନେ ମାତୃଗର୍ଭରେ ଥିବା ଅବସ୍ଥାରେ ସ୍ମରଣ କରି ପାରୁଥିବା ପୂର୍ବସ୍ମୃତି ଓ ଅନୁଭୂତିକୁ ଭୂମିଷ୍ଠ ହେବା ପରେ ମସ୍ତିଷ୍କରେ ଧରି ରଖି ନ ପାରି ବିସ୍ମୃତ ହୋଇଯାଆନ୍ତି ।

ଜରାୟୁ ତତ୍ତ୍ୱରେ ପିଣ୍ଡମଣ୍ଡଳର ଭୂମିକା ଅନନ୍ୟ ସାଧାରଣ । ପିଣ୍ଡମଣ୍ଡଳରେ ପିଣ୍ଡବ୍ରହ୍ମ ଘୂର୍ଣ୍ଣାୟମାନ ଅବସ୍ଥାରେ ଥାଏ । ଏହି ଘୂର୍ଣ୍ଣନ ସମୟରେ ଜୀବବ୍ରହ୍ମ ଐଶ୍ୱର୍ଯ୍ୟ ବର୍ଣ୍ଣରେଖାରେ ବିଭୂଷିତ ହୋଇ ପରବର୍ତ୍ତୀ ଜନ୍ମ ନିମନ୍ତେ ପୂର୍ବଜନ୍ମର କର୍ମଫଳାଦି ବିଚାର ପରିପ୍ରେକ୍ଷୀରେ ଧନୀ ଗରିବ, ସୁନ୍ଦର ଅସୁନ୍ଦର, ସଜ୍ଜନଦୁର୍ଜନ, ସତ୍‌ଅସତ୍, ସାଧୁଅସାଧୁ, ଜ୍ଞାନୀ ଅଜ୍ଞାନ, ଆସ୍ତିକନାସ୍ତିକ, ଚରିତ୍ରବାନ ଚରିତ୍ରହୀନ, ସ୍ୱାର୍ଥପର ନିଃସ୍ୱାର୍ଥପର ଆଦି ଭାବରାଜି ପ୍ରାପ୍ତ ହୋଇଥାଏ । ପିଣ୍ଡମଣ୍ଡଳରେ ପିଣ୍ଡବ୍ରହ୍ମ ଦ୍ୱାରା ପ୍ରାପ୍ତ ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ସୂକ୍ଷ୍ମସୂତ୍ରରେ ଚନ୍ଦ୍ରଚୂର୍ଣ୍ଣାରୀ କୋଷ ଦ୍ୱାରା ଗୃହିତ ହୋଇ ଧରାପୃଷ୍ଠରେ ଜୀବପିଣ୍ଡରେ ଭୋଗ ହୁଏ । ଜନନୀ ଜଠର ଜରାୟୁ ମାଧ୍ୟମରେ ଧରାପୃଷ୍ଠରେ ଜୀବ ଭୂମିଷ୍ଠ ହେବା ପରେ ଜୀବପିଣ୍ଡର କ୍ରମବିକାଶ ଅନୁଯାୟୀ ଗୃହିତ ଐଶ୍ୱର୍ଯ୍ୟ ଜନ୍ମ ମୁହୂର୍ତ୍ତରେ ଗ୍ରହନକ୍ଷତ୍ର, କାଳ (ଦଣ୍ଡ) ଅନୁଯାୟୀ ବିଚାର୍ଯ୍ୟ ହୋଇ ଚନ୍ଦ୍ରଚୂର୍ଣ୍ଣାରୀ କୋଷ ଦ୍ୱାରା ସୁଗଠିତ ଓ ସୁସଜ୍ଜିତ ହୋଇ ଘଟଣାକ୍ରମରେ ସଂଘଟିତ ହୋଇ ଭୋଗ ହୁଏ । ପିଣ୍ଡମଣ୍ଡଳର ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ଦ୍ୱାଦଶ (ବାରଗୋଟି) ପଟଳରେଖା ବୋଲି ବର୍ଣ୍ଣିତ ହୋଇଅଛି । ପାଠକ/ପାଠିକା ଭାଇଭଉଣୀମାନଙ୍କର ସହଜ ଅବବୋଧ ନିମନ୍ତେ ନିମ୍ନରେ ତାହା ସଂକ୍ଷେପ ଓ ସଂକେତରେ ଲିପିବଦ୍ଧ କରାଯାଉଅଛି -

(୧) ବର୍ଣ୍ଣାକ ଐଶ୍ୱର୍ଯ୍ୟ : ଏହି ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ହରିଦ୍ରା । ସୁକର୍ମ ସମ୍ପନ୍ନ ବ୍ୟକ୍ତିର ଦେହାନ୍ତ ପରେ ସେ ଯେଉଁ ତିଥି, ନକ୍ଷତ୍ର ଓ ବେଳା (ଦଣ୍ଡ)ରେ ମୃତ୍ୟୁମୁଖରେ ପତିତ ହୋଇଥାଏ ପିଣ୍ଡମଣ୍ଡଳରେ ଘୂର୍ଣ୍ଣନ ସମୟରେ ତାହାର ଆତ୍ମା (ସୂକ୍ଷ୍ମ ଶରୀର) ସେହି ତିଥି, ବାର, ନକ୍ଷତ୍ର ଓ ସାମୟାଦିକୁ ଭୋଗ କରି ପରବର୍ତ୍ତୀ ଜନ୍ମ ପାଇଁ ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ମଧ୍ୟରୁ ବର୍ଣ୍ଣାକ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ । ଏହି ଐଶ୍ୱର୍ଯ୍ୟ ପ୍ରାପ୍ତ ଆତ୍ମା ପରଜନ୍ମରେ ସାଧୁ, ସନ୍ତ, ସତ୍‌ପ୍ରକୃତିର ଚରିତ୍ରବାନ ଓ ସୁନ୍ଦର ସୌଷ୍ଠବଯୁକ୍ତ ହୋଇ ସୁଫଳ ଭୋଗ କରେ । ସମାଜରେ ଅତ୍ୟନ୍ତ ନଗଣ୍ୟ ପରିବେଶରେ ଅତି ଦୀନହୀନ ପରିବାରରେ ଅଜ୍ଞ ଦମ୍ପତି କୋଳ ମଣ୍ଡନ କରି ସୁନ୍ଦର ସ୍ୱଭାବସମ୍ପନ୍ନ ବିବେକୀ, ବିଚାରବନ୍ତ, ଚରିତ୍ରବାନ, ସାଧୁସ୍ୱଭାବର ଜ୍ଞାନୀପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିବାର ଦୃଷ୍ଟାନ୍ତ ବିରଳ ନୁହେଁ । ଅନେକ ସମାଜବିଜ୍ଞାନୀ ଏହାର କାରଣ ଅନୁସନ୍ଧାନ କରିବାକୁ ଚେଷ୍ଟା କରି ଏଯାବତ୍ ଏ ଗୂଢ଼ ରହସ୍ୟ ଭେଦ କରିବାକୁ ସମର୍ଥ ହୋଇ ପାରିନାହାନ୍ତି । ସୃଷ୍ଟିର ତତ୍ତ୍ୱର ଏହି ନିଗମ ନିଗୂଢ଼ ରହସ୍ୟ ଭେଦ କରି ନ ପାରି ଅନେକେ ଏହାକୁ ଏକ ଆକସ୍ମିକତା ବୋଲି କହିଯାଇଅଛନ୍ତି । ମାତ୍ର ଜରାୟୁ ତତ୍ତ୍ୱରେ ପିଣ୍ଡପୁରୁଷ ମଣ୍ଡଳର ଭୂମିକା ସୁନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ଅଟେ । ସ୍ରଷ୍ଟାପୁରୁଷ ଚରମପାଦ ଗୁରୁସ୍ୱାମୀ ଠାକୁରେ ଅପାର କରୁଣା ଓ ଅମାପ କଲ୍ୟାଣ କରି ବିଶ୍ୱଜନହିତାର୍ଥେ ଏହି ନିଗୂଢ଼ ନିଗମ ସୃଷ୍ଟିତତ୍ତ୍ୱ 'ଚରମ' ପୁସ୍ତକରେ 'ସମ୍ଭବାମି ଯୁଗେଯୁଗେ' ସ୍ତମ୍ଭରେ ପ୍ରଚାର ପ୍ରସାର କରିଚାଲିଛନ୍ତି ।

(୨) ଚର୍ପିନା ଐଶ୍ୱର୍ଯ୍ୟ : ଏହି ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ଧୂସର । ଏହି ଐଶ୍ୱର୍ଯ୍ୟ ପ୍ରାପ୍ତ ଆତ୍ମା ଭୂମିଷ୍ଠ ହୋଇ ବୟଃକ୍ରମରେ ଦାରିଦ୍ର୍ୟ ଭୋଗ କରେ । ପୁଣି ଏହି ଐଶ୍ୱର୍ଯ୍ୟର ପ୍ରଭାବରେ ସମାଜରେ ଧନୀ ଶ୍ରେଣୀ ମଧ୍ୟରେ ଧନୀକ ରୂପେ ପରିଗଣିତ ହୋଇ ଧନଧାନ୍ୟ ଗୋପଲକ୍ଷ୍ମୀ ଭୋଗ କରେ । ଏହିଭଳି କିଛି କାଳ ଅତିବାହିତ ହେବା ପରେ ପୁନଶ୍ଚ ଏହି ଐଶ୍ୱର୍ଯ୍ୟର ପ୍ରଭାବରୁ ଜୀବ ଜୀବନର ଶେଷ ଅବସ୍ଥାରେ ଘୋର ଦାରିଦ୍ର୍ୟ ଓ ଅଭାବ ଅନାଟନ ମଧ୍ୟରେ କାଳାତିପାତ କରେ । ପୂର୍ବରୁ ଜୀବର ଏହି ଦଶାଭୋଗ ସଂପର୍କରେ କୋଷ ପର୍ଯ୍ୟାୟରେ ଆଲୋଚନା ଓ ବର୍ଣ୍ଣନା କରାଯାଇଅଛି । ଏହି ଉତ୍ଥାନ ଓ ପତନ ମଧ୍ୟରେ ଗତିଶୀଳ ଜୀବାତ୍ମାକୁ ଏହି ନକ୍ଷତ୍ର ଓ ଗ୍ରହ ଦଶାରେ ଐଶ୍ୱର୍ଯ୍ୟ ଭୋଗ ଓ ଦୁର୍ଭୋଗ କରାଇବା ପାଇଁ ପିଣ୍ଡପୁରୁଷ ମଣ୍ଡଳରେ ଘୂର୍ଣ୍ଣାୟମାନ ଜୀବବ୍ରହ୍ମକୁ ଚର୍ପିନା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ଅବିରତ ଖୋଜି ବୁଲୁଥାଏ । ପୂର୍ବ ଜନ୍ମଜନ୍ମାନ୍ତରର କର୍ମ ଫଳାଦି ବିଚାରକୁ ନେଇ ଚର୍ପିନା ଐଶ୍ୱର୍ଯ୍ୟ ଉପଯୁକ୍ତ ଜୀବବ୍ରହ୍ମକୁ

ଚିହ୍ନଟ କରି ପିଣ୍ଡପୁରୁଷ ମଣ୍ଡଳରେ ଐଶ୍ୱର୍ଯ୍ୟ ପ୍ରାପ୍ତ କରାଇଥାଏ । ଜନନୀ ଜଠର ଜରାୟୁରେ ଜୀବବ୍ରହ୍ମ ବିନ୍ଦୁ ରୂପରେ ସ୍ଥାପିତ ହେବା ପରେ ଆଶିଷ ପ୍ରାପ୍ତ ହୋଇଥାଏ ।

(୩) ରୌନ୍ଦା ଐଶ୍ୱର୍ଯ୍ୟ : ଏହି ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ନୀଳ । ଏହି ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ପ୍ରାପ୍ତ ଆତ୍ମା ପିଣ୍ଡପୁରୁଷ ମଣ୍ଡଳରୁ ମାତୃଗର୍ଭ ମଧ ଦେଇ ଧରାପୃଷ୍ଠରେ ଭୂମିଷ୍ଠ ହେବା ପରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କେବଳ ଦୁଃଖ ଦାରିଦ୍ର୍ୟ ହିଁ ଭୋଗ କରିଥାନ୍ତି । ସେହି ଆତ୍ମାର ପୂର୍ବ ସାତଜନ୍ମ ଦରିଦ୍ର ହୋଇ ଦୁଃଖଦୁର୍ଦ୍ଦଶା ଓ ଦୁର୍ଭୋଗ ମଧ୍ୟରେ କାଳ ଅତିବାହିତ କରି ସାରିଥାଏ ଓ ପରବର୍ତ୍ତୀ ସାତଜନ୍ମ ମଧ ସେହିପରି ଦାରିଦ୍ର୍ୟର କଷାଘାତ ମଧ୍ୟରେ ଦୁର୍ଦ୍ଦଶା ଓ ଦୁର୍ଭାଗ୍ୟ ମଧ୍ୟରେ ଦୁଃଖପୂର୍ଣ୍ଣ ଜୀବନ ପାଇଁ ବାଧ୍ୟ ହୋଇଥାଏ । ପିଣ୍ଡପୁରୁଷ ମଣ୍ଡଳରେ ରୌନ୍ଦା ଐଶ୍ୱର୍ଯ୍ୟର ନୀଳବର୍ଣ୍ଣର ରେଖା ଏହି ଜୀବବ୍ରହ୍ମ କେନ୍ଦ୍ରରେ ଗଭୀର ରେଖାପାତ କରିଥାଏ । ଜନ୍ମଜନ୍ମାନ୍ତରରେ ଅଦାତା, କୃପଣତା, ସ୍ୱାର୍ଥପରତା ଦୋଷଦୁଷ୍ଟ ଆତ୍ମାକୁ ଏହି ରୌନ୍ଦା ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ଚିହ୍ନଟ କରି ଏଭଳି ଦୁର୍ଭୋଗ ଓ ଦୁର୍ଦ୍ଦଶାରେ ପକାଇଥାଏ । ପିଣ୍ଡପୁରୁଷ ମଣ୍ଡଳରୁ ଖସି ବ୍ରହ୍ମାଣ୍ଡରେ ପିଣ୍ଡବ୍ରହ୍ମ ଏହା ଭୋଗ କରିବାକୁ ବାଧ୍ୟ ହୁଏ । ଏହି ଐଶ୍ୱର୍ଯ୍ୟ ପ୍ରାପ୍ତିର ପ୍ରଭାବରୁ ଜୀବବ୍ରହ୍ମରେ ଏହା ପର୍ଯ୍ୟାୟକ୍ରମେ ଉଇ ଚରିଲା ପରି ମାଡ଼ି ମାଡ଼ି ଚାଲିଥାଏ । ଧରାପୃଷ୍ଠରେ ଏମାନଙ୍କର କେହି ସହାୟ ହୋଇ ସାହାଯ୍ୟ ସହଯୋଗ କରିବାକୁ ଛିଡ଼ା ହୋଇ ପାରନ୍ତି ନାହିଁ । ରୌନ୍ଦା ଐଶ୍ୱର୍ଯ୍ୟ ବର୍ଣ୍ଣରେଖାର ଏହାହିଁ ପ୍ରଭାବ ଅଟେ । କେବଳ ଅଭିଶପ୍ତ ଜୀବାତ୍ମାକୁ ଏହି ନୀଳାଭ ରୌନ୍ଦା ଐଶ୍ୱର୍ଯ୍ୟ ବର୍ଣ୍ଣରେଖା ପ୍ରାପ୍ତ ହୋଇଥାଏ । ଏମାନେ ଧରାପୃଷ୍ଠରେ ଯେତେ ପ୍ରକାର ଯୋଜନା କରି ରୋଜଗାରକ୍ଷମ ହେବାପାଇଁ ଉଦ୍ୟମ କଲେ ମଧ ରୌନ୍ଦା ଐଶ୍ୱର୍ଯ୍ୟ ପ୍ରାପ୍ତି ହେତୁ ସବୁ ଯୋଜନା ଓ ସମସ୍ତ ଉଦ୍ୟମ ପଣ୍ଡ ଓ ବୃଥା ହୋଇଯାଏ । ରୌନ୍ଦା ଐଶ୍ୱର୍ଯ୍ୟ ଏପରି ଗଭୀର ପ୍ରଭାବଶାଳୀ ଯେ ଏହା ଜୀବାତ୍ମାକୁ ପିଣ୍ଡଶରୀର ସହିତ ନଦୀସ୍ରୋତରେ ଗଡ଼ି ଯାଉଥିବା ଘୂର୍ଣ୍ଣନ ଶିଳା (ପଥର) ତୁଲ୍ୟ କାଳସ୍ରୋତରେ କ୍ରମଶଃ ନିମ୍ନକୁ ଗଡ଼ାଇ ଗଡ଼ାଇ ନେଇଯାଏ । ଜନ୍ମଜନ୍ମାନ୍ତର ପାଇଁ ଗୋଟିଏ ଜନ୍ମର ଅଦାନୀ ପଣିଆ / କୃପଣପଣିଆ ପାଇଁ ଜୀବବ୍ରହ୍ମ ପିଣ୍ଡସ୍ଥ ହୋଇ ଦାରିଦ୍ର୍ୟରେ ପଡ଼ି ଦୁଃଖଦୁର୍ଦ୍ଦଶା ଭୋଗ କରିଥାଏ । ଏହି ଦାରିଦ୍ର୍ୟ ଦୁଃଖ ଦୁର୍ଦ୍ଦଶାର ଦୁର୍ଭୋଗ ଅନୁଭୂତି ଜୀବବ୍ରହ୍ମ ଜନନୀ ଜଠର ଜରାୟୁରେ ବିନ୍ଦୁ, ଭ୍ରୁଣ ଓ ଶିଶୁ ଅବସ୍ଥାରେ ଅନୁଭବ କରିପାରିଥାଏ ।

(୪) ବିୟାଧୀ ଐଶ୍ୱର୍ଯ୍ୟ : ଏହି ଐଶ୍ୱର୍ଯ୍ୟ ରେଖାର ବର୍ଣ୍ଣ ଲାଲ । ଏହା ଜନନୀର ଜରାୟୁରେ 'ବର୍ଣ୍ଣ କୋଟୀମ୍' ପିଣ୍ଡପୁରୁଷ ମଣ୍ଡଳରେ ନୀଳବର୍ଣ୍ଣ ଧାରଣ କରି ଦେଖାଯାଏ । ଜନନୀ ସଂପୂର୍ଣ୍ଣ ସୁସ୍ଥ ଥାଇ ଗରିବ ଅବସ୍ଥା ଭୋଗ କରୁଥିଲେ ଏହା ପାଉଁଶିଆ (ଧୂସର) କୁହୁଡ଼ି ବର୍ଣ୍ଣରେ ଦୃଶ୍ୟମାନ ହୋଇଥାଏ । ପୂର୍ବଜନ୍ମ ଜନ୍ମାନ୍ତରରେ କୁଟିଳତା ଓ କପଟତା ଦ୍ୱାରା ପର ସମ୍ପତ୍ତି ହରଣ କରିଥିବା ଦୋଷରେ ଦୁଷ୍ଟ ଜୀବାତ୍ମା ପିଣ୍ଡପୁରୁଷ ମଣ୍ଡଳରେ ବିୟାଧୀ ଐଶ୍ୱର୍ଯ୍ୟର ବର୍ଣ୍ଣରେଖା ପ୍ରାପ୍ତ ହୋଇ ଧରାପୃଷ୍ଠରେ ଭୂମିଷ୍ଠ ହେବା ପରେ ଜନ୍ମରୁ ୩୫(ପଇଁତିରିଶ) ବର୍ଷ ବୟସ ଭୋଗ ପର୍ଯ୍ୟନ୍ତ ଏହି ଐଶ୍ୱର୍ଯ୍ୟ ଭୋଗ ଅନୁଭୂତ ହୁଏ । ଏହି ଐଶ୍ୱର୍ଯ୍ୟର ପ୍ରଭାବରୁ ଔରସଜାତ ସନ୍ତାନ ଦ୍ୱାରା ବୃତ୍ତି ହରଣ ହୋଇଯାଏ । ଏହାର ପ୍ରଭାବରୁ ପିତା ପୁତ୍ରକୁ ହୀନ ଐଶ୍ୱର୍ଯ୍ୟ ଭୋଗପ୍ରାପ୍ତ କରାଇ ନିଜେ ଦାରିଦ୍ର୍ୟର କଷାଘାତରେ କାଳାତିପାତ କରନ୍ତି । ପୁତ୍ର ପିତାଙ୍କର ହୀନ ଉପାୟରେ ଅର୍ଜିତ ଧନ ସମ୍ପଦ, ଜମିଜମା, କୋଠାବାଡ଼ି ମାଧ୍ୟମରେ କ୍ଷଣିକ ଭୋଗୈଶ୍ୱର୍ଯ୍ୟ ଉପଭୋଗ କରିବା ପରେ ପରବର୍ତ୍ତୀ ଅବସ୍ଥାରେ ଖଣ୍ଡ ପାଲଟିଯାଏ । ସମାଜରେ ଏପରି ପରିବାର ଦୃଷ୍ଟିଗୋଚର ହେବା ଆଦୌ ବିରଳ ନୁହେଁ । ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଧରାପୃଷ୍ଠରେ ଜ୍ଞାନୀ, ଗୁଣୀ, ମାନୀ ବୋଲାଉ ଥାଆନ୍ତି, ସେମାନେ ସମାଜ ଚକ୍ଷୁର ଅନ୍ତରାଳରେ ଅତ୍ୟନ୍ତ ଚତୁରତାର ସହିତ ନାନାଦି କୁଟକପଟ କରି ହୀନ ଉପାୟରେ ଅର୍ଥ ଉପାର୍ଜ୍ଜନ କରି ଧନ ସମ୍ପଦ ଆଦିର ଅଧିକାରୀ ହୋଇଥାଆନ୍ତି ଓ ସେହି ସମ୍ପତ୍ତି ନିଜର ଔରସଜାତ ସନ୍ତାନକୁ ହସ୍ତାନ୍ତର କରି ନିଜେ ଦୁଃଖ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରିବାକୁ ବାଧ୍ୟ ହୁଅନ୍ତି । ସେମାନେ ପୂର୍ବଜନ୍ମରେ କପଟତା ଆଚରଣ କରି ପରସ୍ୱ ଅପହରଣ କରିଥିବା ଦୋଷରେ ଦୁଷ୍ଟ ଅଟନ୍ତି । ତେଣୁ ଏ ଜନ୍ମରେ ମଧ ତାଙ୍କର ପୂର୍ବସଂସ୍କାର ହେତୁ ବିୟାଧୀ ଏଶ୍ୱର୍ଯ୍ୟର ବର୍ଣ୍ଣରେଖା ପ୍ରଭାବରୁ ତାହାହିଁ କରନ୍ତି ମାତ୍ର ଜୀବନର ଶେଷ ପର୍ଯ୍ୟାୟରେ ଯଥେଷ୍ଟ ଧନସମ୍ପଦ ଅର୍ଜନ କରିଥିଲେ ମଧ ତାହା ନିଜର ଔରସଜାତ ସନ୍ତାନକୁ ଦେବାକୁ ବାଧ୍ୟ ହୁଅନ୍ତି ଓ ନିଜେ ଦୁଃଖ ଦାରିଦ୍ର୍ୟର ଦୁର୍ଭୋଗ ଓ ଦୁର୍ଦ୍ଦଶାରେ ଜୀବନ ଅତିବାହିତ କରନ୍ତି । (କ୍ରମଶଃ)



# କଲ୍ୟାଣ ହେଉ ତୋତେ

ପରମ ପୁରୁଷଙ୍କ ଇଚ୍ଛା ହିଁ ତାଙ୍କର ''କଲ୍ୟାଣ'' । ତାଙ୍କରି କଲ୍ୟାଣରୁ ଏହି ସୃଷ୍ଟି ଓ ସୃଷ୍ଟିର ସମସ୍ତ ବିଭବ, ସମ୍ଭାରର ଉଦ୍‌ଭବ । କିନ୍ତୁ ଲୀଳାର ବିଚିତ୍ର ଗତିରେ ଜୀବ କାଳକବଳିତ ହୋଇଯାଇ ତାଙ୍କ କଲ୍ୟାଣ ଅନୁଭବ କରିବା ପାଇଁ ଅକ୍ଷମ ହୋଇଯାଏ । ତେଣୁ ପ୍ରତି ମୁହୂର୍ତ୍ତରେ ''କଲ୍ୟାଣ'' ପାଇଁ ବ୍ୟାକୁଳ ହୋଇଉଠେ । ଜୀବନର ପ୍ରତ୍ୟେକ ଭାବକୁ ଆଦର ସହିତ ଗ୍ରହଣ କରି ତା'ର ମନସ୍କାମନା ପୂର୍ଣ୍ଣ କରିବା କେବଳ ଭାବଗ୍ରାହୀଙ୍କ ବ୍ୟତୀତ ଆଉ କାହା ଦ୍ୱାରା ସମ୍ଭବ ? ଆଜି ଧରାପୃଷ୍ଠରେ ସେହି ଭାବ ବିନୋଦିଆ ନରତନୁ ଧାରଣ କରି ତାଙ୍କ ''କଲ୍ୟାଣ-ଧାରା'' ଅଜାଡ଼ି ଚାଲିଛନ୍ତି । ମାତ୍ର ସେହି ଅମୃତ କଣ ଅନୁଭବ କରୁଛନ୍ତି କେତେଜଣ ?

କାଳ କବଳିତ ନୀତିରେ ପଡ଼ିଲି
ଚକ୍ଷୁଥାଇ ଅନ୍ଧ ହେଲି ।
ପାପନାଶିନୀ ସେ କଲ୍ୟାଣ ଗଙ୍ଗା
ଅନୁଭବେ ନ ଆଣିଲି ।।

ତୁମେ ପରା ସେହି କଲ୍ୟାଣମୟ
ନିଜେ ଉଭା ହୋଇଅଛ ।
ଶ୍ରୀପଦ କୋଣରୁ କଲ୍ୟାଣ ଗଙ୍ଗା
ଧରାପରେ ବୁହାଇଛ ।।

କୃପାକର ନାଥ କଲ୍ୟାଣ କର
ବନ୍ଧନ ଯାଉ ଖୋଲି ।
କଲ୍ୟାଣ କୈବଲ୍ୟ ଦରଶନ କରେ
ଜ୍ଞାନ ନେତ୍ର ଦିଅ ମେଲି ।।

'ଚରମ'ରେ ଧନ ମୋର ନୟନର ମଣି ।
ତୋ ଲାଗି ମନ ମୋହର ସଦା ହୁଏ ଗୁଣି ।।
ଦେଉଛି ବଚନ ସତ୍ୟ ଦେବି ଦିବ୍ୟଜ୍ଞାନ ।
କିପାଇଁ ଭାବୁଛୁ ତୁହି ଅଟୁରେ ଅଜ୍ଞାନ ।।
ମନ କୋଣେ ସଦା ଚିନ୍ତୁ ନେବାକୁ କଲ୍ୟାଣ ।
ଏକମାତ୍ର ଅଜି ତୋର କାମନା ପୂରଣ ।।
ରେ ଅବୋଧ ବାଉଳା ମୋ ରଙ୍କର ପସରା ।
ସୃଷ୍ଟି ଆରମ୍ଭରୁ ଦେଖି କଲ୍ୟାଣର ଧାରା ।।
ବାୟୁ, ଅଗ୍ନି, ଜଳ ଆଦି ସର୍ବ ପଞ୍ଚଭୂତ ।
ନୁହେଁ କିରେ ତୋ ପିତାଙ୍କ କଲ୍ୟାଣ ସମ୍ଭୂତ ?
ଶବରୁ ଶିବ ହୋଇଛୁ ଯେଉଁ ସତ୍ତା ବଳେ ।
ଆତ୍ମାରୂପେ ଯେଉଁ ଶକ୍ତି ତୋ ପିଣ୍ଡରେ ଖେଳେ ।।
ଯାହାର ଇଙ୍ଗିତ ମାତ୍ରେ କର୍ମ ତୁ କରୁଛୁ ।
କାମନା, ବାସନା ସବୁ ସାଇତି ରଖିଛୁ ।।
ଅଙ୍ଗ, ଅବୟବ ତୋର ସକ୍ରିୟ ହୋଇଛି ।
ସେହି ଅଙ୍ଗ ଦିନେ ପୁଣି ନିଷ୍କ୍ରିୟ ହେଉଛି ।।
ଆଜି ଯେଉଁ ଜନ ତୋତେ ଶିବ କହୁଛନ୍ତି ।
ଶରୀର ଶିଥିଳ ହେଲେ ଶବ ମଣୁଛନ୍ତି ।।
କାହା ଯୋଗୁଁ ଏହି କ୍ରିୟା ହେଉଛି ପିଣ୍ଡରେ ।
ହୃଦେ ପାଦପଦ୍ମ ଚିନ୍ତି ଗୁଣ ତୁ ମନରେ ।।
ସବୁର ମୂଳରେ ସେହି କଲ୍ୟାଣର ଧାରା ।
ସୂକ୍ଷ୍ମରୂପେ ନିତ୍ୟ ଖେଳେ ମେଲାଇ ପସରା ।।

ତୁହି ତ ନ ଜାଣୁ ଧନ ! ତୋହର ଚାହିଦା ।
ପିତା ତୋର ତୋ ମଙ୍ଗଳେ ଭାବୁଛନ୍ତି ସଦା ।।
କିପରି ବଞ୍ଚିବୁ ଦେହ ଧରିବୁ କିପରି ।
କଲ୍ୟାଣ ବିଭବ ତୋତେ ରହିବେ ଆବୋରି ।।
ସେଥିପାଇଁ ଧରାଧାମେ ଆସିବା ଆଗରୁ ।
ସୃଜିଛନ୍ତି ପଞ୍ଚଭୂତ 'ମଣ୍ଡଳ' ର ମେରୁ ।।
ଆଜ୍ଞା ଦେଇ ମହାଶକ୍ତି ତହିଁ ରଖିଛନ୍ତି ।
ଯେତେବେଳେ ଯାହା ଲୋଡ଼ା ପୂର୍ଣ୍ଣ କରୁଛନ୍ତି ।।
ଯେଣୁ ତୁ ନ ଜାଣୁ ବାବୁ ! ସେ ଗୋପନ ସୂତ୍ର ।
ସୃଷ୍ଟି, ସ୍ଥିତି, ବିଲୟ କଲ୍ୟାଣର ଛତ୍ର ।।
ପ୍ରାଣେ ରହି ଦେହେ ଥାଇ ବୋଲୁ କାହିଁ କାହିଁ ।
ତେଣୁ ତୋ ଅବୁଝାମନ ଅଥୟ ହୁଅଇ ।।
ସେ ପଞ୍ଚଭୂତର ପ୍ରତି ବିଭାଗ ବିଚାର !
ଗୋଟି ଗୋଟି କରି ଧନ ! ହୋଇଅଛି ଛିର ।।
ସମସ୍ତ ରହସ୍ୟ ତୋତେ ବୁଝାଇ ମୁଁ ଦେବି ।
କିପରି କଲ୍ୟାଣ ଆସେ ସବୁ କହି ଦେବି ।।
ଆଜି ଯାଏ ଯେଉଁ ସୂତ୍ର ଦେଇଛି ବତାଇ ।
କେବେ ରେ ରକୁଣୀଧନ ଭୁଲିଯିବୁ ନାହିଁ ।।
ଯାହା ତୁ ଦେଖୁଛୁ ମଣି ଯାହା ତୁ କରୁଛୁ ।
ସବୁରି କରମ ପାଇଁ କଲ୍ୟାଣ ପାଉଛୁ ।।
'କଲ୍ୟାଣ'ରେ 'ସୁ' 'କୁ' ଭେଦାଭେଦ ନାହିଁ ।
ଆଗାମୀ ଦିନକୁ ବାବୁ ରହିଥିବୁ ଚାହିଁ ।।

ତୋର ଚିର ମଙ୍ଗଳକାଂକ୍ଷୀ ପିତା

# କେଶବ କୈବଲ୍ୟ କଣିକା

## ଠାକୁରଙ୍କର ଶ୍ରୀମୁଖ ନିଃସୃତ ବାଣୀଗୁଚ୍ଛ

★ ବିଭିନ୍ନ ସ୍ଥାନରେ ଯେତେ ସବୁ ଶାଖା ଖୋଲା ଯାଇଛି, ସେସବୁ କ'ଣ ବେକାର ହୋଇଯିବ ? ଜଣେ ଦୁଇଜଣ ତ ଶାଖାକୁ ଆସିବେ । ସେଥିରେ କ'ଣ ଶାଖା ଚାଲିବ ନାହିଁ ?

★ ଧର୍ମକଥାକୁ ଯେତେ ବଶି ମନ୍ତ୍ରାଗତ କରି ତହିଁରେ ମଜ୍ଜି ରହିବ, ନିଜେ ସେତେ ଅଧିକ ସଂଶୋଧିତ ହୋଇଯିବ । ମନ୍ତ୍ରାଗତ ନ କଲେ ସଂଶୋଧନ ହେବ ନାହିଁ ॥

★ ସନ୍ଦେହୀଚକ୍ଷୁ ନିଜ ଭିତରେ ବୁଡ଼ି ରହିଛି । କେହି କାହା ସହିତ କଥାବାର୍ତ୍ତା କଲେ, ମିଳାମିଶା କଲେ, ଈର୍ଷା କରୁଛି । ଲୋକେ କୌଣସି କଥାରେ ମଜ୍ଜିଯାଇ ବାସ୍ତବ ବିଷୟ ବୁଝନ୍ତି ନାହିଁ । କେବଳ ବ୍ୟତିବ୍ୟସ୍ତ ବିବ୍ରତ ହୁଅନ୍ତି । ବାହୁନି ହୁଅନ୍ତି ॥

★ ସଂଘୀୟ ଜୀବନଧାରାରେ ବଞ୍ଚିବା ବଢ଼ିବାରେ ବହୁ ଦାଉ ଓ ଧକ୍କା ରହିବ ହିଁ ରହିବ ॥

★ ଗୁରୁଅଙ୍ଗ ଧରାପୃଷ୍ଠକୁ ଆସି ସଂଘ ଗଠନ କରି ସଂଘୀୟ ଶୃଙ୍ଖଳା ଓ ସଂଗଠନ ମାଧ୍ୟମରେ ଧର୍ମପ୍ରଚାର କରି, ଧର୍ମ ପ୍ରତିଷ୍ଠା କରନ୍ତି । (ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।) ଉତ୍ତମ ଭକ୍ତ କେବଳ ଧର୍ମର ଅନ୍ୱେଷଣ କରନ୍ତି ॥

★ ପରସ୍ପରକୁ ଭଲ ପାଇବା ପାର୍ଥିବ ପ୍ରେମ ଅଟେ । ତାହା ଦୋଷାବହ ନୁହେଁ । ତହିଁରେ ଯେଉଁ ବ୍ୟକ୍ତି ବାଧା ସୃଷ୍ଟି କରେ, ସେ ଦୋଷାବହ କାର୍ଯ୍ୟକରେ । କାରଣ ପାର୍ଥିବ ପ୍ରେମ ଓ ଈଶ୍ୱର ପ୍ରେମ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ପାର୍ଥିବ ପ୍ରେମରୁ ହିଁ ଭଗବଦ୍ ପ୍ରେମର ସୂତ୍ରପାତ ହୋଇଥାଏ । (ବିଲ୍ୱମଙ୍ଗଳ ଏବଂ ତୁଳସୀଦାସଙ୍କ ପରି ମହାତ୍ମାମାନଙ୍କର ଜୀବନୀ ପଢ଼, ବୁଝିପାରିବ ॥)

★ କର୍ମ ଦ୍ୱାରା ଭାଗ୍ୟର ସମସ୍ତ ଫଳକୁ ଏଡ଼ାଇ ଦେଇହୁଏ ॥

★ ପୂର୍ଣ୍ଣରୁ ପୂର୍ଣ୍ଣ ଆସିଲେ ମଧ୍ୟ ମୂଳପୂର୍ଣ୍ଣ ସର୍ବଦା ପରିପୂର୍ଣ୍ଣ ହୋଇ ରହିଥାଆନ୍ତି ॥

★ ଶରୀର ମଧ୍ୟରେ ହେଉଥିବା ସମସ୍ତ ପ୍ରକାର କ୍ରିୟା କଳାପ ଜୀବ ପରିବର୍ତ୍ତନ କରି ପାରିବ । ବିଧିବଦ୍ଧ କ୍ରିୟା କ'ଣ ଜୀବ କରେ ନା କରୁଛି ? ସ୍ୱତନ୍ତ୍ର ପରିବର୍ତ୍ତନ ଜୀବ ତା'ର ଅଭ୍ୟାସ କର୍ମ ଦ୍ୱାରା ହିଁ କରୁଛି । ଅଭ୍ୟାସ କର୍ମଯୋଗ ଓ ଧର୍ମଧାରା ଦ୍ୱାରା କ'ଣ କରାଯାଇ ନ ପାରେ ॥

★ ଧର୍ମର ପଥ ଏପରି ଏକ ପଥ, ଯାହାଦେଇ ପଣ୍ଡିତକୁ ମୂର୍ଖଙ୍କ ଭିତରେ ଏବଂ ମୂର୍ଖକୁ ପଣ୍ଡିତଙ୍କ ଭିତରେ ପୂରାଇ ଦେଇ ହେବ ॥

★ ଯେଉଁ ବ୍ୟକ୍ତି ନିଜର ବାହୁବଳରେ ଧନ ଅର୍ଜନ କରି, ଆଜ୍ଞାବହ ପରି ଧନର ସୁରକ୍ଷା ପାଇଁ ଯତ୍ନ ନେଇଥାଏ, ସେପରି ବ୍ୟକ୍ତିକୁ ଧନୀଶ୍ରେଣୀରେ ସାବଧାନ କୁହାଯାଏ ॥

★ ନିଃସନ୍ତାନ ହେବା ଦୋଷାବହ; କିନ୍ତୁ ତା'ଠାରୁ ଅଧିକ ଦୋଷାବହ ଓ ବିପଦ ହେଉଛି ବହୁସନ୍ତାନ ଉତ୍ପାଦନ କରିବା । କାରଣ ନିଃସନ୍ତାନର ବଂଶ ଲୋପପାଏ, ମାତ୍ର ବହୁସନ୍ତାନର ଯଶ ଲୋପପାଏ ॥

★ ଅନୁପଯୁକ୍ତ ବ୍ୟବହାର ନ ହେଲେ, ଲକ୍ଷ୍ମୀ ଛାଡ଼ିଯିବା ସହଜ କଥା ନୁହେଁ । ସେ ଯିବା ପାଇଁ ବାହାରିଲେ, ବ୍ରହ୍ମାଣ୍ଡରେ କେହି ତାଙ୍କୁ ବାରଣ କରିବା କିମ୍ବା ଅଟକାଇ ରଖିବା ସମ୍ଭବ ନୁହେଁ ॥

★ ଲକ୍ଷ୍ମୀଙ୍କର ଅନ୍ୟନାମ ଚଞ୍ଚଳା । ସେ କୌଣସି ଏକ ସ୍ଥାନରେ ଏକାଦିକ୍ରମରେ ସ୍ଥାୟୀଭାବରେ ରହନ୍ତି ନାହିଁ । ଯେତେ ସ୍ନେହ ମମତାରେ ବାନ୍ଧି ହୋଇଥିଲେ ମଧ୍ୟ ଏପରି ପରିସ୍ଥିତି ଉପସ୍ଥିତ ହୁଏ ଯେ, ସେ ସ୍ଥାନ ଛାଡ଼ିଯିବାକୁ ଲକ୍ଷ୍ମୀ ବାଧ୍ୟ ହୁଅନ୍ତି ॥

★ ଯେଉଁ ବ୍ୟକ୍ତି ଯୋଦ୍ଧାହୋଇ ମଧ୍ୟ ଅନ୍ୟ ଯୋଦ୍ଧାକୁ ଭୟ କରେ, ଲକ୍ଷ୍ମୀ ତା'କୁ ପରିତ୍ୟାଗ କରନ୍ତି । ଯେଉଁଠି ଜୁଆଖେଳ, ସୁରାପାନର ଆସର ଥାଏ, ଲକ୍ଷ୍ମୀ ସେ ସ୍ଥାନ ତ୍ୟାଗ କରନ୍ତି । ଯେଉଁ ଘରେ ସର୍ବଦା ପରସ୍ପର ମଧ୍ୟରେ ବିବାଦ ଥାଏ, ଲକ୍ଷ୍ମୀ ସେ ସ୍ଥାନରେ ମୁହୂର୍ତ୍ତେ ରହି ପାରନ୍ତି ନାହିଁ ॥

★ ଗୀତାର ଅର୍ଥନ୍ୟାସ କରିବା ପାଇଁ ୨୧ ପ୍ରକାର ସୂତ୍ର ରହିଛି । ସେହି ସୂତ୍ରାବଳୀ ବା ନିର୍ଯ୍ୟାସ ମଧ୍ୟରୁ - ଯୁକ୍ତି ମୂଳକ, ଭକ୍ତି ମୂଳକ, ତର୍କ ମୂଳକ, ସଂକେତ ମୂଳକ, କର୍ମ ମୂଳକ, ଜ୍ଞାନ ମୂଳକ, ଯୋଗ ମୂଳକ, ଆଧ୍ୟାତ୍ମ ମୂଳକ ଓ ବ୍ୟବହାର ମୂଳକ ଇତ୍ୟାଦି ପ୍ରଧାନ ॥

★ ଯେଉଁଠି ଯେପରି ଭଲଗୁଣ ଅଛି, ସେଠାରେ ମଧ୍ୟ ସେହିପରି ନିଷ୍ଠୁର ଭାବ ରହିଛି । ଦେଖ, ଯୋଗୀମାନଙ୍କର ଗୋଟିଏ ପଟରେ ଯୋଗାଭ୍ୟାସ ପ୍ରତି ଅନୁରକ୍ତି ଯେପରି ଭଲଗୁଣ, ଅନ୍ୟପଟରେ ବିଷୟା ପ୍ରତି ବିରକ୍ତି ସେହିପରି ନିଷ୍ଠୁର ଭାବ ॥

★ ସମାଧିସ୍ତରରେ ସମସ୍ତ ବୈଷୟିକ କାମନାର ବିନାଶ ହୋଇଥାଏ ॥

★ ଜୀବ ସବୁବେଳେ ଅଭିଯୋଗ କରୁଛି ଯେ, ସେ ଦୁଃଖରେ ଅଛି, ବଞ୍ଚିଛି କିପରି ? ମନେରଖ : ଦୁଃଖର ଶେଷ ପର୍ଯ୍ୟାୟ ହିଁ ଚରମ ପ୍ରାପ୍ତି ॥

★ ପୂଜାପଦ୍ଧତି ପ୍ରଚଳନ କରିବାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ତୁମମାନଙ୍କ ମଧ୍ୟରେ ସାଧନପ୍ରଣାଳୀ ପ୍ରତି ଅନୁରାଗ ସୃଷ୍ଟି କରିବା । ଯେଉଁ ପୂଜାପଦ୍ଧତିରେ ସାଧନପ୍ରଣାଳୀ ପ୍ରତି ବିରକ୍ତି ସୃଷ୍ଟି ହୁଏ, ତାହା ଠିକ୍ ପଦ୍ଧତି ନୁହେଁ ॥

ମୁହୂର୍ତ୍ତ ସାଧନା କରୁଛୁ କିରେ ?
ଚଳୁଛୁକି ଯୋଗ ପଥରେ ଧିରେ ??
ଅଯଥାରେ କାଳ ବିତେଇ ଦେଉ ।
ହେଲୁ ଛେଳି ଦିବ୍ୟାତ୍ମା ହେଉ ହେଉ ॥

# ନୀଳଚକ୍ର
## ଚରମର ସଂକେତ

ପୂର୍ବ ସଂଖ୍ୟାନୁଶ୍ରୁତିରୁ........

### ଧାରା ଗ୍ରହଣ ପରେ ପୂର୍ଣ୍ଣିମା ଅର୍ଘ୍ୟତିଥି ଓ ଅର୍ଘ୍ୟଫଳ

(୬) ପିଣ୍ଡପୁରୁଷ ମଣ୍ଡଳର ଶ୍ରବାନିଧା ଗୃହରୁ ଧରାପୃଷ୍ଠରେ ଖସିଥିବା ଆତ୍ମାର ଅର୍ଘ୍ୟତିଥି ପୂର୍ଣ୍ଣିମା । ନନ୍ଦିସୂତ୍ରୀ ବେଳାରେ ବିନ୍ଦୁ ସ୍ଥାପନା ହୋଇଥିଲେ, ସେ ଗରିବ ହୁଏ । ଏପରି ବ୍ୟକ୍ତି ଉପରେ ଶ୍ରବାନିଧା ଗୃହ କୁପ୍ରଭାବ ପକାଇଥାଏ । ଏ ପ୍ରକାର କୁପ୍ରଭାବରୁ ବ୍ୟକ୍ତିକୁ ମୁକ୍ତ କରିବା ପାଇଁ ଗୋଟିଏ ହରିଡା ସହିତ ଏକରୁ ଏକୋଇଶ ପର୍ଯ୍ୟନ୍ତ ଗୁଆ ଦିଆଯାଇଥାଏ । ଏପରି ଆତ୍ମାର ସ୍ମରଣ ଶକ୍ତି ଲୋପ ପାଏ । ଏଥିରୁ ରକ୍ଷା କରିବା ପାଇଁ ତାକୁ ପ୍ରତ୍ୟେକ ପୂର୍ଣ୍ଣିମା ତିଥିରେ ଗୁରୁଦର୍ଶନ କରି କିଛି ସମୟ ପର୍ଯ୍ୟନ୍ତ ବୀଜମନ୍ତ୍ର ମାନସଜପ କରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ କୁହାଯାଇଥାଏ ।

(୭) ପିଣ୍ଡପୁରୁଷ ମଣ୍ଡଳର ମନ୍ଦାକିନୀ ଗୃହର ଆତ୍ମା ଧାରଣ କରିଥିବା ବ୍ୟକ୍ତିର ମସ୍ତିଷ୍କ ପୁରୁଷାନୁକ୍ରମିକ ହୋଇଥାଏ । ଏହାର ରୋଗ (ମାନସିକ/ମସ୍ତିଷ୍କ ବିକୃତି) ମୋକ୍ଷ ନିମନ୍ତେ ପାଗଳ ହୋଇ ଉଠିବା । ଏଥିରୁ ଉଦ୍ଧାର କରିବା ପାଇଁ ତାକୁ ୧୨ ଗୁଆ ସହିତ ୧୨ ହରିଡା ଅର୍ଘ୍ୟ ଫଳ ସ୍ୱରୂପ ଦିଆଯାଏ । ତମ୍ବା ପାତ୍ରରେ ପୁରୁଷ ମଣ୍ଡଳ ଅକ୍ଷର ଲେଖି ଦେହରେ ଧାରଣ କରିବା ପାଇଁ ଦିଆଯାଏ । ବ୍ୟକ୍ତି ଧୈର୍ଯ୍ୟର ସହିତ ଏହା ଧାରଣ କରିବା ଆବଶ୍ୟକ ଅଟେ । ବ୍ୟକ୍ତି ତୁରନ୍ତ ବା ତତ୍‌କ୍ଷଣାତ୍ ଫଳ ଆଶାକରେ, ମାତ୍ର ପୁରୁଷାନୁକ୍ରମିକ ଦୋଷ ଭୋଗ ଶୀଘ୍ର ଖଣ୍ଡନ ହୁଏ ନାହିଁ। ବ୍ୟକ୍ତି ଧୈର୍ଯ୍ୟହରା ହୁଏ ଓ ବିକାର ଗ୍ରସ୍ତ ହୋଇ ତାକୁ ଦିଆଯାଇଥିବା ଅର୍ଘ୍ୟଫଳ ବା ତମ୍ବାପାତ୍ର ଧାରଣ କରେ ନାହିଁ କିମ୍ବା ଅଭ୍ୟାସ କର୍ମଧାରା ମଧ୍ୟ କରେ ନାହିଁ । ତା ମନରେ ସନ୍ଦେହ ସୃଷ୍ଟିହୁଏ । ମାତ୍ର ବ୍ୟକ୍ତି ବାଧ୍ୟତା ମୂଳକଭାବରେ ଧର୍ମଧାରା ଓ କର୍ମଯୋଗ ଅଭ୍ୟାସ ସହିତ ତା'କୁ ଦିଆଯାଇଥିବା ଅର୍ଘ୍ୟଫଳ ନିୟମିତ ଧାରଣ କରି ସନ୍ଦେଶ ପଥ ଅନୁଯାୟୀ ଚଳିଲେ ଧିରେ ଧିରେ ତାହାର ସକଳ ଦୋଷ ଓ ସଂକଟ ଖଣ୍ଡନ ହୋଇଯାଇଥାଏ ।

(୮) ପିଣ୍ଡପୁରୁଷ ମଣ୍ଡଳର ଶ୍ରବୁଦକ ଗୃହରୁ ଆସିଥିବା ଆତ୍ମାର ଅର୍ଘ୍ୟତିଥି ପୂର୍ଣ୍ଣିମା ଓ ଅର୍ଘ୍ୟଫଳ ଗୋଟିଏ ନଡିଆ । ତା'କୁ ଅର୍ଘ୍ୟଫଳରେ ଧବଳସୂତା ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ପୃଥ୍ୱୀତତ୍ତ୍ୱ ହିସାବ ଅନୁଯାୟୀ ରଙ୍ଗର ପ୍ରଭାବ ବ୍ୟକ୍ତିର ଚିନ୍ତାରେ ଘୂର୍ଣ୍ଣାୟମାନ ହେଲେ, ବ୍ୟକ୍ତି ସଂକଟରୁ ମୁକ୍ତ ଓ ମୋକ୍ଷ ଲାଭ କରେ । ଫଳରେ ତାହାର ଭାବ ପବିତ୍ର ରହେ । ପୁରୁଷାନୁକ୍ରମିକ ଦୋଷ ମୁକ୍ତ ହୋଇବା କାରଣରୁ ତା'ର ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ ତଥା ସାମାଜିକ ଜୀବନରେ ଶାନ୍ତ ପରିବେଶ ସୃଷ୍ଟି ହୁଏ । ଏପରି ଆତ୍ମାଧାରୀ ବ୍ୟକ୍ତିଙ୍କୁ ପ୍ରତି ପୂର୍ଣ୍ଣିମାରେ ଅର୍ଘ୍ୟଫଳ ଧରି ଘ ୧/୪୫ମି: ପର୍ଯ୍ୟନ୍ତ ଚନ୍ଦ୍ର ଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ । ସାବର୍ଣ୍ଣିକ ପ୍ରାଣାୟାମ ଦ୍ୱାରା ନାମ ସ୍ମରଣ ତଥା ବୀଜମନ୍ତ୍ର ମାନସ ଜପ ଏହି ମଣ୍ଡଳୀୟ ଆତ୍ମଧାରୀ ବ୍ୟକ୍ତିଙ୍କୁ ବିତାଇ

ଦିଆଯାଇଥାଏ, ଏତଦ୍‌ଭିନ୍ନ ଏପରି ବ୍ୟକ୍ତିଙ୍କୁ ପ୍ରତି ପୂର୍ଣ୍ଣିମାଦିନ ଅର୍ଦ୍ଧେୟକ ଆସନରେ ରହି ବୀଜମନ୍ତ୍ର ସ୍ମରଣ କରିବାକୁ କୁହାଯାଇଥାଏ ।

(୯) ପିଣ୍ଡପୁରୁଷ ମଣ୍ଡଳର କୃତ୍ତିକା ଗୃହର ଆତ୍ମା ଧରାପୃଷ୍ଠରେ ବ୍ରହ୍ମଙ୍କର ନିର୍ଦ୍ଦେଶ ଅନୁସାରେ ଅବତରଣ କରେ । ବ୍ରହ୍ମଙ୍କ ନିର୍ଦ୍ଦେଶମତେ କୃତ୍ତିକାଗୃହ ବ୍ରହ୍ମାଣ୍ଡରେ ଧୂମ୍ର ବର୍ଣ୍ଣ ଧାରଣ କଲେ, ଧରାପୃଷ୍ଠରେ ଥିବା ପଶୁଯୋନିର ଆତ୍ମାଗୁଡ଼ିକ କ୍ରମବିକାଶ ଲାଭ କରି ଜୀବନଯାପନ କରି ପୁଣି କୃତ୍ତିକା ଗୃହକୁ ଫେରିଆସନ୍ତି । ଏହି ଗୃହରେ ପଶୁ ଓ ନର ଆତ୍ମା ଉଭୟ ଘୂର୍ଣ୍ଣୟମାନ ଅବସ୍ଥାରେ ରହିଥାଆନ୍ତି । ଏ ଗୃହର ଆତ୍ମା ମନୁଷ୍ୟ ଦେହ ଧାରଣ କରି ଧରାପୃଷ୍ଠରେ ଜନ୍ମ ନେଲେ ତା'ର ଅର୍ଘ୍ୟତିଥି ପୂର୍ଣ୍ଣିମା ହୁଏ । ତାହାର ଅର୍ଘ୍ୟଫଳ ଦୁଇଗୋଟି ବାହାଡ଼ା । ଏହା ସତ୍ତ୍ୱ ଓ ରଜ ମିଶ୍ରିତ । ଏପରି ଆତ୍ମାର ମନୁଷ୍ୟ ଦେହ ପ୍ରାରମ୍ଭିକ ହେତୁ, ଏମାନେ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ ନୁହଁନ୍ତି । ଚଞ୍ଚଳିଆ କାର୍ଯ୍ୟ ସଂପାଦନ କରିପାରନ୍ତି ନାହିଁ । ଏମାନେ ପୂର୍ବବର୍ତ୍ତୀ ଜନ୍ମରେ ଅଭିଶାପ ଗ୍ରସ୍ତ ହୋଇ ପଶୁଯୋନି ପ୍ରାପ୍ତ ହେବା ପରେ ପୁନଶ୍ଚ ମନୁଷ୍ୟ ଦେହଧାରଣ କରିଥାଆନ୍ତି । ଏମାନଙ୍କର ପୂର୍ବ ସଂସ୍କାର ତେଜୋଦୀପ୍ତ ନୁହେଁ । ଏମାନଙ୍କର ରୁଚି, ଅଭ୍ୟାସ, କର୍ମଧାରା, ବିଚାର ଶକ୍ତି ଇତ୍ୟାଦି ସାଧାରଣ ମଣିଷଙ୍କ ପରି ନ ହୋଇ କିଞ୍ଚିଦ୍ ଭିନ୍ନ ଓ ବିସ୍ମୟକର ହୋଇଥାଏ । ଏମାନେ ସ୍ୱଭାବତଃ ଆଳସ୍ୟପରାୟଣ ଓ ମନ୍ଥର । ଅଭିଶପ୍ତ ଅବସ୍ଥାରୁ ପଶୁଜୀବନ ଓ ପୁଣି ପଶୁ ଜନ୍ମରୁ ପ୍ରାରମ୍ଭିକ ମାନବ ଦେହ ଏମାନେ ଧାରଣ କରିଥିବା ହେତୁ ଏପରି ବ୍ୟକ୍ତି ଧାରା ଗ୍ରହଣ କରି ଭକ୍ତି ବିଶ୍ୱାସ ଓ ନିଷ୍ଠାର ସହିତ ସନ୍ଦେଶପଥ ଅନୁସରଣରେ ନିତ୍ୟ ଅଭ୍ୟାସ କର୍ମଧାରା କରୁଥିଲେ ମଧ୍ୟ ପୂର୍ବ ସଂସ୍କାର ଜନିତ ଦୋଷ ହେତୁ ଧର୍ମପଥରେ ଆଶାନୁରୂପ ଅଗ୍ରଗତି କରିପାରେ ନାହିଁ । କିନ୍ତୁ ଏ ଜନ୍ମର ଅଭ୍ୟାସ କର୍ମଧାରା ଓ ସଦାଚାର ପାଳନ କାରଣରୁ ନୂତନ ସଂସ୍କାର ତୋଳେ । ଏହି ନୂତନ ସଂସ୍କାର ତା'କୁ ପରବର୍ତ୍ତୀ ଜନ୍ମରେ ଯୋଗ ସାଧକ କରି ଜନ୍ମ ଦିଏ । ଏପରି ଜଡ଼ଆତ୍ମା ଯଦି ଧର୍ମଧାରା ଗ୍ରହଣ କରି ନ ପାରେ ବା ଗ୍ରହଣ କରି ମଧ୍ୟ ଯଦି ନିତ୍ୟ ଅଭ୍ୟାସ କର୍ମଧାରା ବିଧିବିଦ୍ଧ ଭାବରେ ନ କରେ କିମ୍ବା ଅର୍ଘ୍ୟଫଳ ଧାରଣ ମଧ୍ୟ କରେ ନାହିଁ, ତେବେ ତା'ର ଅଧଃପତନ ହୋଇଥାଏ । ହୁଏତ ଦୁଷ୍କର୍ମ ଜନିତ କର୍ମ ବିପାକରୁ ପୁନର୍ବାର ତା'କୁ ମନୁଷ୍ୟରୁ ପଶୁ ଜନ୍ମ ଲାଭ କରିବାକୁ ପଡ଼ିଥାଏ ବା ଅତ୍ୟଧିକ ପାପାସକ୍ତ ହୋଇଥିଲେ ପିଶାଚ ହୋଇ ଜନ୍ମ ହୁଏ କିମ୍ବା କୀଟପତଙ୍ଗ, ସରୀସୃପ, ପକ୍ଷୀ ହୋଇ ପରବର୍ତ୍ତୀ ଜନ୍ମରେ ଦେହ ଧାରଣ କରେ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ, ଯେକୌଣସି ଅବସ୍ଥାରେ ଯେ କୌଣସି ପ୍ରକାରର ଆତ୍ମା ଗୁରୁଗ୍ରହଣ କରି ଧାରାଧରି ସନ୍ଦେଶ ପଥ ଅନୁସରଣ କରି ଓ ଶ୍ରୀଗୁରୁ ନିର୍ଦ୍ଦେଶିତ ପଥରେ ପରିଚାଳିତ ହୋଇ ଧର୍ମଧାରା ଓ କର୍ମଯୋଗ ପ୍ରତିଦିନ ବିଧିବଦ୍ଧ ଭାବରେ ସଦାଚାର ରକ୍ଷା କରି ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ । ଅର୍ଘ୍ୟଫଳ ଧାରଣ, ଅର୍ଘ୍ୟଫଳ ଧୌତ ଜଳପାନ ଓ ଅର୍ଘ୍ୟ ନିବେଦନର ତାତ୍ପର୍ଯ୍ୟ ଅବଶ୍ୟ ସ୍ୱୀକାର୍ଯ୍ୟ । ଅବହେଳା ବା ଅବିଶ୍ୱାସ ଅଥବା ଆଳସ୍ୟ ହେତୁ ଅଭ୍ୟାସ କର୍ମ ଧାରା ନକଲେ ଜୀବର ଜୀନ୍‌ରେ ସଂସ୍କାର ଆସେ ନାହିଁ । ଦୁର୍ଲଭ ମାନବ ଜୀବନ ବ୍ୟର୍ଥ ଓ ନିଷ୍ଫଳ ହୋଇଯାଏ । ଏସବୁ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ଏକାନ୍ତ ପ୍ରୟୋଜନ । ଏତଦ୍‌ଭିନ୍ନ ଭବବନ୍ଧନରୁ ମୁକ୍ତି ପାଇବାର ଅନ୍ୟ ସହଜ ପନ୍ଥା ନାହିଁ ।

(କ୍ରମଶଃ)

ଶାର୍ଦ୍ଦୁଳ ପିଠିରେ ଛେଳି ଚଢ଼ିଲାଣି
ବେଙ୍ଗ ଗିଳିଦିଏ ସାପ ।
ମାଆ ତୁ ପାଇଲୁ କହିଲୁ ଧନରେ
କାହିଁଗଲା ତୋର ବାପ ??

## 'ଚରମ'ର ପୂର୍ବସଂଖ୍ୟାରେ ପତ୍ରସ୍ଥ ଅଚ୍ୟୁତଙ୍କ କବିତା : 'ବିପରୀତ ରହସ୍ୟଭାବ'ର ସରଳ ବ୍ୟାଖ୍ୟା:

ମହାପୁରୁଷ ଅଚ୍ୟୁତଙ୍କର ଅନ୍ୟାନ୍ୟ କ୍ଷୁଦ୍ର କବିତା ଭଳି 'ଚରମ'ର ପୂର୍ବ ସଂଖ୍ୟାରେ ପତ୍ରସ୍ଥ 'ବିପରୀତ ରହସ୍ୟଭାବ' କବିତାଟିରେ ମଧ୍ୟ ପିଣ୍ଡତତ୍ତ୍ୱର ଶରୀରଭେଦ (ବ୍ରହ୍ମ) ବିଦ୍ୟା ସାଂକେତିକ ଭାଷାରେ ଅତୀବ ସୁନ୍ଦର ଭାବରେ ପ୍ରକାଶିତ ହୋଇଅଛି । ସ୍ୱୟଂ ମହାପୁରୁଷ ଅଚ୍ୟୁତ ଏହି କବିତାର ଚତୁର୍ଥ(ଶେଷ) ପଦର ଦ୍ୱିତୀୟ ପଂକ୍ତିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ନିର୍ଦ୍ଦେଶ ଦେଇ ଅଛନ୍ତି - 'କଥା ଚାରିପଦ ପଦରଭାବ' ଏବଂ ପରବର୍ତ୍ତୀ ପାଦରେ କହନ୍ତି - 'ଭାବି ଭାବି ଏଥୁଁ ଅର୍ଥ କରିବ' । ଶରୀରକୁ ଭେଦ କଲେ ଯାଇ ମହାପୁରୁଷ ଅଚ୍ୟୁତଙ୍କର ଆଧ୍ୟାତ୍ମିକ ତତ୍ତ୍ୱ ତଥା ଯୋଗମାର୍ଗର ତଥ୍ୟ ସମ୍ୱଳିତ କବିତାର ନିର୍ଭୁଲ ଅର୍ଥ ଅବବୋଧ କରିବା ସମ୍ଭବ; ଏହା ନ କଲେ ତାଙ୍କ କବିତାର ପ୍ରକୃତ ଓ ପ୍ରକୃଷ୍ଟ ଅର୍ଥ ବୁଝିବା ସମ୍ଭବପର ହୋଇପାରେ ନାହିଁ ।।

ବିପରୀତ ରହସ୍ୟ ଭାବପୂର୍ଣ୍ଣ ଏହି କବିତାର ଛତ୍ରେ ଛତ୍ରେ ଆପାତତଃ ପ୍ରତୀୟମାନ ବିପରୀତ ଭାବ ସମୂହ ସନ୍ନିବିଷ୍ଟ ହୋଇଥିଲେ ମଧ୍ୟ କବିତାର ପ୍ରଚ୍ଛନ୍ନରେ ଥିବା ଅର୍ଥକୁ ଲକ୍ଷ୍ୟ କଲେ ଏହା ଆଦୌ କୌଣସି ପ୍ରକାର ବିପରୀତଭାବ ମନରେ ଉଦ୍ରେକ କରେ ନାହିଁ, ବରଂ ଯୋଗମାର୍ଗରେ ପରସ୍ପର ସାମଞ୍ଜସ୍ୟ ଥିବା ତଥ୍ୟ ଓ ତତ୍ତ୍ୱ ସକଳକୁ ଯୋଗୀ ଓ ସାଧୁମାନଙ୍କର ଆତ୍ମୋନ୍ନୟନ ନିମନ୍ତେ ଉପଯୁକ୍ତ ପାଥେୟ ଯୋଗାଇ ଦିଏ । ଏଥର ଆସନ୍ତୁ କବିତାର ଅର୍ଥ ବୁଝିବା -

**'ତାଳଗଛେ ଫଳଇ ଆମ୍ବ'** । ତାଳଗଛ ବୋଇଲେ ଅତିଉଚ୍ଚ, ଲମ୍ବମାନ, ସୁବିସ୍ତୃତ ମାୟା । ଏହି ମାୟା ଜଗତକୁ ଆବୋରି ଧରି କାୟାରେ କାୟାରେ ପ୍ରକାଶମାନ । ଜୀବ ଶରୀରହିଁ ମାୟା ଶରୀର । ସେହି ମାୟା ଶରୀରରେ ଆମ୍ବ ଅର୍ଥ ଆତ୍ମା ଫଳ ସ୍ୱରୂପ ଫଳିଛି । ଏହି ଜୀବ ସ୍ଥୁଳ ଜଗତରେ କାୟା ଧାରଣ କରି କର୍ମ କରେ ଓ କର୍ମଫଳ ଭୋଗ କରେ । ଏହାହିଁ ତଥ୍ୟ । ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ବିକୃତମାୟାକୁ ତାଳଗଛ ଓ ଶୁଦ୍ଧଚୈତନ୍ୟକୁ ଆମ୍ବ ବୋଲି ମହାପୁରୁଷ ନିର୍ଦ୍ଦେଶ କରନ୍ତି ।

**'ଶହେ ବରଷକେ କୋଇଲି ହେବ'** । ତାତ୍ତ୍ୱିକ ଅର୍ଥରେ ଶହେ ବରଷ ଅର୍ଥାତ୍ ସ୍ୱତଳ ଚିଭ ଦ୍ୱାର । ଏହାର ସଂଖ୍ୟା ଏକଶତ ଅଟେ । ଏହା ଶୁଣଚିତ୍ତ ଜ୍ଞାନବିଜ୍ଞାନ ସମ୍ବନ୍ଧୀୟ । ଜୀବର ମୋକ୍ଷ ସହିତ ଏହାର ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଯୋଗୀ ଯୋଗମାର୍ଗରେ ଗତି କରି ଯଥା ସମୟରେ ବ୍ରହ୍ମନୟନ ପ୍ରାପ୍ତ ହୁଏ । ଏହାହିଁ ଯୋଗୀର ପରିପକ୍ୱ ଅବସ୍ଥା । ଏହାକୁ କୋଇଲି ବୋଲି ମହାପୁରୁଷ କହିଅଛନ୍ତି । ଶରୀର ତଥ୍ୟ ଅନୁସାରେ ଶହେବରଷ ବୋଇଲେ ଏକ (୧+୦+୦=୧) ଅର୍ଥାତ୍ ଏକବ୍ରହ୍ମ ହିଁ ସର୍ବ ଜୀବରେ ଖେଳୁଅଛନ୍ତି । କୋଇଲି ଅର୍ଥ ଜୀବର ବ୍ରହ୍ମାନୁଭୂତି । ଜୀବ ଯୋଗମାର୍ଗ ଅବଲମ୍ବନ କରି ଅଷ୍ଟାଙ୍ଗ ଯୋଗ ସୋପାନରେ ଚଢ଼ି ଅନୁଭବରେ ବ୍ରହ୍ମ ସାକ୍ଷାତକାର କରିଥାଆନ୍ତି ।

**'ତିନିଶ ବରଷେ ଆମ୍ବ ପାଚିବ ।'** ତତ୍ତ୍ୱଦୃଷ୍ଟିରୁ ତିନିଶ ବୋଇଲେ ଶ,ଷ,ସ । ଯୋଗୀ ଯୋଗାରୂଢ଼ ଅବସ୍ଥାରେ ପର୍ଯ୍ୟାୟକ୍ରମରେ ଗତିଶୀଳ ଅବସ୍ଥାରେ ବ୍ରହ୍ମଙ୍କର ଜ୍ୟୋତିର୍ମୟ ଅବସ୍ଥା ଦର୍ଶନ କରନ୍ତି । ଏହି ପର୍ଯ୍ୟାୟ ଅତୀବ ଗହନ ଓ ଗୁଢ଼ । ସଂକ୍ଷେପରେ ସୀମିତ ପରିସରରେ ତାହା ପ୍ରକାଶ କରିବା ସମ୍ଭବ ହୋଇପାରେ ନାହିଁ । ଶରୀର ଭେଦ ତଥ୍ୟ ଦୃଷ୍ଟିକୋଣରୁ ତିନିଶ ବୋଇଲେ (୩+୦+୦=୩) ତିନି । ଏହା ତ୍ରିଗୁଣକୁ (ସତ୍ତ୍ୱ, ରଜ, ତମ) ପ୍ରକାଶ କରେ । ଜୀବ ଯୋଗମାର୍ଗରେ ଦୃଢ଼ତା ଓ ସ୍ଥିରତାର ସହିତ ଅଗ୍ରଗତି କରି ଆତ୍ମା ରୂପକ ଶରକୁ ବ୍ରହ୍ମରେ ଭେଦ କରାଇବା ପରେ ତା'ର ଯୋଗ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୁଏ ଓ ତତ୍‌ପରେ ସେ ବ୍ରହ୍ମଙ୍କର ଜ୍ୟୋତିର୍ମୟ ରୂପ ଦର୍ଶନ କରନ୍ତି । ସେହି ପର୍ଯ୍ୟାୟରେ ଯୋଗୀ ତ୍ରିଗୁଣାତୀତ ଅବସ୍ଥାରେ ଉପନୀତ ହୋଇ ବ୍ରହ୍ମସ୍ୱରୂପ ହୋଇଯାଆନ୍ତି ।

**'ସେ ଆମ୍ବ ପାଚିଲେ କିଏ ଖାଇବ'** । ଶରୀର ଭେଦ ଦୃଷ୍ଟିରୁ ତଥ୍ୟ ହେଉଛି - ଜୀବ ଯାଇ ପରମଙ୍କ ସାନ୍ନିଧ୍ୟ ଲାଭ କରି ମୋକ୍ଷ ପ୍ରାପ୍ତ ହେବ । ଅର୍ଥାତ୍ ଯୋଗୀ ଯୋଗପଥରେ ପ୍ରଥମେ ନିଜର କଲ୍ୟାଣ ସାଧନର ଉପାୟ ଅବଗତ ହୋଇ ତାହା ବାସ୍ତବ ବିଶ୍ୱକଲ୍ୟାଣରେ ନିୟୋଜିତ କରେ । ତାତ୍ତ୍ୱିକ ଦୃଷ୍ଟିରୁ ଯୋଗୀ ଅଷ୍ଟାଙ୍ଗ ଯୋଗ ସାଧନ ପଥରେ କୁଣ୍ଡଳିନୀକୁ ଗୋଟିଏ ପରେ ଗୋଟିଏ ଚକ୍ର (ଷଡ଼୍‌ଚକ୍ର) ଭେଦ କରାଇ ସୂକ୍ଷ୍ମ ଗତିରେ ମତି ସ୍ଥିର ରଖି

ମାନସପଟରେ ଜ୍ୟୋତିଃ ଦର୍ଶନ କରନ୍ତି । ପ୍ରଥମେ ଚୈତନ୍ୟ ତାହା ଗ୍ରହଣ କରେ । ଦୃଢ଼ତାର ସହିତ ବ୍ରହ୍ମଜ୍ଞାନ ପଥରେ ଗଢି ତୋଳେ । ଶ୍ରୁତ ଚୈତନ୍ୟ ମୂଳ ଚୈତନ୍ୟ ସହିତ ମିଳିତ ହୁଏ । ଆମ୍ଭ ବୋଇଲେ ଆତ୍ମା ଯୋଗ ସିଦ୍ଧ ଯୋଗୀ ଶରୀରରେ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୋଇ ଜୀବାତ୍ମାର ମୂଳ ଚୈତନ୍ୟରେ ଥିବା ମୋକ୍ଷ ବା ପ୍ରତ୍ୟକ୍ଷ ଅନୁଭବ ଲାଭ କରିଥାଏ । ଏହା ବୁଝି ଯେ ଯୋଗ ମାର୍ଗରେ ଗତି କରେ ସେ ଏହି ସୁଫଳ ଲାଭ କରେ ଓ ଯିଏ ଏହା ପାରେ ନାହିଁ, ତା'ର ଭେଳା ବୁଡ଼େ ଅର୍ଥାତ୍ ମରଣ ଚକ୍ରରେ ପଡ଼ି ସେ ଘାଣ୍ଟି ହୁଏ ॥

**''ଲାଞ୍ଜବାଟେ ଚରଇ ଗାବ ।'** - ଏଠାରେ ଶରୀର ଭେଦରେ ମନୁଷ୍ୟକୁ 'ଓଲଟବୃକ୍ଷ' ମତରେ ଗାବ (ଗାଈ) (ଦଇବ ଦଉଡ଼ି, ମଣିଷ ଗାଈ) ବୋଲି ସଂକେତ ଦିଆଯାଇଛି । ବିପରୀତ ଧର୍ମରେ ମଣିଷ ମୁଖ ଦେଇ ହରିନାମ କୀର୍ତ୍ତନ, ହରିଗୁଣ ଗାନ, ହରି ଲୀଳା କଥନ ନ କରି ମଳ ପ୍ରସାବ ଅର୍ଥାତ୍ ପରନିନ୍ଦା, ପରକୁତ୍ସା, କଳହ, ଆତ୍ମବଡ଼ିମାଦି କରୁଅଛି । ତେଣୁ ଅଚ୍ୟୁତାନନ୍ଦ ଲେଖିଛନ୍ତି - **'ମୁଖବାଟେ କରେ ମଳ ପ୍ରସାବ'** । ଫଳତଃ ଜୀବ (ମଣିଷ) ଜୀବନଧାରଣ ପାଇଁ ଅନ୍ନମୟ କୋଷରେ ଗଠିତ ସ୍ଥୁଳ ଶରୀର ରକ୍ଷା ପାଇଁ ଅତ୍ୟଧିକ ଆସକ୍ତ ହୋଇ ଲାଞ୍ଜବାଟେ ଅର୍ଥାତ୍ ଓଲଟ ବୃକ୍ଷ ମତରେ କେବଳ ଖାଦ୍ୟ ସର୍ବସ୍ୱ ହୋଇ ସର୍ବଗିଳା ସାଜି ଯାହା ପାଉଛି ଖାଇ ଯାଉଛି । ଏହାଦ୍ୱାରା ଶରୀର ତ କ୍ଷୟପ୍ରାପ୍ତ ହେଉଛି, ହରିନାମ ମନନ ମଧ ହେଉ ନାହିଁ । ତତ୍ତ୍ୱ ମତାନୁସାରେ ଯୋଗମାର୍ଗରେ ଗତି କରୁଁ କରୁଁ ଯୋଗୀର କୁଣ୍ଡଳିନୀ ମେରୁଦଣ୍ଡର ଆରମ୍ଭ ମୂଳାଧାରଠାରୁ କ୍ରମଶଃ ଊର୍ଦ୍ଧ୍ୱଗତି କରି ବିଶୁଦ୍ଧ ଚକ୍ର ପର୍ଯ୍ୟନ୍ତ ଆରୋହଣ କରୁଛି । ଏଠାରେ ଲାଞ୍ଜ ହେଉଛି ବଳୁକୁଣ୍ଡଳିନୀ । ଯୋଗୀ ଦିବ୍ୟଜ୍ଞାନ ପ୍ରାପ୍ତ ହେବା ଅବସ୍ଥାରେ ପହଞ୍ଚିଲେ ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ ଜ୍ଞାନକୋଠରୀ ବାଟ ଦେଇ ଯାଏ । ବୈଖରୀ ନେତ୍ର ବନ୍ଧନ କରାଇ ମାନସରେ ରହି ଭାବ ତୋଳେ । ଏହା ମୁଖ ଦେଇ ପ୍ରକାଶ ପାଏ । ଏହି ସମୟକୁ ମାୟା ଚୈତନ୍ୟ ନିକଟରେ ରହି ପୂର୍ଣ୍ଣଭାବେ ଆଚ୍ଛାଦିତ ହୁଏ ॥

**'ଝିଅକୁ ଅଟଇ ଦୁଇ ବରଷ । ଛଡ଼ ମାସରେ ସେ ଗର୍ଭବାସ ।'** ଝିଅ ବୋଇଲେ ଜୀବ ଓ ଜୀବର ମାୟାବନ୍ଧନ । ଦୁଇବରଷ ବୋଇଲେ ଜୀବ ଓ ପରମ ଏହି ଦୁଇ ଶକ୍ତି ସ୍ୱରୂପ ଆତ୍ମା । ଜୀବ ବ୍ରହ୍ମ ସହସ୍ରାରେ ପରମ ବ୍ରହ୍ମଙ୍କ ସହିତ ମିଳିତ ହୋଇ ପ୍ରେମ ଓ ଆନନ୍ଦ ଅବସ୍ଥାରେ ମଜ୍ଜିଯାଇ ପାରିଲେ ଜୀବର ଦେହଜ୍ଞାନ ହଜିଯିବା ଅବସ୍ଥା ଉପୁଜିଥାଏ । ଏହା ଅନୁଭବ ସୂତ୍ରୀ, ଏହା ଶବ୍ଦ ଦ୍ୱାରା ଭାଷାରେ ବୁଝାଇବା କଠିନ । ଏହା କେବଳ ଭାବ ଓ ଅନୁଭବ ସାପେକ୍ଷ । 'ବାଘ ନ ଦେଖିଲେ, ବିରାଡ଼ି ଦେଖ' ନୀତିରେ ଏଠାରେ ମହାପୁରୁଷ କେତେକ ସାଦୃଶ୍ୟର ସଂକେତ ମାତ୍ର ଦେଇଅଛନ୍ତି । ଯୋଗୀ ଛଡ଼ମାସ ଅର୍ଥାତ୍ ଛଡ଼ଚକ୍ର (ଷଡ଼ଚକ୍ର) ଭେଦ କଲେ ଗର୍ଭବାସ ଅର୍ଥାତ୍ ଜ୍ଞାନ ଗର୍ଭ ଅବସ୍ଥା ପ୍ରାପ୍ତ ହୁଅନ୍ତି । ତତ୍ତ୍ୱମତରେ ଜୀବର ବାଲ୍ୟାବସ୍ଥାରୁ ପ୍ରୌଢ଼ାବସ୍ଥା ପର୍ଯ୍ୟନ୍ତ ପ୍ରତି ଦୁଇବର୍ଷରେ ଭାବର ସୂକ୍ଷ୍ମ ଓ ସ୍ଥୁଳଜ୍ଞାନ ମାୟା ସୃଷ୍ଟି କରି ଛପିଯାଏ । ତୁମ୍ଭ ମାୟା ପ୍ରତି ଛଅ ମାସରେ ନୂତନ ଜ୍ଞାନ ଜୀବକୁ ପ୍ରଦାନ କରେ । ତାହା ବ୍ରହ୍ମର ଚତୁଃପାର୍ଶ୍ୱରେ ଭ୍ରମଣ କରୁଥାଏ । ଏହି ପ୍ରକ୍ରିୟା ଜନନୀର ଜଠରରେ ଥିବା ଅବସ୍ଥାରୁ ଆରମ୍ଭ ହୋଇ ପିଣ୍ଡ ଭୂମିଷ୍ଠ ପର୍ଯ୍ୟନ୍ତ ଚାଲିଥାଏ । ଏହା ଦ୍ୱାରା ମାତୃଘଟ ନିର୍ଣ୍ଣୟ ଜ୍ଞାନ ପ୍ରାପ୍ତ ହୁଏ ।

**'ନାହିଁ ତା'ର ଇନ୍ଦ୍ରି, ନାହିଁ ତା'ର ଯୋନି । କହ କେଉଁବାଟେ କଲା ପ୍ରସବ'** ॥ ବ୍ରହ୍ମର ଇନ୍ଦ୍ରି (ଲିଙ୍ଗ) ବା ଯୋନି ନାହିଁ, କାରଣ ବ୍ରହ୍ମ ହିଁ ଶୂନ୍ୟ, ବ୍ୟୋମ ଓ ନିରାକାର । ଜୀବ ଶରୀରରେ ବ୍ରହ୍ମ ଅବସ୍ଥାନ କଲେ ମଧ ଜୀବର ସୁଖଦୁଃଖର ସେ ଭାଗିଦାର ନୁହଁନ୍ତି । ଅବଶ୍ୟ ଜୀବବ୍ରହ୍ମ ଦୁଃଖସୁଖ ଅନୁଭବ କରେ, ମାତ୍ର ପରଂବ୍ରହ୍ମ ତାହା ମଧ ଅନୁଭବ କରନ୍ତି ନାହିଁ । ସେ କେବଳ ସାକ୍ଷୀ ସ୍ୱରୂପରେ ବିରାଜମାନ । ଯୋଗୀ ଜ୍ଞାନଗର୍ଭ ଅବସ୍ଥାପ୍ରାପ୍ତ ହେବା ପରେ ଇଚ୍ଛା ଶକ୍ତି ବଳରେ ସେହି ଜ୍ଞାନ ଶକ୍ତି ପ୍ରୟୋଗ କରି ଜଗତକଲ୍ୟାଣ ଓ ମଙ୍ଗଳ ସାଧନ କରନ୍ତି । ତତ୍ତ୍ୱମତରେ ଜ୍ଞାନ ଚେତାବାଟକୁ ଆଜ୍ଞା ହେବା ସମୟରେ ତା'ର ସ୍ଥୁଳ ରୂପ ରେଖ ନ ଥାଏ । ତାହା ପବନ ପରି ସୂକ୍ଷ୍ମ ବେଗରେ ଗତି କରି ଚେତାପୁରୁଷ ଠାରେ ଆଶ୍ରୟ ନିଏ । ଏଥିପାଇଁ ତା'ର ସ୍ଥୁଳ ଇନ୍ଦ୍ରି ବା ଯୋନିର ସାହାଯ୍ୟ ସହଯୋଗ ଲୋଡ଼ା ହୁଏ ନାହିଁ । କୁଣ୍ଡଳିନୀ ଅଂଶୀୟ ଅଙ୍ଗ ତୁମ୍ଭି କୁଣ୍ଡଳିନୀ ଗୁହ୍ୟଦ୍ୱାର (ମୂଳାଧାର ଚକ୍ର)ରୁ ଆରମ୍ଭ କରି ମସ୍ତିଷ୍କ (ସହସ୍ରାର)ର ଭୃକ୍ଷିକ ସଂଜ୍ଞାବାହୀ ସ୍ନାୟୁରେ ପବନ ରୂପରେ ମିଳିତ ହୋଇଅଛି । ସାରୁପତ୍ର ବା ପଦ୍ମପତ୍ରରେ ପାଣି ଥିଲେ ମଧ ପତ୍ରରେ ଯେପରି ପାଣି ଲାଗି ରହେ ନାହିଁ, ଢଳଢଳ ହେଉଥାଏ ସେହିପରି ତୁମ୍ଭିକୁଣ୍ଡଳିନୀ

ଭୃକ୍ଷିକ ସ୍ନାୟୁରେ ମିଳିତ ହେଲେ ମଧ୍ୟ ଲାଗି ହୋଇ ରହେ ନାହିଁ । ଏହି ପଥରେ ପରଂବ୍ରହ୍ମଙ୍କ ଠାରୁ ଜ୍ଞାନ କ୍ଷରିତ ହୋଇ ବୈଖାରୀର ବୃଣୀକାଦ୍ୱାରରେ ମୁଖ ଦେଇ ପ୍ରସବ ହୁଏ ଅର୍ଥାତ୍ ଯୋଗୀ ଏହି ପ୍ରକ୍ରିୟାରେ ଜଗତକଲ୍ୟାଣ ଉଦ୍ଦେଶ୍ୟରେ ସାଧାରଣ ଜୀବମାନଙ୍କୁ ଆଜ୍ଞା/ଆଦେଶ/ନୀତି/ବିଧି ଇତ୍ୟାଦି ଦିଅନ୍ତି ।

**''ବିନା ଜଳେ ଚଳଇ ନାବ, ଷୋଳ ଜଣ ହେଲେ ବୋଝାଇ ହେବ' ।** ଏହାର ଭାବାର୍ଥ - ଶରୀର ଭେଦ ତଥ୍ୟାନୁସାରେ ସୁଷୁମ୍ନାରେ କୁଣ୍ଡଳିନୀର ଚକ୍ରଭେଦ ଗତିକୁ ବୁଝାଇଥାଏ । କୁଣ୍ଡଳିନୀ ସୁଷୁମ୍ନାରେ ସୂକ୍ଷ୍ମାତିସୂକ୍ଷ୍ମ ପ୍ରାଣପବନର ସୂତାଖିଅ ଧାରରେ ପ୍ରବାହିତ ହୁଏ । ଯୋଗୀ ଏହା ଅନୁଭବରେ ଆଣିପାରେ । ପ୍ରାଣାୟାମ ସୂତ୍ରରେ ଏହା ଘଟିଥାଏ । ଏହା ଅଷ୍ଟାଙ୍ଗଯୋଗର ସୋପାନଶ୍ରେଣୀ ଅନ୍ତର୍ଗତ । ତତ୍ତ୍ୱମତାନୁସାରେ -ସ୍ଥୂଳଦେହର ପଞ୍ଚବିଂଶତି ଭାବର କ୍ରିୟା ସକଳ ସୂକ୍ଷ୍ମରେ ଯାବତୀୟ ଲୌକିକ, ଅଲୌକିକ ଜ୍ଞାନତତ୍ତ୍ୱର ଚଳନି ଲଲାଟ ଚକ୍ରରେ ଥିବା ବିଦ୍ଭୁକ୍ଷା କୋଷ ବିନାଜଳରେ ନାବିକ ହୋଇ ବେଗ ରୂପକ ନାବର ଚଳନକର୍ମ କରୁଥାଏ । ଜ୍ଞାନଯୋଗରେ ସତ୍ତ୍ୱ, ରଜ, ତମ ଗୁଣର ସ୍ଥୂଳଭାବ ସ୍ଥିର ହୋଇ ରହିଥାଏ । ଅବସ୍ଥାଚକ୍ରରେ ଏହା ଗତିଶୀଳ ହୁଏ । ଏଥିପାଇଁ ଜଳର (ରସର) ଆବଶ୍ୟକ ପଡ଼େ ନାହିଁ । ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶାଦି ବିଷୟ ଲୋଡ଼ା ହୁଏ ନାହିଁ । ଏ ସକଳର ଅନୁପସ୍ଥିତିରେ ମଧ୍ୟ ଭାବର ନାବ ଚଳୁଥାଏ । ଯୋଗୀ ଯୋଗ ମାର୍ଗରେ ଅଗ୍ରଗତି କଲେ,ତ୍ରିକୂଟରେ ଷୋଳବିଭୂତିର ଜ୍ଞାନରଶ୍ମି ସୂକ୍ଷ୍ମାଂଶରେ ପ୍ରବେଶ କରି ଠୁଳ ହୋଇ ସ୍ଥୂଳରେ ପ୍ରକାଶ ପାଏ । ଏହି ତ୍ରିକୂଟି କେନ୍ଦ୍ରରେ (୧) ରଷିଧ୍ୱନି, (୨) କ୍ଷୀଣପ୍ରଭା, (୩) ସ୍ଥିତପ୍ରାଜ୍ଞ, (୪) ବୈରାଗ୍ୟ, (୫) ବନ ବୈରାଗ୍ୟ, (୬) ଶବ୍ଦମୌନୀ, (୭) ମୌନୀ, (୮) ଶୁଦ୍ଧଶବ୍ଦ ମୌନୀ, (୯) ଭୌତିଭାବ ସମାଧି, (୧୦) ଅଧିଭୌତି ଭାବ ସମାଧି, (୧୧) ସୌର ସୃଷ୍ଟିଜ୍ଞାନ, (୧୨) ମାତୃଗର୍ଭ ଜ୍ଞାନ, (୧୩) ବ୍ରହ୍ମଜ୍ଞାନ, (୧୪) ବ୍ରହ୍ମତତ୍ତ୍ୱଜ୍ଞାନ (୧୫) ଜ୍ଞାନସାର ବିଜ୍ଞାନ ଓ (୧୬) ଯୋଗମାର୍ଗ ଚିଦ୍‌ଦର୍ଶନ । ଯୋଗୀର ଭାବ ନାବରେ ଏହି ସକଳ ଷୋଡ଼ଶ (ଷୋଳ) ଜ୍ଞାନ ତତ୍ତ୍ୱ ବୋଝାଇ ହୋଇଥାଏ ।

**''ତିନି ଜଣକେ ସେ ନାବ ବୁଡ଼ିବ । ଯମୁନାରୁ କେହ୍ନେ ପାରି ହୋଇବ ।।'** ଶରୀର ଭେଦ ସୂତ୍ରରେ ତିନି ଜଣକେ ବୋଇଲେ ସତ୍ତ୍ୱ, ରଜ, ତମ - ତ୍ରିଗୁଣ । ଏହି ତ୍ରିଗୁଣର ବୈଷମ୍ୟ ହେତୁ ଜୀବର ଭାବ କ୍ଷଣକ୍ଷଣକୁ ବଦଳୁଥାଏ । ମହାପୁରୁଷ ଏହି ତଥ୍ୟକୁ ନାବ ବୁଡ଼ିବା ସଂକେତରେ ଚେତାଇ ଦେଇଅଛନ୍ତି । ଯମୁନା କହିଲେ ଇଡ଼ା ନାଡ଼ୀ । ଇଡ଼ା ହେଉ କିମ୍ବା ପିଙ୍ଗଳା ହେଉ, ଚନ୍ଦ୍ର ନାଡ଼ୀ ଅଥବା ସୂର୍ଯ୍ୟନାଡ଼ି ହେଉ ଯୋଗୀକୁ ତହିଁରୁ ପାରି ହୋଇ ସୁଷୁମ୍ନାରେ ପ୍ରାଣ ପବନକୁ ଚଳାଇବାକୁ ହେବ ହିଁ ହେବ । ଏହା ନ କରିବା ପର୍ଯ୍ୟନ୍ତ ପ୍ରାଣାୟାମ ସୂତ୍ରରେ କୁଣ୍ଡଳିନୀର ଚକ୍ରଭେଦ ସମ୍ଭବ ନୁହେଁ । ତତ୍ତ୍ୱମତାନୁସାରେ ଜୀବପିଣ୍ଡରେ ସୃଷ୍ଟି ହୋଇ ରହିଥିବା ସତ୍ତ୍ୱ, ରଜ, ତମ - ଏହି ତ୍ରିଗୁଣର ତ୍ରିଦସ୍ୟୁଭାବ - ବାତ, ପିତ୍ତ, କଫ ଗୌହିତ ସ୍ନାୟୁ କୋଷ ସହିତ ମିଳିତ ହୋଇ ଜୀବର ପିଣ୍ଡ ଧ୍ୱଂସର କାରଣ ହୋଇଥାଏ । କିନ୍ତୁ ଯୋଗୀ ଯୋଗମାର୍ଗରେ ଇନ୍ଦ୍ରିୟ ପଥରୁଦ୍ଧ କରିଥିବା କାରଣରୁ ତା'ର ପିଣ୍ଡଧ୍ୱଂସ ସହଜରେ ହୁଏ ନାହିଁ । ହେତୁ ଚେତା ଦ୍ୱାରା ଯୋଗୀ ପିଣ୍ଡ ଧ୍ୱଂସକୁ ନିରାକରଣ କରିଥାଆନ୍ତି ବା କରିପାରନ୍ତି । ଏହି ପର୍ଯ୍ୟାୟରେ ଯୋଗୀକ୍ଷେତ୍ରରେ ଅସମ୍ଭବ କର୍ମ ସମ୍ଭବ ହୁଏ । ଜୀବ ଗୁରୁବରଣ କରି ଗୁରୁଙ୍କୁ ସେବା ଓ ସନ୍ତୁଷ୍ଟ କରି ଗୁରୁକୃପା ଲାଭ କରି ଯୋଗମାର୍ଗରେ ସଫଳ ହେବା ପରେ ହେତୁ ଚେତା ପ୍ରାପ୍ତ ହୋଇଥାଏ ।

କଥା ଚାରିପଦ ଅର୍ଥାତ୍ ଚାରିଗୋଟି ପଦରେ ଚାରିପଦ କଥା ଏଠାରେ ପ୍ରକାଶ ପାଇଥିଲେ ମଧ୍ୟ ଏହା ମଧ୍ୟରେ ପନ୍ଦର ଗୋଟି ଭାବ ପରିବେଶିତ ହୋଇଅଛି । ନାସା, କର୍ଣ୍ଣ, ଚକ୍ଷୁ ଓ ମୁଖ ଚାରିବେଦକୁ ନେଇ ବ୍ରହ୍ମାଣ୍ଡରେ ପରମ ଆଶ୍ରୟ ନେଇଛି । ପିଣ୍ଡରେ ମଧ୍ୟ ସେ ଆଶ୍ରିତ କାରଣ ପରମ ବ୍ରହ୍ମ ରୂପରେ ପିଣ୍ଡରେ ବିଦ୍ୟମାନ ଅଛି । ଦଶ ଇନ୍ଦ୍ରିୟ ଓ ପାଞ୍ଚମନ ପରସ୍ପର ମିଳିତ ହୋଇ ଭାବ ନିୟନ୍ତ୍ରଣ କରୁଛି । ପାଠର ଅର୍ଥ ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ ଶରୀର ତତ୍ତ୍ୱଜ୍ଞାନ । ପାଠୁଆର ଅର୍ଥ ଯୋଗମାର୍ଗରେ ଷଡ଼ଚକ୍ର ଭେଦ କରିଥିବା ଯୋଗୀ । ଚୈତନ୍ୟ ଜ୍ଞାନକୁ ପୂର୍ଣ୍ଣକୃପା ନ ମିଳିଲେ, ଯୋଗ ସାଧନ ବୃଥା ହୁଏ । ବିଜେନ୍ଦ୍ରିୟ ବୃତ୍ତି ପ୍ରକୋଷ୍ଠକୁ ସଂପୂର୍ଣ୍ଣ ରୁଦ୍ଧ କରି ସତ୍ୟେନ୍ଦ୍ରିୟ ବୃତ୍ତି ପ୍ରକୋଷ୍ଠକୁ ସଂପୂର୍ଣ୍ଣ ଉନ୍ମୁକ୍ତ ନ କଲେ, ସକଳ ସାଧନା ନିଷ୍ଫଳ ହୁଏ । ଏଥିପାଇଁ ସଫଳତା ଲାଭ କରିବାକୁ ହେଲେ ଗୁରୁଗ୍ରହଣ, ଗୁରୁସେବା, ଗୁରୁ ସନ୍ତୋଷ ଓ ଗୁରୁକୃପା ନିତାନ୍ତ ଆବଶ୍ୟକ ।

# ଉତ୍ସବ ପରିଚିତି

## ଚରମ୍ପ ହୀରା ସ୍ମରଣେ

**୧୪୦୭ ସାଲ, ମୀନ ଦି ୧୨ନ, ପଞ୍ଚମୀ ତିଥି, ଶନିବାର-ଚମ୍ପାପୁର, ଗଜପତି**

ପୂର୍ବ ପ୍ରକାଶିତ ସ୍ମରଣିକା ମାନଙ୍କରେ ମହାନାୟକଙ୍କର ସୃଷ୍ଟି ଇଚ୍ଛା ଓ ତତ୍ ସମ୍ବନ୍ଧୀୟ ଲୀଳା ପର୍ଯ୍ୟାୟ ସମ୍ପର୍କରେ ଅନେକ ବିସ୍ତୃତ ଆଲୋଚନା କରାଯାଇଅଛି । ତଥାପି ଆଜିର ଏହି ଦୁର୍ଲଭ ସ୍ମାରକ ମନନ କରିବା ଅବସରରେ ତନ୍ମଧ୍ୟରୁ କିଞ୍ଚିତ୍ ପୂର୍ବଭାଗ ଆକାରରେ ଉପସ୍ଥାପନ କରିବା ଉଚିତ ମନେ କରୁଛୁ ।

ମହାଶୂନ୍ୟରେ ୪୨ କଳ୍ପ ଭୋଗ ହେବା ପରେ ୪୩ତମ କଳ୍ପରେ ସ୍ରଷ୍ଟା ମର୍ତ୍ତ୍ୟଲୀଳାର କଳ୍ପନା କରିଥିଲେ । ଉକ୍ତ ଲୀଳା ସମ୍ପାଦନ ପାଇଁ ନିଜକୁ ଦୁଇଭାଗ କରି ପୁରୁଷ ଓ ପ୍ରକୃତି ରୂପରେ ଅବତୀର୍ଣ୍ଣ କରାଇ ଲୀଳାର ପ୍ରଥମ ପର୍ବ ଉନ୍ମୋଚନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ପୁରୁଷ ଅଂଶରେ ବ୍ରହ୍ମା ଓ ପ୍ରକୃତି ଅଂଶରେ ସାବିତ୍ରୀ ହୋଇ ସୃଷ୍ଟି ନିର୍ମାଣ ସମାପ୍ତ କଲେ । ମର୍ତ୍ତ୍ୟଭୂମିକୁ ୫୨ଟି ଛନ୍ଦପୁଷ୍ପରେ ସଜାଇ ଦେଇ ପ୍ରଥମ ଛନ୍ଦରେ ସତ୍ୟ, ଦ୍ୱାପର, ତ୍ରେତୟା ଓ କଳି ଯୁଗ ପ୍ରବର୍ତ୍ତନ କରି ଯୁଗଲୀଳା ଆରମ୍ଭ କଲେ । ପ୍ରତିଯୁଗରେ ହିରଣ୍ୟଗର୍ଭ ଓ ମର୍ତ୍ତ୍ୟଭୂମି ମଧ୍ୟରେ ସମନ୍ୱୟତା ରକ୍ଷା କରି ହିରଣ୍ୟଗର୍ଭରୁ ସମସ୍ତ ଜ୍ଞାନ ତତ୍ତ୍ୱ ଶିବଲୋକ ମାଧ୍ୟମରେ ମର୍ତ୍ତ୍ୟକୁ ଅବତରଣ କରିବା ଲକ୍ଷ୍ୟରେ ନିଜର ସର୍ଜ୍ଜ, ଉର୍ଜ୍ଜ, ତ୍ରିକୂଟ ସନ୍ଧି ଓ ବୃଜିନ ଚକ୍ଷୁ ଦ୍ୱାରା ଚାରିଜଣ ଜ୍ଞାନୀପୁତ୍ର ଯଥା - ସନକ, ସନନ୍ଦ, ସନାତନ ଓ ସନତ୍‌କୁମାରଙ୍କୁ ସୃଷ୍ଟି କରି ହିରଣ୍ୟଗର୍ଭର ''ଶାଦ୍ୟୋତ ମଣ୍ଡଳ''ରେ ପ୍ରତିଷ୍ଠିତ କଲେ ।

ଏହା ପରେ ଯୁଗ ନିର୍ମାଣ ପ୍ରକ୍ରିୟା ପ୍ରଥମ ଛନ୍ଦପୁଷ୍ପର ପ୍ରଥମ ଚରଣରେ ସତ୍ୟଯୁଗ ଅବତରିତ ହେଲା । କ୍ରମାନ୍ୱୟରେ କ୍ରିୟାଯୋଗୀମାନଙ୍କୁ ସୃଷ୍ଟି କରି ସାଧନସୂତ୍ର ସହ ଧରାଧାମକୁ ପ୍ରେରଣ କଲେ । ଏହି ସୁପୁତ୍ରମାନେ ପ୍ରାପ୍ତସୂତ୍ରର ଆଧାର ଓ ଆଶୀର୍ବାଦର ପ୍ରଭାବରେ କଠୋର ତପ ଆଚରଣ କରି ସ୍ରଷ୍ଟାଙ୍କୁ ନିଜ ନିଜର କଳ୍ପିତ ରୂପରେ ଦର୍ଶନ କରି ବହୁବିଧ ଜ୍ଞାନର ଅଧିକାରୀ ହେଲେ ଓ ସେହି ପ୍ରାପ୍ତ ଜ୍ଞାନଗଙ୍ଗାକୁ ଧରାପୃଷ୍ଠରେ ପ୍ରବାହିତ କଲେ । ଏହି ସୁପୁରୁଷମାନେ ମୁନି, ଋଷି, ସାଧକ, ମହାପୁରୁଷ ଇତ୍ୟାଦି ନାମରେ ପରିଚିତ ହେଲେ । ଏହିଠାରୁ ହିଁ ଋଷିଯୁଗ ଆରମ୍ଭ ହେଲା ।

ସେହିମାନଙ୍କ ମଧ୍ୟରୁ ଜଣେ କ୍ରିୟାଯୋଗୀ କିପରି ସତ୍ୟଯୁଗରୁ ସାଧନ ପନ୍ଥା ଅନୁସରଣ କରି ନିଜେ ପୂର୍ଣ୍ଣାଙ୍ଗ ହୋଇଥିଲେ ଓ ଉତ୍ତରାଧିକାରୀର ସୂତ୍ରରେ ନିଜର ଶିଷ୍ୟମାନଙ୍କୁ ପରାଜ୍ଞାନର ଅଧିକାରୀ କରାଇ ସେହିମାନଙ୍କ ଜରିଆରେ ଘୋର କଳିର ପ୍ରଭାବରେ ତ୍ରାହି ତ୍ରାହି ଡାକୁଥିବା ପତିତ ଜନମାନଙ୍କ ହୃଦୟରେ ପରମପୁରୁଷଙ୍କ ସ୍ଥୁଳ ଉପସ୍ଥିତି ମାଧ୍ୟମରେ ଶାନ୍ତିଗଙ୍ଗା ପ୍ରବାହିତ କରିବାକୁ ସ୍ରଷ୍ଟାଙ୍କୁ ବାଧ୍ୟ କରିଥିଲେ, ତାହାହିଁ ଉକ୍ତ ଉତ୍ସବ ଓ ତତ୍‌ସମ୍ପର୍କିତ ସ୍ମରଣିକାର ବିଷୟବସ୍ତୁ । ଆସନ୍ତୁ, ସେହି ଅମର ସ୍ମୃତି ଚାରଣ କରି ଭକ୍ତ ଶିରୋମଣିଙ୍କର ମହିମା ଶ୍ରବଣ କରିବା ।

ସତ୍ୟଯୁଗର ଅନ୍ତିମ ସମୟ । ଜମ୍ବୁଦ୍ୱୀପର ଦକ୍ଷିଣ ଦିଗରେ ମହେନ୍ଦ୍ରତନୟା ନଦୀ ତୀରସ୍ଥ ଏକ ପବିତ୍ର ପଲ୍ଲୀରେ ଭୃଷଙ୍ଗଦତ୍ତ ନାମକ ଏକ ସଚ୍ଛ ଗୃହସ୍ଥାଶ୍ରମ ସ୍ଥାପନ କରିଥିଲେ । ସାଧ୍ୱୀ ପତ୍ନୀ ଭାନୁଦେବୀଙ୍କ ସହ ଅହରହ ଶ୍ରୀମନ୍ନାରାୟଣଙ୍କ ସେବା, ଚିନ୍ତନ, ମନନରେ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଭାବମୟ ଅବସ୍ଥାରେ ସମୟ ଅତିବାହିତ କରୁଥିଲେ । ତାଙ୍କ ମନରେ ସେଭଳି କିଛି ଉନ୍ମାଦ କାମନା, ବାସନା ନ ଥିଲା । କୃତାଞ୍ଜଳିପୁଟରେ ଏକ ସୁପୁତ୍ର ପାଇଁ ସର୍ବଦା ଅଳି

କରୁଥିଲେ । ସତ୍ୟରେ ଯୁଗ ପ୍ରଭାବରୁ କୌଣସି ସଦାତ୍ମାଙ୍କ ସୁକାମନା ଅପୂର୍ଣ୍ଣାଙ୍ଗ ରହେ ନାହିଁ । ଉକ୍ତ ଦିବ୍ୟ ଦମ୍ପତିଙ୍କ ମନସ୍କାମନା ପୂରଣ ନ ହେବ କାହିଁକି ? ଶେଷରେ ପ୍ରଭୁ କରୁଣାମୟଙ୍କର ଆଶୀର୍ବାଦରେ ଏକ ତେଜସ୍ୱୀ ପୁତ୍ର ଜନ୍ମ ନେଲେ । ପିତା ଶ୍ରଦ୍ଧାରେ ପୁତ୍ରର ନାମକରଣ କଲେ ''ଶ୍ରୁତ୍ୟଦତ୍ତ'' । ନିଜ ନାମର ସାର୍ଥକତା ପ୍ରତିପାଦନ କରିବାକୁ ଯାଇ ଶ୍ରୁତ୍ୟଦତ୍ତ ପ୍ରଭୁଙ୍କ ମହିମା, ଗୁଣକୀର୍ତ୍ତନ ପିତାମାତାଙ୍କ ମୁଖରୁ ଶ୍ରୁତି ମାଧ୍ୟମରେ ଗ୍ରହଣ କରି ଶୈଶବରୁ ହିଁ ବ୍ରହ୍ମସାଧନରେ ମନକୁ ବୁଡ଼ାଇ ଦେଲେ । ବୟସର କ୍ରମ ବୃଦ୍ଧି ପାଇବା ସାଂଗକୁ ସାଧନର ନିଷ୍ଠା ମଧ୍ୟ ତୀବ୍ରରୁ ତୀବ୍ରତର ହେଲା । କିନ୍ତୁ ବଂଶରକ୍ଷା ମୋହରେ ମୋହିତ ପିତା ମାତା ପୁତ୍ରର ଏତାଦୃଶ ଅବସ୍ଥାରେ ମ୍ରିୟମାଣ ହୋଇ ତାଙ୍କୁ ସାଧନ ସୂତ୍ରରୁ ଫେରାଇ ଆଣିବା ପାଇଁ ଏକ ସୁଶ୍ରୀ କନ୍ୟାରତ୍ନ ସହିତ ବିବାହ ବନ୍ଧନରେ ଆବଦ୍ଧ କରାଇଦେଲେ । ପଦ୍ମ ପାଣିବିନା ବଞ୍ଚିପାରେ ନାହିଁ । କିନ୍ତୁ ପତ୍ରରେ କେବେ ପାଣି ଲାଗେ ନାହିଁ । ସେହିପରି ସଂସାର ଚକ୍ରରେ ଗତି କରି ଗୃହସ୍ଥାଶ୍ରମରେ ରହିଥିଲେ ମଧ୍ୟ ଶ୍ରୁତ୍ୟଦତ୍ତ ନିଜର ଲକ୍ଷ୍ୟରୁ ଅପସରି ଯାଇ ନ ଥିଲେ । ସାଧନ ସ୍ତର ଗୋଟିକ ପରେ ଗୋଟିଏ ଅନାୟାସରେ ଅତିକ୍ରମ କରି ଶେଷରେ ନିର୍ବିକଳ୍ପ ସମାଧି ସ୍ତରରେ ପହଞ୍ଚି ଗଲେ । ସେହି ମହାପୁରୁଷଙ୍କ ଔରସରୁ ଜନ୍ମ ନେଲେ ବ୍ରହ୍ମପୁତ୍ର ''ଦେବାଙ୍ଗଦ'' । ଶ୍ରୁତ୍ୟଦତ୍ତ ନିଜେ ନିର୍ବିକଳ୍ପ ସାଧନ ସ୍ତରର ଯୋଗୀ ହୋଇଥିବାରୁ ପୁତ୍ରକୁ ଶୈଶବରୁ ହିଁ ବ୍ରହ୍ମସୂତ୍ର ପ୍ରଦାନ କରି ଆଜନ୍ମ ବ୍ରହ୍ମଚାରୀ ହେବାର ପ୍ରେରଣା ଦେଇ ତାଙ୍କ ସାଧନ ପଥ ସୁଗମ କରାଇଦେଲେ ।

ପ୍ରଭୁ ପରମେଶ୍ୱରଙ୍କର ଇଚ୍ଛା କେବଳ ତାଙ୍କୁ ହିଁ ଜଣା । କିନ୍ତୁ ମହାମନୀଷିମାନଙ୍କର ଜୀବନୀ ଅବଲୋକନ କଲେ ଜଣାଯାଏ, ଯାହାକୁ ସେ ଭଲ ପାଆନ୍ତି ବା ଯାହାକୁ ପୂର୍ଣ୍ଣାଙ୍ଗ କରି ଜ୍ଞାନୀର ପରିଚୟ ପ୍ରଦାନ କରିବା ପାଇଁ ମନ ବଳାନ୍ତି, ତାକୁ ଏପରି ଭାବରେ କର୍ଷଣ କରି ଦୁଃଖ, ଯନ୍ତ୍ରଣା ମଧ୍ୟରେ ନିକ୍ଷେପ କରନ୍ତି ଯେ, ସେହି କଷ୍ଟ ଯନ୍ତ୍ରଣା ସହ୍ୟ କରିବା କେବଳ ତାଙ୍କ କୃପା ବିନା କଦାପି ସମ୍ଭବ ନୁହେଁ । ଦେବାଙ୍ଗଦଙ୍କ ଜୀବନୀ ମଧ୍ୟ ଠିକ୍ ସେହିପରି ଅନେକ ଛନ୍ଦରେ ପୂର୍ଣ୍ଣ ଥିଲା । ସାଧନର ପ୍ରତିଟି ସୋପାନ କଣ୍ଟକିତ ଥିଲା । ବଞ୍ଚି ରହିବା ପାଇଁ ସର୍ବନିମ୍ନ ଆବଶ୍ୟକତା ମୁଠିଏ ଅନ୍ନ, ଖଣ୍ଡିଏ ବସ୍ତ୍ର ଓ ରହିବା ପାଇଁ ଖଣ୍ଡେ କୁଡ଼ିଆ ମଧ୍ୟ ସବୁ ସମୟରେ ତାଙ୍କ ଭାଗ୍ୟରେ ଜୁଟି ନ ଥିଲା । ତଥାପି ବ୍ରହ୍ମଯୋଗୀ ପିତାଙ୍କ ପ୍ରେରଣା, ଆଶୀର୍ବାଦରେ ସେ ଆଦୌ ପଥଚ୍ୟୁତ ନ ହୋଇ ଲକ୍ଷ୍ୟ ପଥରେ ଆଗେଇ ଚାଲିଥିଲେ । ପୁଣ୍ୟତୋୟା ମହେନ୍ଦ୍ରତନୟା ତୀର ଦେଶରେ ନିଜର ସ୍ୱତନ୍ତ୍ର ଆଶ୍ରମ ପ୍ରତିଷ୍ଠା କରି ବ୍ରହ୍ମ ସାଧନରେ ଲୀନ ହୋଇଗଲେ । ଯଥାକ୍ରମେ - ଯମ, ଆସନ, ନିୟମ, ପ୍ରତ୍ୟାହାର, ପ୍ରାଣାୟାମ, ନିବିଦ୍ୟ ସମାଧି, ସମାଧି, ଶୂନ୍ୟକ ସମାଧିସ୍ତର ଅତିକ୍ରମ କରିଯାଇଥିଲେ । କିନ୍ତୁ ନିର୍ବିକଳ୍ପ ସମାଧିସ୍ଥ ହୋଇ ପୂର୍ଣ୍ଣବ୍ରହ୍ମ ପ୍ରାପ୍ତି ପୂର୍ବରୁ ଯୁଗପ୍ରଳୟ ହୋଇଗଲା । ମହାସାଧକ ଦେହ ତ୍ୟାଗ କଲେ । ଯୁଗାବସାନରେ ସ୍ଥୂଳଶରୀର ସିନା ପଞ୍ଚଭୂତରେ ଦ୍ରବୀଭୂତ ହୋଇଗଲା । କିନ୍ତୁ ଯୋଗୀବର ସୂକ୍ଷ୍ମ ସତ୍ତା ନେଇ ସେହି ସ୍ଥାନରେ ହିଁ ସାଧନ ପ୍ରକ୍ରିୟା ଅକ୍ଷୁର୍ଣ୍ଣ ରଖିଲେ ।

ତ୍ରେତୟାରେ ପୁରୁଷୋତ୍ତମ ରାଘବେନ୍ଦ୍ରଙ୍କ ଅବତାର ହେବାର ସୂଚନା ପ୍ରାପ୍ତ ହୋଇ ପୁନଶ୍ଚ ସ୍ଥୂଳ ଶରୀର ଗ୍ରହଣ କରିବା ଇଚ୍ଛା ପ୍ରକଟ କଲେ । ସେହି ଅନୁସାରେ ରାମଗିରି ନିକଟସ୍ଥ ଏକ ଛୋଟପଲ୍ଲୀରେ ଶ୍ରୀମନ୍ନାରାୟଣଙ୍କ ପ୍ରେମରେ ବିଗଳିତ ଗୋଟିଏ ଶୁଦ୍ଧ ପରିବାରରେ ଜନ୍ମ ଗ୍ରହଣ କରି ପ୍ରଥମରୁ ହିଁ ନିଜର ସାଧନ କ୍ରିୟା ଆରମ୍ଭ କରିଦେଲେ । ପ୍ରଭୁଙ୍କ ଅବତାର ଗ୍ରହଣ ସୂଚନା ପାଇବା ପରେ ମନ ସୂକ୍ଷ୍ମ ସ୍ତରରୁ ଆପେ ଆପେ ସ୍ଥୂଳସ୍ତରକୁ ଖସି ଆସିଲା । ପ୍ରେମମୟଙ୍କର ଋଷି ମନ ଭୁଲା ଦିବ୍ୟ ସୁଠାମ ସ୍ଥୂଳଶରୀର ଦର୍ଶନ କରିବାର ବାସନା ପ୍ରବଳରୁ ପ୍ରବଳତର ହେଲା । ନିଜର ସ୍ଥିତି ସଂପୂର୍ଣ୍ଣ ରୂପେ ବିସ୍ମରଣ ହୋଇ କେବଳ ଶ୍ରୀରାମ, ଶ୍ରୀରାମ ନାମ ଜପରେ ପାଗଳ ହୋଇଗଲେ । ଭକ୍ତବତ୍ସଳ ଭାବଗ୍ରାହୀ ଭକ୍ତମାନଙ୍କ ପରୀକ୍ଷା ପାଇଁ ଯେତେ ଜାଲ ସୃଷ୍ଟି କରନ୍ତି, ଶେଷରେ ନିଜେ ସେହି ଜାଲରେ ଛନ୍ଦି ହୋଇ ପରାସ୍ତ ହୁଅନ୍ତି । ଏ କ୍ଷେତ୍ରରେ ମଧ୍ୟ ତାହାହିଁ ହେଲା । ଅରଣ୍ୟବାସୀ ଋଷି, ମୁନିମାନଙ୍କ ଇଚ୍ଛା ପୂର୍ଣ୍ଣ

କରିବା ପାଇଁ ପିତୃସତ୍ୟ ପାଳନର ବାହାନାରେ ତୁଳିତଳ୍ପ ଶଯ୍ୟା ତଥା ରାଜଭୋଗ ତୁଚ୍ଛ କରି କୋମଳତନୁ ଓ ପାଦପଦ୍ମର ଯନ୍ତ୍ରଣାକୁ ଅତି ଆନନ୍ଦରେ ଆଦରି ନେଇ ଭକ୍ତଭୋଳା ପ୍ରକୃତି ସ୍ୱରୂପା ମାଆସୀତା ଓ ଶିବରୂପୀ ଭ୍ରାତା ଲକ୍ଷ୍ମଣଙ୍କୁ ସାଥୀରେ ନେଇ ପୂର୍ଣ୍ଣବ୍ରହ୍ମଙ୍କର ପୂର୍ଣ୍ଣତା ସହ ବନବାସୀ ହେଲେ । ସେହି କ୍ରମରେ ଭକ୍ତ ଦେବାଙ୍ଗଦଙ୍କ ବ୍ୟାକୁଳତା ଗ୍ରହଣ କରି ରାମଗିରିରେ ପହଞ୍ଚିଲେ । ପ୍ରଥମେ ମହେନ୍ଦ୍ରତନୟା ନଦୀରେ ସ୍ନାନାଦି କରି ତାକୁ ପୁଣ୍ୟତୋୟା ମନ୍ଦାକିନୀର ମର୍ଯ୍ୟାଦା ଦାନ କଲେ । ରାମଗିରିରେ ସାତମାସ ଏକୋଇଶ ଦିନ ଅବସ୍ଥାନ କରିଥିଲେ । ଏଠାରେ ପହଞ୍ଚିବାର ତିନିମାସ ଅତିକ୍ରମ କରିଯାଇଥିଲେ ମଧ ଦେବାଙ୍ଗଦ ସେହି ଇପ୍‌ସିତ ରୂପ ଦର୍ଶନ କରି ପାରି ନ ଥିଲେ । ଶେଷରେ ମହେନ୍ଦ୍ରତନୟା ନଦୀରେ ଆତ୍ମୋତ୍ସର୍ଗ କରିବାର ସଂକଳ୍ପ ନେଇ ନଦୀ ତୀରକୁ ଗମନ କରିବା ସମୟରେ କୋଦଣ୍ଡଧାରୀ, ଭକ୍ତବତ୍ସଳ, ଅତୁଳନୀୟ ରୂପମାଧୁରୀର ସ୍ଥୂଳତନୁଧାରୀ ଶ୍ରୀରାମ ସହାସ୍ୟ ବଦନରେ ଭକ୍ତ ସମ୍ମୁଖରେ ଉଭା ହୋଇ ପ୍ରେମାଲିଙ୍ଗନ କଲେ । ଅସ୍ଥିର ଜଳରାଶି ତରଙ୍ଗଶୂନ୍ୟ ହୋଇ ସ୍ଥିର ହୋଇଗଲା । ଯୁଗଯୁଗର ବାସନା ପୂର୍ଣ୍ଣ ହେଲା । ଆତ୍ମାଧିପତି ଜୀବାତ୍ମା ସହ ସ୍ଥୂଳ ସମ୍ପର୍କ ପ୍ରତିଷ୍ଠା କରି ଜୀବ, ପରମର ଅପୂର୍ବ ମିଳନ ସଂଘଟିତ କଲେ । ସର୍ବଜ୍ଞାନ ପ୍ରଦାନ କରି ଗୁରୁ ପଦରେ ଅଭିଷିକ୍ତ କରାଇ ଶିଷ୍ୟ ଗ୍ରହଣ କରିବାର ଅଧିକାର ଦାନ କଲେ ।

ଦେବାଙ୍ଗଦ ପ୍ରଭୁଙ୍କର ପ୍ରତ୍ୟକ୍ଷ ଆଶୀର୍ବାଦ ଗ୍ରହଣ କରି ବର୍ଣ୍ଣାଶ୍ରମ ଭିତ୍ତିରେ ଗୁରୁକୁଳାଶ୍ରମ ସ୍ଥାପନ କରି ରାମଗିରି ଅଞ୍ଚଳକୁ ବ୍ରହ୍ମପୁରୀରେ ପରିଣତ କରିଦେଲେ । ଏହି ବ୍ରହ୍ମର୍ଷିଙ୍କର ଦୁଇଟି ଜ୍ଞାନୀ ଶିଷ୍ୟ ଥିଲେ । ସେମାନଙ୍କ ନାମ ଥିଲା ଶକ୍ରଭୁଟ ଓ ତୁମ୍ବକ । ଶକ୍ରଭୁଟ ''ତତ୍ତ୍ୱଜ୍ଞାନ''ରେ ପ୍ରବୀଣ ଥିଲେ ଏବଂ ତୁମ୍ବକ ''ସୌରତତ୍ତ୍ୱ''ରେ ପାରଙ୍ଗମ ଥିଲେ । ନିଜ ନିଜର ଭାବଧାରା ନେଇ ସେମାନେ କ୍ରମଶଃ ପୂର୍ଣ୍ଣବ୍ରହ୍ମଙ୍କର ନିକଟବର୍ତ୍ତୀ ହେଉଥିଲେ । ଏହି ସମୟରେ ତ୍ରେତୟାଯୁଗର ଅବସାନ ପର୍ବ ଆରମ୍ଭ ହେଲା । ଶ୍ରୀଗୁରୁଦେବଙ୍କ ଅପାର କୃପା ବଳରେ ଯୁଗପ୍ରଳୟରେ ଦେହାବସନା ନ ହେବାର ବରପ୍ରାପ୍ତି ହେବା ସଂଗେ ସଂଗେ ଦ୍ୱାପର ଯୁଗରେ ହ୍ଲାଦିନୀଲୀଳା ଉପଭୋଗ ଓ ଦର୍ଶନ କରିବାର ଆଶୀର୍ବାଦ ପ୍ରାପ୍ତ ହେଲେ । ଏହାପରେ ତ୍ରେତୟାର ଅବସାନ ହୋଇ ପ୍ରେମଯୁଗ ଦ୍ୱାପର ଆରମ୍ଭ ହେଲା ।

ଯଦୁପତି ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ଅତି ବ୍ୟାକୁଳତାର ସହ ଋଷିଦ୍ୱୟ ଅପେକ୍ଷା କରି ରହିଲେ । ଯୁଗଲୀଳାର ପର୍ଯ୍ୟାୟ ଭୋଗ ସୂତ୍ରରେ କୌରବମାନଙ୍କ ଦ୍ୱାରା ପ୍ରତାରିତ ହୋଇ ପାଣ୍ଡବମାନେ ବନବାସୀ ହେଲେ । ସେହି ବନବାସ ପର୍ବରେ ସେମାନେ ଏହି ମହେନ୍ଦ୍ରତନୟା ତୀରବର୍ତ୍ତୀ ସ୍ଥାନ ଦେବଗିରି, ତୁମ୍ବେଶ୍ୱର, ରାମଗିରି, ତିଡିସିଂ, ବଡ଼ହୁଣ୍ଡିରେ ତିନିମାସ ସାତଦିନ ଅତିବାହିତ କରିଥିଲେ । ଭକ୍ତ ବତ୍ସଳତାର ପ୍ରମାଣ ଦେବାକୁ ଯାଇ ପ୍ରଭୁ ରାଧାକାନ୍ତ ଶ୍ରୀକୃଷ୍ଣ ଏହି ସମୟରେ ପାଣ୍ଡବମାନଙ୍କ ସହ ଏକତ୍ର ରହୁଥିଲେ । ପାଣ୍ଡବମାନଙ୍କୁ ଆଗାମୀ ମହାଭାରତ ଯୁଦ୍ଧ ପାଇଁ ଶିକ୍ଷାଦାନ କରି ଧର୍ମଯଜ୍ଞର ପ୍ରସ୍ତୁତି କରାଉଥିଲେ । ସେହି ସମୟରେ ଉପରୋକ୍ତ ଋଷିଦ୍ୱୟ ଏକତ୍ର ହୋଇ ଏକ ମନରେ ପ୍ରଭୁଙ୍କ ଦର୍ଶନ ଲାଭ କରି ପୂର୍ଣ୍ଣତା ପ୍ରାପ୍ତି ହୋଇଥିଲେ । ସେହି ଜ୍ଞାନର ପ୍ରଭାବରେ କଳିଯୁଗର ଲୀଳା ସଂପର୍କରେ ଜ୍ଞାନପ୍ରାପ୍ତ ହୋଇ ପ୍ରଭୁଙ୍କ ଚରଣାରବିନ୍ଦରେ ବରଭିକ୍ଷା କରିଥିଲେ । ''ପ୍ରଭୁ ! ଅନନ୍ତ କଳିରେ ଲୀଳା ସଂରଚନ କରିବା ଅବସରରେ ଆମର ଏହି ପବିତ୍ର ପୀଠରେ ଯଜ୍ଞାହୂତି, ନାମଯଜ୍ଞ ସହ ପୁରୁଷୋତ୍ତମ ସ୍ୱୟଂ ସୂକ୍ଷ୍ମ ଓ ସ୍ଥୂଳରେ ଉପସ୍ଥିତ ରହି ସତ୍ୟ ସନାତନ କେତନ ଉତ୍ତୋଳନ କରାଇ ପୀଠ ସଂସ୍କାର କରାଇବେ ଓ ପୁରୁଷାର୍ଥ ତତ୍ତ୍ୱର ପ୍ରସାର, ପ୍ରଚାର କରି କରାଇବେ । ଦ୍ୱିତୀୟରେ ଆମ୍ଭେ ଶ୍ରୀଗୁରୁଙ୍କର ଦୁଇ ଶିଷ୍ୟ ସର୍ବଦା ଏକତ୍ର ରହିବୁ ।'' ଏହି ବରପ୍ରାପ୍ତ ହୋଇ ସେମାନେ ଶରୀର ତ୍ୟାଗ କରିଥିଲେ ।

ପରସ୍ପର ପରସ୍ପରଙ୍କୁ ଅତି ଏକାନ୍ତ ଭାବରେ ଭଲ ପାଉଥିବାର ସ୍ମାରକରେ ଏହି ଋଷିଦ୍ୱୟ କଳିଯୁଗର ମଧ୍ୟଭାଗରେ ପୁନଶ୍ଚ ପୁରୁଷ ଓ ସ୍ତ୍ରୀ ଅଂଗ ନେଇ ଜନ୍ମ ଗ୍ରହଣ କରିଥିଲେ । ପର୍ଯ୍ୟାୟକ୍ରମେ ସ୍ୱାମୀ, ସ୍ତ୍ରୀ ହୋଇ ଗୃହସ୍ଥାଧର୍ମ ପାଳନ କରିଥିଲେ । ଉଭୟ କ୍ଷତ୍ରୀୟ ବଂଶରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱାମୀଙ୍କ ନାମ ଚରମ୍ପବୃର ଓ ସ୍ତ୍ରୀଙ୍କ ନାମ ହୀରାବତୀ

ଥିଲା । ତ୍ରିତୁଳସୀ ନାମକ ସଦ୍‌ଗୁରୁଙ୍କଠାରୁ ବୈଷ୍ଣବତତ୍ତ୍ୱ ମନ୍ତ୍ର ଗ୍ରହଣ କରି ଉଭୟ ଏକତ୍ର ହୋଇ ସାଧନ କରୁଥିଲେ । ସେହି ସମୟରେ ଶ୍ରୀ ଚୈତନ୍ୟଦେବ ସେହି ଅଞ୍ଚଳରେ ନାମ ପ୍ରଚାର କରୁଥିବା ସମୟରେ ଉକ୍ତ ବ୍ରହ୍ମ ଦମ୍ପତ୍ତି ତାଙ୍କର ଦର୍ଶନ ଲାଭ କରି ''ବୈଷ୍ଣବ ତତ୍ତ୍ୱଜ୍ଞାନ'' ଆହରଣ କରିଥିଲେ । ପ୍ରଭୁ ଶ୍ରୀ ଚୈତନ୍ୟଦେବ ସେମାନଙ୍କର ଯୁଗାନ୍ତକାରୀ ସାଧନା, ନିଷ୍ଠା, ଏକାଗ୍ରତାରେ ଅତ୍ୟନ୍ତ ପ୍ରୀତ ହୋଇ ଚରମଙ୍କ ଜନ୍ମସ୍ଥାନକୁ ''ଚମ୍ପାପୁର'' ଓ ହୀରାବତୀଙ୍କ ଜନ୍ମସ୍ଥାନକୁ ''ହୀରାପୁର'' ନାମରେ ନାମିତ କରିଥିଲେ ଏବଂ ସେମାନେ ଦ୍ୱାପର ସଂସ୍କୃତିରେ ପ୍ରାପ୍ତ ହୋଇଥିବା ଆଶୀର୍ବାଦକୁ ସ୍ମରଣ କରାଇ ସେହି ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ ଆଶିଷ ଦାନ କରିଥିଲେ ।

ଏହି ସମସ୍ତ ଘଟଣାବଳୀକୁ ମହାପୁରୁଷ ଅଚ୍ୟୁତାନନ୍ଦ କଳିଲୀଳା ବର୍ଣ୍ଣନାକ୍ରମରେ ତାଙ୍କର ଭବିଷ୍ୟ ମାଳିକାରେ ସୂଚନା ଦେଇ ଯାଇଛନ୍ତି । ''ମହାଭବିଷ୍ୟଗ୍ରନ୍ଥ''ରେ ଲେଖିଛନ୍ତି :

xxx xxx xxx
କହୁଛି ଅଚ୍ୟୁତି ରାମ ତୁ ଶୁଣ ।
ମହେନ୍ଦ୍ର ତନୟା ଜମ୍ବୁ ଦକ୍ଷିଣ ॥
ଯାଗ ନାମ ଯଜ୍ଞ ଆହୂତି ହେବ ।
ପୁରୁଷ ଆସିବେ ବାନା ଉଡ଼ିବ ॥

ଉକ୍ତ ପଦ୍ୟାଂଶରେ ପୂର୍ବ ଆଲୋଚିତ ମହେନ୍ଦ୍ରତନୟା ନଦୀ ତୀରସ୍ଥ ଜମ୍ବୁଦ୍ୱୀପର ଦକ୍ଷିଣ ଭାଗରେ ଅବସ୍ଥିତ ଏକ ସ୍ଥାନରେ ନାମ ସଂକୀର୍ତ୍ତନ, ଯଜ୍ଞାହୂତି ଆଦି ହେବାର ସୂଚନା ମିଳୁଅଛି । ସେହି ସ୍ଥାନକୁ ''ପୁରୁଷ'' ଅର୍ଥାତ୍ ସ୍ଥୂଳନରତନୁଧାରୀ ବ୍ରହ୍ମାବତାର ଆସିବାର ପ୍ରମାଣ ପ୍ରକାଶିତ ହେଉଅଛି । ''ବାନା'' ଅର୍ଥ ସନାତନ କେତନ ଉଡ଼ିବାର ସ୍ପଷ୍ଟ ସଂକେତ ବିଚାରକୁ ଆସୁଅଛି ।

ସେହି ଗ୍ରନ୍ଥର ପୃଥକ୍ ସ୍ଥାନରେ ପୁନର୍ବାର କହିଛନ୍ତି :

xxx xxx xxx
ଚଉଦ ଶତକ ସପତ ଯୋଗ ।
ମୀନ ଦ୍ୱାଦଶୀରେ ପଞ୍ଚମୀ ଭୋଗ ॥
ସତସଂଗ ବାନା ସତ୍ୟ ଧ୍ୱଜାରେ ।
ଜନମେଳ ହେବ ଚମ୍ପା ନଗରେ ॥

ମହାପୁରୁଷ ଏହି ପଦ୍ୟଭାଗରେ ଉତ୍ସବର ସ୍ଥାନ ଓ ତିଥି ସଂପର୍କରେ ଉଲ୍ଲେଖ କରିଛନ୍ତି । ''ଚଉଦ ଶତକ ସପତ ଯୋଗ'' ଅର୍ଥାତ୍ ୧୪୦୦ରେ ୭ ଯୋଗ କରିବ - ଫଳାଫଳ .. ୧୪୦୭ । ଏହା ହିଁ ସାଲର ସୂଚନା ଅର୍ଥ ୧୪୦୭ ସାଲ ହୋଇଥିବ । ''ମୀନ ଦ୍ୱାଦଶୀରେ ପଞ୍ଚମୀ ଭୋଗ'' ଅର୍ଥ ମୀନ ମାସ ଦି ୧୨ନରେ ପଞ୍ଚମୀ ତିଥି ଭୋଗ ହେଉଥିବ । ସେହି ଦିନ ଚମ୍ପାନଗରରେ (ଆଜିର ଚମ୍ପାପୁର) ସତ୍‌ସଂଗ ସହ ସନାତନ ଧ୍ୱଜା ବା କେତନ ଉଡ଼ିବ ।

ମହାପୁରୁଷ ତାଙ୍କର ''ଗୁପ୍ତଖେଦା''ରେ କହନ୍ତି :

xxx xxx xxx
ମହେନ୍ଦ୍ରଗିରିକୁ ଲଙ୍ଗଳେଶ୍ୱର ।
ରାମ ଦେବଗିରି ସେ ତୁମ୍ବେଶ୍ୱର ॥

ହୀରାବତୀ ନଗ୍ର ଚାହିଁଛି ରହି ।
ଧବଳୁ ପୁରୁଷ ଆସିବ ତହିଁ ।।
ହେତୁ ଚେତା ଦେଇ ବାବୁ ଶୁଣିବୁ ।
ଅନନ୍ତ କଳିର ଲୀଳା ଗଣିବୁ ।।''

ଏଠାରେ ସ୍ଥାନଟିର ଚୌହଦୀ ସଂପର୍କରେ ପ୍ରମାଣ ମିଳେ । ନିର୍ଦ୍ଧାରିତ ଚମ୍ପାପୁର ନିକଟରେ ମହେନ୍ଦ୍ରଗିରି, ରାମଗିରି, ଦେବଗିରି, ଲଙ୍ଗଳେଶ୍ୱର ଓ ତୁମ୍ବେଶ୍ୱର ଥିବେ । ହୀରାବତୀନଗ୍ର (ଆଜିର ହୀରାପୁର) ହୀରାଦେବୀଙ୍କ ପ୍ରାପ୍ତ ବରକୁ ସ୍ମରଣ କରି ଧବଳପୁର ଅର୍ଥାତ୍ ଶୁଭ୍ରଜ୍ୟୋତିର ଅଧିକାରୀ ପରମପୁରୁଷଙ୍କୁ ଅପେକ୍ଷା କରି ରହିଛି । ସେ ସେଠାକୁ ଆସିବେ । ତେଣୁ ରେ ବାବୁ ! ଧୀର ଚିତ୍ତ, ସ୍ଥିର ମନରେ ଚେତନା ଜାଗ୍ରତ କରାଇ ସେହିଠାରେ ସେ ପୁରୁଷଶ୍ରେଷ୍ଠଙ୍କୁ ଦର୍ଶନ କରି ଅନନ୍ତ କଳିର ଗୁପ୍ତଲୀଳା ଅନୁଭବ କରିବୁ ।

ସେହି ''ଗୁପ୍ତଖେଦା''ର ଅନ୍ୟ ଏକ ସ୍ଥାନରେ ପୁନଶ୍ଚ କହିଛନ୍ତି :

xxx xxx xxx
''ସତଧ୍ୱଜା ବାନା ସୂକ୍ଷମେ ଉଡ଼ି ।
ପୁରୁଷ ଆସିବେ ଧବଳ ଛାଡ଼ି ।।
ଯାଗ ବେଳା ନାମ ଆହୂତି ମେଳ ।
ଭକତ ଗାଇବେ ଭଜନ ଭୋଳ ।।''

ଏହି ପଦ୍ୟାଂଶରେ ମହାପୁରୁଷ କହିଛନ୍ତି - ଉପରୋକ୍ତ ସ୍ଥାନରେ ସତଧ୍ୱଜାବାନା ସୂକ୍ଷ୍ମରେ ଉଡ଼ିବା ସହ ପରମପୁରୁଷ ସୂକ୍ଷ୍ମରେ ବିରାଜିତ ହେବେ । ଯାଗ, ଯଜ୍ଞାହୂତି, ନାମ ସଂକୀର୍ତ୍ତନରେ ଭକ୍ତମାନେ ଭାବବିହ୍ୱଳ ହୋଇ ଦେହଜ୍ଞାନ ବିସ୍ମରଣ ହୋଇଯିବେ ।

ପାଞ୍ଚଶହ ବର୍ଷ ପୂର୍ବରୁ ବର୍ଣ୍ଣିତ ମହାପୁରୁଷଙ୍କର ଏହି ଭବିଷ୍ୟତବାଣୀ ଆଜି ସତ୍ୟରେ ପରିଣତ ହୋଇଛି । ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିରେ ପ୍ରଭୁଙ୍କ ଚରଣାମୃତ ପ୍ରାପ୍ତ ହୋଇ ବ୍ରହ୍ମର୍ଷିମାନଙ୍କ ବିଚ୍ଛେସ୍ଥଳୀ ଏହି ପବିତ୍ର ସ୍ଥାନରେ ୧୪୦୭ ସାଲ ମୀନ ଦି ୧୨ନ ଶୁଭ ପଞ୍ଚମୀ ତିଥିରେ ଋଷିମାନଙ୍କର ପ୍ରାପ୍ତ ବରର ଉଦ୍‌ଯାପନ ଉତ୍ସବ ଆରମ୍ଭ ହୋଇଛି । ମହାପୁରୁଷଙ୍କ ବର୍ଣ୍ଣିତ ସେହି ପୁରୁଷୋତ୍ତମ ଯୁଗବାଦନ ଅନ୍ତିମ ପର୍ଯ୍ୟାୟରେ ପୁନର୍ବାର ଆବିର୍ଭାବ ହୋଇ ପୀଠଟିର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାର ସଂକଳ୍ପ ନେଇ ନିଜର ପୂର୍ବଯୁଗ ବଚନ ରକ୍ଷା କରିଛନ୍ତି ।

ଏହି ଅବସରରେ ଉକ୍ତ ପବିତ୍ର ସ୍ଥାନରେ ଉପସ୍ଥିତ, ଅନୁପସ୍ଥିତ ସମସ୍ତ ସଦାତ୍ମା, ଦିବ୍ୟାତ୍ମାମାନଙ୍କର ସର୍ବମଙ୍ଗଳ ପାଇଁ ଶ୍ରୀପଦପଙ୍କଜରେ ଆମର ପ୍ରାର୍ଥନା ନିବେଦନ କରୁଛୁ । ସମସ୍ତଙ୍କର ସମସ୍ତ ସୁକାମନା ପୂର୍ଣ୍ଣ ହେଉ । ମଙ୍ଗଳମୟଙ୍କ ମଙ୍ଗଳଇଚ୍ଛା ପୂର୍ଣ୍ଣ ହେଉ ।

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

# ଆଶ୍ରମ ସନ୍ଦେଶ

ତା୧୦.୨.୨୦୦୦ରିଖ - ଗୁରୁବାର - ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଶ୍ରୀପଞ୍ଚମୀ ତିଥିରେ ବାଗ୍‌ଦେବୀ ସରସ୍ୱତୀ ପୂଜା ଯଥାବିଧି ପାଳନ ଓ ଆଏଣ୍ଡାର ଗୁରୁଭାଇ ବାବାଜୀ ଚରଣ ସାହୁଙ୍କ ବାସଭବନରେ ବାର୍ଷିକ ନାମ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଅଛି ।

ତା୧୨.୨.୨୦୦୦ରିଖ - ଶନିବାର - ସଠିଲୋର ଗୁରୁଭାଇ ନୟନ କିଶୋର ମହାନ୍ତିଙ୍କ ବାସଗୃହ ପରିସରରେ ବାର୍ଷିକ ନାମ ଯଥାବିଧି ଅନୁଷ୍ଠିତ ହୋଇଅଛି ।

ତା୧୩.୨.୨୦୦୦ରିଖ - ରବିବାର - ଦେହଳି ସ୍କୁଲ ନିକଟରେ ରହୁଥିବା ଗୁରୁଭାଇ ପ୍ରିୟନାଥ ସାହୁଙ୍କର ଅସ୍ଥାୟୀ ବାସଭବନରେ ବାର୍ଷିକ ନାମ ପାଳିତ ହୋଇ ଯାଇଅଛି ।

ତା୧୬.୨.୨୦୦୦ରିଖ - ବୁଧବାର - ଖଇରା ଶାଖାର କେତନ ବାର୍ଷିକ ଉତ୍ସବ ଓ ସତ୍‌ସଂଗ ଅନୁଷ୍ଠାନ ନିରାଡ଼ମ୍ବର ଭାବରେ ଶାଖା ପରିସରରେ ଉଦ୍‌ଯାପିତ ହୋଇଅଛି ।

ଆଜିଠାରୁ ଆରମ୍ଭ ହୋଇ ତା୨୦.୨.୨୦୦୦ରିଖ - ରବିବାର ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ଷଡ଼ଙ୍ଗୀଠାରେ ତ୍ରିଶକ୍ତିପୂଜା/ଯଜ୍ଞାନୁଷ୍ଠାନ/ସନାତନୀ କେତନ ସତସଂଗ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି ॥

ଆଜି ମହାଜନପୁରଠାରେ ଆଞ୍ଚଳିତ ବାର୍ଷିକ ସତସଂଗ ନିରାଡ଼ାମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଛି ॥

ତା୧୭.୨.୨୦୦୦ରିଖ - ଗୁରୁବାର - ସାହାପୁର ଗୁରୁଭାଇ ବଂଶୀଧର ବେହେରାଙ୍କ ବାସଭବନର ପରିସରରେ ବାର୍ଷିକି ପାରିବାରିକ ସତ୍‌ସଂଗ ନିରାଡ଼ମ୍ବର ଭାବରେ ଅନୁଷ୍ଠିତ ହୋଇଯାଇଅଛି ।

ତା୧୯.୨.୨୦୦୦ରିଖ - ଶନିବାର - ଜଗଦ୍‌ପୁର ଶାଖାର କେତନ ବାର୍ଷିକ ସତ୍‌ସଂଗ ଉତ୍ସବ ଯଥାବିଧି ପାଳନ କରାଯାଇଅଛି ।

ତା୨୨.୨.୨୦୦୦ରିଖ - ମଙ୍ଗଳବାର - ଗୋବିନ୍ଦପୁରର ଗୁରୁଭାଇ କୈଳାସ ଚନ୍ଦ୍ର ଜେନାଙ୍କ ବାସଭବନରେ ବାର୍ଷିକ ନାମ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

ତା୨୩.୨.୨୦୦୦ରିଖ - ବୁଧବାର - ବାଲିକଣର ଗୁରୁଭାଇ ରମେଶଚନ୍ଦ୍ର ରାଉତରାୟଙ୍କ ବାସଭବନ ପରିସରରେ ବାର୍ଷିକ ନାମ ସଂକୀର୍ତ୍ତନ ଯଥାବିଧି ଅନୁଷ୍ଠିତ ହୋଇଯାଇଅଛି ।

ତା୨୫.୨.୨୦୦୦ରିଖ - ଶୁକ୍ରବାର - ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ ବିଭିନ୍ନ ଶାଖାର ପୂଜକ/ସହପୂଜକମାନଙ୍କୁ ୩ୟ ପର୍ଯ୍ୟାୟ ପୂଜାଶିକ୍ଷା ଆରମ୍ଭ ହୋଇଅଛି ।

ତା୧.୩.୨୦୦୦ରିଖ - ବୁଧବାର - ବେଲରପାର ଗୁରୁଭାଇ ଚନ୍ଦ୍ରମଣି ତିୱାରୀଙ୍କ ବାସଭବନ ପରିସରରେ ବାର୍ଷିକ ନାମ ସଂକୀର୍ତ୍ତନ ଯଥାବିଧି ଅନୁଷ୍ଠିତ ହୋଇଅଛି ।

ତା୨.୩.୨୦୦୦ରିଖ - ଗୁରୁଭାଇ - ବେଲରପାର ଗୁରୁଭାଇ ଗୋବିନ୍ଦ ବହିରାଙ୍କ ବାର୍ଷିକଙ୍କ ନାମ, ବ୍ରାହ୍ମଣୀ ଶାଖାର ଗୁରୁଭାଇ ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କ ବାସଭବନ ପରିସରରେ ପାରିବାରିକ ସତ୍‌ସଂଗ ଏବଂ ନୂତନ ଗୃହ ପ୍ରତିଷ୍ଠା ସଂଘୀୟ ବିଧିବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଅଛି ।

| | |
|---|---|
| ତା୪.୩.୨୦୦୦ରିଖ - | ଶନିବାର - ସିଲ୍ଦା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଅଛି । |
| ତା୯.୩.୨୦୦୦ରିଖ - | ଗୁରୁବାର - ଭରତପୁର ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଅଛି । |
| ତା୧୦.୩.୨୦୦୦ରିଖ - | ଶୁକ୍ରବାର - ମାଳଶାସନ ଶାଖାର ବାର୍ଷିକ ଉତ୍ସବ ଓ ମୟୂରଭଞ୍ଜର ଡେଭା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳନ କରାଯାଇଅଛି । |
| ତା୧୧.୩.୨୦୦୦ରିଖ - | ଶନିବାର - ପୁରୁଷୋତ୍ତମପୁରର ଗୁରୁଭାଇ କୈଳାସ ମହାନ୍ତି ଓ ପୀତବାସ ମହାନ୍ତିଙ୍କ ବାସଭବନ ପରିସରରେ ବାର୍ଷିକ ନାମ ଅନୁଷ୍ଠିତ ହୋଇଅଛି । |
| ତା୧୩.୩.୨୦୦୦ରିଖ - | ସୋମବାର - ପିଠାପଡ଼ା ଶାଖାର ବାର୍ଷିକ ଉତ୍ସବ, ମୟୁରଭଞ୍ଜ ଜିଲ୍ଲାର ଜାମୁନାଳିଆ ଶାଖାର କେତନ ବାର୍ଷିକ ଉତ୍ସବ ପାଳିତ ହୋଇଅଛି । |
| ତା୧୫.୩.୨୦୦୦ରିଖ - | ବୁଧବାର - ଫଗୁଦଶମୀ - ବେଲରପା ଶାଖାର କେତନ ବାର୍ଷିକ ଉତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା୧୯.୩.୨୦୦୦ରିଖ - | ରବିବାର - ଫଗୁ ଚତୁର୍ଦ୍ଦଶୀ - ବାରିପଦା ଶାଖାର ପ୍ରଥମ କେତନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା୨୧.୩.୨୦୦୦ରିଖ - | ବୁଧବାର - ହୋଲି - ସିପୁରାର ଗୁରୁଭାଇ କାଶୀନାଥ ଜେନାଙ୍କ ବାସଭବନରେ ଠାକୁରଙ୍କ ସଦୟ ଉପସ୍ଥିତିରେ ପ୍ରତିବର୍ଷ ଭଳି ହୋଲି ଉତ୍ସବ ପାଳନ କରାଯାଇଅଛି । |
| ତା୨୩.୩.୨୦୦୦ରିଖ - | ଗୁରୁବାର - ଟେନ୍ସା ଶାଖାର କେତନ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଅଛି । |
| ତା୨୫.୩.୨୦୦୦ରିଖ - | ଶନିବାର - ପଦ୍ମପୁର ଶଖାର କେତନ ବାର୍ଷିକ ଉତ୍ସବ ଓ ଆଜିଠାରୁ ତା ୨୯.୩.୨୦୦୦ରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ତୃମ୍ବକ ସ୍ମାରକ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ଚଦୋପୁର ଶାଖାର କେତନ ସତ୍‌ସଂଗ ଗଜପତି ଜିଲ୍ଲାର ଚମ୍ପାପୁରଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । |
| ତା୨୭.୩.୨୦୦୦ରିଖ - | ସୋମବାର - ବାଉରୀପଦା ଶାଖାର କେତନ ବାର୍ଷିକ ଉତ୍ସବ ନରାଡ଼ମ୍ବର ଭାବରେ ପାଳନ କରାଯାଇଅଛି । |
| ତା୨୮.୩.୨୦୦୦ରିଖ - | ମଙ୍ଗଳବାର - ବାଲିଆଗୋଡ଼ା ଶାଖାର କେତନ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । |
| ତା୨୯.୩.୨୦୦୦ରିଖ - | ବୁଧବାର - ଓଡ଼ାସିଂହ ଆଞ୍ଚଳିକ ଶାଖାର କେତନ ବାର୍ଷିକ ଉତ୍ସବ ପାଳନ କରାଯାଇଅଛି । |
| ତା୩୧.୩.୨୦୦୦ରିଖ - | ଶୁକ୍ରବାର - ପୁଟୁଗାଁ ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇ ଯାଇଅଛି । |

***

ଉଆଁସରେ ଚାନ୍ଦ ଦେଖିଲୁରେ ଧନ ମନ ତୋ' ମାନିଲା ନାହିଁ ।
ବିଶ୍ୱ କଲ୍ୟାଣରେ ଲାଗିଲୁରେ ଧନ ଚିନ୍ତାକରୁ କାହିଁ ପାଇଁ ??

ଆମର ଲକ୍ଷ୍ୟ : ଚରମପ୍ରାପ୍ତି